NITIDIN

# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SUNDAY
28 JUNE 2026
ରବିବାର
୨୮ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 ● ISSUE 28 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ ● ସଂଖ୍ୟା ୨୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




“ ସମୃଦ୍ଧ ଓଡ଼ିଶାରେ ଆମର ମା’ମାନେ ବିକାଶର ନେତୃତ୍ୱ ନେବେ
-ମୁଖ୍ୟମନ୍ତ୍ରୀ

ପୃଷ୍ଠା-୩

**ସୋମବାର ଦେବସ୍ନାନ ପୂର୍ଣ୍ଣିମା**

# ପ୍ରସ୍ତୁତି ଚୂଡ଼ାନ୍ତ, ସୁରକ୍ଷା କଡ଼ାକଡ଼ି

**ପୁରୀ,୨୭।୬/ଏନ୍‌ଏନ୍‌ଏସ୍:**

ଦିନକ ପରେ ଅର୍ଥାତ ଆସନ୍ତା ସୋମବାର ମହାପ୍ରଭୁଙ୍କ ସ୍ନାନ ଯାତ୍ରା। ଦଇତା ପ୍ରବେଶ ସହ ଦେବସ୍ନାନ ପୂର୍ଣ୍ଣିମା ନୀତି ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ନୀତିକାନ୍ତିକୁ ଶୃଙ୍ଖଳିତ କରି ଠିକ୍ ସମୟରେ ସ୍ନାନ ଓ ହାତୀବେଶ ସଂପନ୍ନ, ଅନ୍ୟପଟେ ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ - ଏ ସବୁ ଲାଗି ଦିନରାତି ଏକ୍ କରିଦେଇଛି ଶ୍ରୀମନ୍ଦିର ପ୍ରଶାସନ।

ସ୍ନାନ ମଣ୍ଡପରେ ଦିବ୍ୟସ୍ନାନ କରି ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ। ଏଥିପାଇଁ ଶନିବାର ସକାଳୁ ସରିଛି ଦଇତା ପ୍ରବେଶ ନୀତି। ପରମ୍ପରା ଅନୁଯାୟୀ ସମସ୍ତ ଦଇତାପତି ଗୋଷ୍ଠୀଗତ ଭାବେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଶନିବାର ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଦଇତାପତିଙ୍କର ରହିଛି ଗୋଷ୍ଠୀଗତ ସେବା।



ମହାପ୍ରଭୁଙ୍କ ଶ୍ରୀଅଙ୍ଗ ରକ୍ଷକ ହେଉଛନ୍ତି ଦଇତାପତି ସେବକ। ଘୋଷଯାତ୍ରାର ପରମ୍ପରା ମୁତାବକ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା (ସ୍ନାନଯାତ୍ରା)ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଏମାନଙ୍କ ଦ୍ୱାରା ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପନ୍ନ ହେବ। ମହାପ୍ରଭୁଙ୍କ ଗୁପ୍ତ ସେବା କରିବା ପାଇଁ ଆଜି ତ୍ରୟୋଦଶୀ ତିଥିରେ ଦଇତାମାନେ ମନ୍ଦିର ପ୍ରବେଶ କରିଛନ୍ତି। ମଙ୍ଗଳ ଆଳତି ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦଇତାପତି ସେବକମାନେ ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ନବଯୌବନ ଦର୍ଶନ, ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନୀଳାଦ୍ରି ବିଜେର ସମସ୍ତ ନୀତି ନିର୍ବାହ କରିବାର ପ୍ରଥା ରହିଛି। ଦଇତା ପ୍ରବେଶ ପରେ ରବିବାର

**ସରିଲା ଦଇତା ପ୍ରବେଶ ନୀତି**
**ଆଜି ସେନାପଟା ଲାଗି ନୀତି**

ଶ୍ରୀଜିଉଙ୍କ ବଡ଼ସିଂହାର ଭୋଗ, ପହୁଡ଼ ଆଳତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖକୁ ଶ୍ରୀମୁଖ ଖଣ୍ଡୁଆରେ ଢାଙ୍କି କରାଯିବ। ବଡ଼ସିଂହାର ପରେ ଦଇତା ସେବକମାନେ ପ୍ରଭୁଙ୍କ ବାହୁଟକଣ୍ଠ ନୀତି ସମ୍ପାଦନ କରିବେ। ପରେ କୋଠ ସୁଆସିଆଁ ସେବକମାନେ ରତ୍ନ ସିଂହାସନରେ ▶▶ ୫

## ଶ୍ରୀଜିଉଙ୍କ ଦର୍ଶନ ୧୪ ଘଣ୍ଟା ବନ୍ଦ



ଶ୍ରୀମନ୍ଦିରରେ ପ୍ରାୟ ୧୪ ଘଣ୍ଟା ଧରି ବନ୍ଦ ରହିବ ସର୍ବସାଧାରଣ ଦର୍ଶନ। ଶନିବାର ରାତି ସାଢ଼େ ୧୦ଟାରୁ ଆସନ୍ତାକାଲି ଅର୍ଥାତ ରବିବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ଦର୍ଶନ ବନ୍ଦ ରହିବ। ସୋମବାର ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ପୂର୍ବ ପ୍ରସ୍ତୁତି ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ▶▶ ୫

**ଗ୍ୟାସ୍ ଲିକ୍ ଟ୍ରାଜେଡି**

## ଏନ୍‌ଏଚ୍‌ଆର୍‌ସିଙ୍କ ହସ୍ତକ୍ଷେପ

**ଭୁବନେଶ୍ୱର,୨୭।୬/ଏନ୍‌ଏନ୍‌ଏସ୍:**

ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଘଟିଥିବା ଭୟାବହ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣା ଏବେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)ଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଘଟଣାରେ ୧୨ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ପରେ ଏନ୍‌ଏଚ୍‌ଆର୍‌ସି ସ୍ୱତନ୍ତ୍ର ମାମଲା ରୁଜୁ କରି ତାମିଲନାଡୁର ମୁଖ୍ୟ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ବିସ୍ତୃତ ରିପୋର୍ଟ ତଲବ କରିଛି। କୋରାପୁଟର ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ▶▶ ୫

**ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ତାମିଲନାଡୁ ସରକାରଙ୍କୁ ରିପୋର୍ଟ ତଲବ**

**ଚନ୍ଦ୍ରିକା ମୃତ୍ୟୁ ମାମଲା**

## ଭୀମସେନ ଟୁଡୁ ଚାକିରିରୁ ବିଦା

**ଭୁବନେଶ୍ୱର,୨୭।୬/ଏନ୍‌ଏନ୍‌ଏସ୍:**

ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ଶନିବାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତାଙ୍କ ମୃତ୍ୟୁ ମାମଲାରେ ପୁଲିସ୍ ପୂର୍ବରୁ ପ୍ରେମିକ ତଥା ନୂଆ କରି ନିଯୁକ୍ତି ପାଇଥିବା ଓଟିଏଏସ ଅଧିକାରୀ ଭୀମସେନ ଟୁଡୁଙ୍କୁ ଗିରଫ କରିଥିଲା। ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସ୍ ମଧ୍ୟ କହିଥିଲା। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ ଯେ, ନୂଆ କରି ଓଟିଏଏସ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଙ୍ଗ୍ ସମୟରେ ୨୦୨୬ ଜୁନ୍ ୪



ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି।

ପ୍ରକାଶ ଯେ ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ଦୀର୍ଘ ୧୫ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ସେମାନେ ୨୦୨୭ ଡିସେମ୍ବରରେ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ। ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ସୃଷ୍ଟି ହୋଇଥିଲା ଫାଟ। ଚନ୍ଦ୍ରିକାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ଭୀମସେନ। ସେଥିପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମା’ ଏତଲାରେ ଉଲ୍ଲେଖ କରିଥିଲେ। ଘଟଣା ଦିନ ଚନ୍ଦ୍ରିକା ଏକ ଓଲା କ୍ୟାବରେ ତ୍ରିଶୁଳିଆ ନିକଟକୁ ଆସିଥିଲେ। ଏହା ପରେ ନିଜ ଫୋନରୁ ବାରମ୍ବାର ଭୀମସେନଙ୍କୁ କଲ୍ କରିଥିଲେ। କିନ୍ତୁ ଭୀମସେନ ଫୋନ୍ ଉଠାଇ ନ ଥିଲେ। ଭୀମସେନ ତାଙ୍କ ଫୋନ୍ ▶▶ ୫

**ମହାନଦୀ ଜଳ ବିବାଦ**

## ସମାଧାନ ଖୁବ୍ ଶୀଘ୍ର

**ଭୁବନେଶ୍ୱର,୨୭।୬/ଏନ୍‌ଏନ୍‌ଏସ୍:**

ଖୁବ୍ ଶୀଘ୍ର ସମାଧାନ ହେବ ମହାନଦୀ ଜଳ ବିବାଦ। ଦୀର୍ଘଦିନ ଧରି ମହାନଦୀ ପାଣିକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଚାଲିଥିବା କନ୍ଦଳର ଅନ୍ତ ଘଟିବ। ଏହାସହ ଦୁଇ ରାଜ୍ୟ ମଧ୍ୟରେ ସଚିବସ୍ତରୀୟ ବୈଠକ ବସିବା ନେଇ



**ରିପୋର୍ଟ ଦାଖଲ କଲେ ଯୁଗ୍ମ ବୈଷୟିକ ଟିମ୍**
**୧୧ରେ ପରବର୍ତ୍ତୀ ଶୁଣାଣି**

ସୂଚନା ଦେଇଛନ୍ତି ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ। ଶନିବାର ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିଛନ୍ତି ଯୁଗ୍ମ ବୈଷୟିକ ଟିମ୍। ଆଗାମୀ ଦିନରେ ଦୁଇ ରାଜ୍ୟ ଭିତରେ ସଚିବସ୍ତରୀୟ ବୈଠକ ହେବ। ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ▶▶ ୫

## ଯୁବତୀଙ୍କୁ ଜାଳିଦେଲା ଯୁବକ

**ରାଉରକେଲା,୨୭।୬/ଏନ୍‌ଏନ୍‌ଏସ୍:**

ଏକ ତରଫା ପ୍ରେମର କରୁଣପରିଣତି ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଜଲ୍ଲାଦ ଯୁବକର ନାରକୀୟ କାଣ୍ଡକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଜଣେ ୨୬ ବର୍ଷୀୟ ଯୁବତୀ ଗତକାଲି ରାତିରେ ଘରେ ଶୋଇଥିଲେ। ପ୍ରବଳ ଗରମ ଯୋଗୁଁ ଘରର ଝରକା ଖୋଲା ଥିଲା। ଝରକା ଖୋଲା ଥିବାର ସୁଯୋଗ ନେଇ ଅଧରାତିରେ ଯୁବକ ଜଣକ ପହଞ୍ଚି ଥିଲା। ପ୍ରେମ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିବା ଯୁବତୀଙ୍କ ଉପରେ ହତାସ ପ୍ରେମିକ ପେଟ୍ରୋଲ ଢାଳିବା ପରେ ନିଆଁ ଲଗାଇ ଦେଇଥିଲା। ବିଶ୍ରାର ସନ୍ତୋଷପୁର ଅଞ୍ଚଳରେ ଘଟିଥିବା ଏହି ଅମାନବୀୟ ଘଟଣା ଯୋଗୁଁ ଯୁବତୀଙ୍କ ଶରୀରର ୭୦ ପ୍ରତିଶତ ଜଳି ଯାଇଛି। ପେଟ୍ରୋଲ ନିଆଁରେ ଜଳି ଯାଇଥିବା ଯୁବତୀଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମ୍ବଲପୁର ଜିଲ୍ଲା ବୁର୍ଲାସ୍ଥିତ ଭୀମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଯୁବତୀଙ୍କୁ ରାଉରକେଲାର ଏକ ଘରୋଇ



**ଶୋଇଥିବା ବେଳେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଲା**

ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାକୁ ନେଇ ବିଶ୍ରା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ଗିରଫ ହୋଇଥିବା ସୂଚନା ମିଳିଛି। ତେବେ ପ୍ରକୃତରେ ଏହା ପଛରେ କିଏ ଅଛି, ପ୍ରେମ ପ୍ରତ୍ୟାଖ୍ୟାନ ହିଁ କାରଣ ନା ଅନ୍ୟ କୌଣସି ଷଡ଼ଯନ୍ତ୍ର, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

## ମା’, ଝିଅଙ୍କୁ ହତ୍ୟା

**ଠାକୁରମୁଣ୍ଡା,୨୭।୬/ଏନ୍‌ଏନ୍‌ଏସ୍:**

ମୟୂରଭଞ୍ଜ ମହୁଲଡିହା ଥାନା ଅନ୍ତର୍ଗତ ତରାମରା ଗ୍ରାମପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀସାହିରେ ମା’ ଏବଂ ଝିଅଙ୍କୁ ହତ୍ୟା କରାଯାଇଛି। ସେମାନେ ହେଲେ ସୀତାମଣି ଟୁଡୁ (୩୦) ଏବଂ ଜବାମଣି ଟୁଡୁ (୮)।

ସୂଚନା ଅନୁସାରେ ଡକେଇପାଳ ଗ୍ରାମର ଚୈତନ୍ୟ ଟୁଡୁ( ୩୫) ଆଜି ଦିନ ୧୦ଟା ବେଳେ କୋଦାଳ ପଜାଇବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲେ। ସେ ଦିନ ୨ଟାରେ ଘରକୁ ଫେରିଲା ବେଳକୁ ସବୁ କବାଟ ବନ୍ଦ ଥିବା ଦେଖି କବାଟ ବାଡ଼େଇ ଥିଲେ। ଶୋଇବା ଘର ଭିତର ପଟୁ ବନ୍ଦ ଥିଲା। ସ୍ତ୍ରୀ ନଶୁଣିବାରୁ ଏହା ପରେ ସେ ସିଡ଼ି ଲଗାଇ ସ୍କାଏଲାଇଟ ପଟେ ଉଠି ଦେଖିଥିଲେ ଯେ ସୀତାମଣି ଏବଂ ଜବାମଣି ଶୋଇଛନ୍ତି। ଭିତର ପଟୁ କବାଟ ଖୋଲି ଦେଖନ୍ତିତ ଝିଅର ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ମୃତ୍ୟୁ ହୋଇଛି। ସେ ୨ ଜଣକଙ୍କୁ ଲୁଗା ଢାଙ୍କି ଦେଇଥିଲେ। ଝିଅ ଜବାମଣୀ ଟୁଡୁ ପାରାଦୀପସ୍ଥିତ ଏକ ଆଶ୍ରମ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲା। ଖବର ପାଇ କରଞ୍ଜିଆ ▶▶ ୫

**ଶାନ୍ତି ଚୁକ୍ତି ବିପଦରେ, ବିଶ୍ୱ ସମୁଦାୟ ଚିନ୍ତାରେ**

## ଇରାନ୍ ଉପରେ ପୁଣି ଆମେରିକାର ଆକ୍ରମଣ



**ତେହରାନ୍,ୱାଶିଂଟନ, ୨୭।୬/ଏଜେନ୍ସି:**

ଉଭୟ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ନେଇ ଦାବି କରାଯାଉଥିବା ସତ୍ତ୍ୱେ ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳୁଛି, ଯାହାକି ଦୁଇ ଦେଶ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ଆମେରିକା ଶୁକ୍ରବାର ବିଳମ୍ବିତ ରାତିରେ ଇରାନ ଉପରେ ପ୍ରାୟ ଏକ ଘଣ୍ଟା ଧରି ଆକ୍ରମଣ କରିଛି। ଆମେରିକୀୟ ସେନା ଇରାନ୍‌ର ମିସାଇଲ୍-ଡ୍ରୋନ୍ ଘାଟି ଏବଂ ଉପକୂଳ ରଡ଼ାର୍ ସାଇଟ୍‌ଗୁଡ଼ିକୁ ଟାର୍ଗେଟ୍ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସିଜ୍‌ଫାୟାର୍ (ଯୁଦ୍ଧବିରତି) ଭାଙ୍ଗିଛି, ସେଥିପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆମେରିକୀୟ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ୨୫ ଜୁନ୍‌ରେ ଇରାନ ହର୍ମୁଜ୍ ଷ୍ଟ୍ରେଟ୍‌ରେ ସିଙ୍ଗାପୁରର କାର୍ଗୋ ଜାହାଜ ‘ଏମଭି ଏଭର୍ ଲଭଲି’ ଉପରେ ଡ୍ରୋନ୍ ଆକ୍ରମଣ କରିଥିଲା। ଏହାର ଜବାବରେ ଇରାନ୍ ଉପରେ ଏହି ଆକ୍ରମଣ କରାଯାଇଛି। ଅନ୍ୟପକ୍ଷେ ଆମେରିକାର ଏହି ବିବୃତ୍ତି ସାମ୍ନାକୁ ଆସିବା ପରେ ପରେ ଇରାନର ସରକାରୀ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ରିଭୋଲ୍ୟୁସନାରୀ ଗାର୍ଡସ (ଆଇଆର୍‌ଜିସି)ର ନୌସେନା ଦାବି କରିଛି ଯେ, ଏହା ଆମେରିକାର ଆକ୍ରମଣର ଦୃଢ଼ ଜବାବ ଦେଇଛି। ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଘାଟିଗୁଡ଼ିକୁ

**ୟୁଏସ୍ ସେନାଘାଟିଗୁଡ଼ିକୁ ଟାର୍ଗେଟ୍ କରି ଜବାବ ଦେଲା ଆଇଆର୍‌ଜିସି**

ଆଇଆରଜିସି ଟାର୍ଗେଟ୍ କରିଥିବା ଦୋହରାଇଛି।

ଇରାନ ସଂସଦର ସଦସ୍ୟ ଇବ୍ରାହିମ ଅଜିଜି ଏକ୍ସ ରେ ଲେଖିଛନ୍ତି ଯେ ଆମେରିକା ଆଉ ଥରେ ଆଲୋଚନା ମଧ୍ୟରେ ଇରାନ ଉପରେ ଆକ୍ରମଣ କରିଛି। ଆମେରିକା କଦାପି ବିଶ୍ୱାସଯୋଗ୍ୟ ନୁହେଁ। ଯୁଦ୍ଧବିରତିର ଏହି ଉଲ୍ଲଂଘନ ଆମେରିକା ପାଇଁ ପଛକୁ ହଟିବା ଏବଂ ଅନୁତାପ କରିବାର କାରଣ ସାଜିବ। ଏହିକ୍ରମେ ଇରାନ ଦିନକ ପୂର୍ବେ ଅଭିଯୋଗ କରିଛି ଯେ ଆମେରିକା ଏବଂ ଇସ୍ରାଏଲର ▶▶ ୫




### ପାଠ୍ୟପୁସ୍ତକରେ ବିଭ୍ରାଟ ସଂକ୍ରାନ୍ତ ଆଲୋଚନାଚକ୍ର

# ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇବାକୁ ଦାବି




**କଟକ,୨୭।୬/ଏନ୍ଏନ୍ଏସ୍:** ସ୍ଥାନୀୟ ଗାନ୍ଧୀ ଭବନଠାରେ ଅଲ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି, କଟକ ଜିଲ୍ଲା ପକ୍ଷରୁ 'ସ୍କୁଲ ପାଠ୍ୟପୁସ୍ତକରେ ଅସଂଖ୍ୟ ଭୁଲ ଏବଂ ଅବୈଜ୍ଞାନିକ ଓ ଅଯୌକ୍ତିକ ବିଷୟବସ୍ତୁ ପ୍ରଚଳନ' ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ବକ୍ତାମାନେ କହିଥିଲେ ଯେ ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପୁସ୍ତକ ଗୁଡିକରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ବନାନଗତ, ବ୍ୟାକରଣଗତ ଓ ତଥ୍ୟଗତ ତ୍ରୁଟି ପରିଲକ୍ଷିତ ହୋଇଛି। ଆହୁରି ମଧ୍ୟ ବହୁ ମୌଳିକ ଧାରଣାଗତ ଗୁରୁତର ତ୍ରୁଟି ମଧ୍ୟ ରହିଛି। ଅନେକ ଅବୈଜ୍ଞାନିକ ଓ ଅଯୌକ୍ତିକ ବିଷୟବସ୍ତୁକୁ ସ୍ଥାନିତ କରାଯାଇଛି। ଏପରିକି ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସଂଶୋଧିତ ତାଲିକାରେ ମଧ୍ୟ ଅସଂଖ୍ୟ ଭୁଲ୍ ରହିଛି। ଏହାଛଡା ବହୁ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ସେହି ବୟସର ପିଲା ମାନଙ୍କ ପାଇଁ ଅନାବଶ୍ୟକ ବିଷୟକୁ ଭର୍ତି କରାଯାଇ ଜ୍ଞାନାର୍ଜନର ବିଜ୍ଞାନସମ୍ମତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଛି। ଏହି ବିକୃତ, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ବିଭିନ୍ନ ସଂଗଠନମାନଙ୍କ ପକ୍ଷରୁ ଆନ୍ଦୋଳନ ଶକ୍ତିଶାଳୀ ହେବା ଏବଂ ବହୁ ଶିକ୍ଷାବିତ ଓ ବୁଦ୍ଧିଜୀବୀମାନଙ୍କ ପ୍ରତିକ୍ରିୟା ଫଳରେ ବାଧ୍ୟହୋଇ ସରକାର ଘୋଷଣା କରିଛନ୍ତି ଯେ, ତ୍ରୁଟି ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଂଟ୍ ପେଜ୍ ଓ ପ୍ରିଂଟେଡ୍ କରେକ୍ସନ୍ ସିଟ୍ ଯୋଗାଇ ଦିଆଯିବ। ମାତ୍ର ଏହା ଯେ କେତେଦୂର ଉପଯୋଗୀ ହେବ ତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏସବୁ ବିଭ୍ରାଟର ମୂଳ କାରଣ ହେଉଛି ଜାତୀୟ ଶିକ୍ଷାନୀତି ୨୦୨୦। ଏଣୁ ଏହି ଚଳିତ ବର୍ଷ ପାଇଁ ଗତ ବର୍ଷର ପାଠ୍ୟପୁସ୍ତକ ଜରିଆରେ ଶିକ୍ଷାଦାନ କରିବା, ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ପ୍ରକାଶନ କରିବା ଦିଗରେ ସରକାର ଉପଯୁକ୍ତ ପଦକ୍ଷେପ ନେବା ଏବଂ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଗଣ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଏହି ଆଲୋଚନା ଚକ୍ରରେ ଦୃଢ ମତ ପ୍ରକାଶ ପାଇଛି। ଏହି ଆଲୋଚନା ସଭାରେ କମିଟିର ରେଭେନସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସଚ୍ଚିନ୍ଦ୍ର ରାଉଳ ସଭାପତିତ୍ୱ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା କମିଟିର ରାଜ୍ୟ ସଭାପତି ଡକ୍ଟର ବିରେନ୍ଦ୍ର ନାୟକ, ଶିକ୍ଷାବିତ୍ ପ୍ରଫେସର ଖାରବେଳ ମହାନ୍ତି, ପ୍ରଫେସର ସତ୍ୟକାମ ମିଶ୍ର, ଡକ୍ଟର ଅର୍ଜୁନ ବିଶ୍ୱାଳ, ରଞ୍ଜନ କୁମାର ଲେଙ୍କା, ଡକ୍ଟର ଦେବାଶିଷ ଅଚାର୍ଯ୍ୟ, ଅଭୟ କୁମାର ସ୍ୱାଇଁ, ଡକ୍ଟର ବ୍ରଜ କିଶୋର ନାୟକ, ବିଦ୍ୟୁତ କୁମାରୀ ଲାଲା, ଜୟନ୍ତ କୁମାର ଦାସ, ଦର୍ପ ଗଞ୍ଜନ ସାହୁ, ଦେବବ୍ରତ ପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ହୃଷିକେଶ ବଳ, ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟ, ଡଃ ବିଶ୍ୱଜିତ, ଇଂ. କ୍ଷୀରୋଦ ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଚିତରଂଜନ ମହାନ୍ତି, ସୋମା ପଟ୍ଟନାୟକ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ଚିତ୍ତରଞ୍ଜନ ବଳ, କବି ଶର୍ମିଷ୍ଠା ନାଥ, ଅକ୍ଷୟ ରାଉଳ, କଷ୍ଟ ଅକାଉଟାଣ୍ଟ୍ ତରୁଣ ରାୟ, ସମାଜସେବୀ ମଞ୍ଜୁଲତା ଜେନା, ମନୋରଞ୍ଜନ ମହାରଣା, ଅଭିଭାବକ ରୀନାରଣୀ ଓଝା, ରାଜ୍ୟ କମିଟିର ଉପସଭାପତି ବିଶ୍ୱାବସୁ ଦାସ, ସମ୍ପାଦକ ସୁବାସ ନାୟକ, କମିଟିର ଜିଲ୍ଲା ସମ୍ପାଦକ ବବି ବଳବନ୍ତରାୟ,କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖଙ୍କ ସମେତ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ।

# 'ଶ୍ରୀଜଗନ୍ନାଥ ମହିଳା ସଶକ୍ତୀକରଣ ଓ ମର୍ଯ୍ୟାଦା ସୁରକ୍ଷାର ପ୍ରତୀକ'



**କଟ,୨୭।୬/ଏନ୍ଏନ୍ଏସ୍:** ଦୃଢ଼ ବିଶ୍ୱାସ ବିନା ଭକ୍ତି ଓ ଭଗବତ ପ୍ରାପ୍ତି ଅସମ୍ଭବ। ପରମାତ୍ମାଙ୍କ ଉପସ୍ଥିତି ସର୍ବତ୍ର ଓ ଉତ୍ସର୍ଗୀକୃତ ସମର୍ପଣ ଭାବ ହିଁ ମନରେ ବିଶ୍ୱାସ ଜମାଇବା ସହିତ ଭଗବତ ପ୍ରୀତି ଉପଲବ୍ଧ କରାଇବ ବୋଲି ବିଶିଷ୍ଟ ଭାଗବତ କଥା ପ୍ରବଚକ ଇନ୍ଦ୍ରେଶ ଜି ଉପାଧ୍ୟାୟଙ୍କ ପିତା ଗୁରୁ ଶ୍ରୀଠାକୁର୍ ଜି ମହାରାଜ କହିଛନ୍ତି। ସନ୍‌ସାଇନ୍ ପଡ଼ିଆରେ ଚାଲିଥିବା ଭାଗବତ ସପ୍ତାହର ଉଦ୍‌ଯାପନ ଆଶୀର୍ବଚନ ପ୍ରଦାନ କରି ଠାକୁରଜୀ ଏହା କହିଥିଲେ। ଗୁପ୍ତା ପରିବାରର ଶଙ୍କର ଗୁପ୍ତା ଓ ଦେବକୀ ନନ୍ଦନ ଯୋଶୀଙ୍କ ନିବେଦନକ୍ରମେ ଠାକୁର୍ ଜୀ ବୃନ୍ଦାବନରୁ ଆସି ଏହି ଆଧ୍ୟାତ୍ମିକ ସମାରୋହରେ ଯୋଗ ଦେଇଥିଲେ। ଭଗବତ୍ କଥାର ଅନ୍ତିମ ପର୍ଯ୍ୟାୟରେ ଇନ୍ଦ୍ରେଶ୍ ଜୀ ପୁରୀ ଜଗନ୍ନାଥ ମନ୍ଦିର ଉପରେ ମୋଗଲ ଶାସନରେ ହୋଇଥିବା ଆକ୍ରମଣ ଓ ୧୪୪ବର୍ଷ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆବିର୍ଭାବ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ମଣିଷ ଜନ୍ମ ଅତ୍ୟନ୍ତ ଦୁର୍ଲ୍ଲଭ। ଭଗବତ୍ ଭକ୍ତି ଓ ସମର୍ପଣ ପୂର୍ବକ ପରିଶ୍ରମରେ ଉପଲବ୍ଧ ସଫଳତା ହିଁ ପ୍ରକୃତ ଉପଲବ୍ଧି। ପ୍ରଭୁ ଶ୍ରୀଜଗନ୍ନାଥ ମହିଳା ସଶକ୍ତିକରଣ ଓ ମାନ ମର୍ଯ୍ୟାଦା ସୁରକ୍ଷାର ପ୍ରତୀକ। ବ୍ରଜବାସୀଙ୍କ ଶ୍ରୀକୃଷ୍ଣ ଲୀଳା ଅନନ୍ତ ଓ ଶାଶ୍ୱତ ବୋଲି ଦର୍ଶାଇ କହିଥିଲେ ଯେ ଆଜି ବି ବୃନ୍ଦାବନରେ ଭଗବାନ୍‌ଙ୍କ ଅବସ୍ଥିତି ଅନୁଭୂତି ହେଉଛି। ମଣିଷ ଜୀବିତାବସ୍ଥାରେ ନିଜର ସବୁ ଇଚ୍ଛାକୁ ସମାପ୍ତ କରି ସଂସାର ତ୍ୟାଗ କରିବା ହିଁ ପ୍ରକୃତ ମୃତ୍ୟୁ। ପ୍ରାରମ୍ଭରେ ବ୍ୟାସ ପୀଠରେ ଶ୍ରୀଜଗନ୍ନାଥଙ୍କ ଶ୍ରାଦ୍ଧ ବେଶ ଦର୍ଶନ କରିବା ପରେ ବହୁ ସାଧୁସନ୍ଥ ଓ ଗୁପ୍ତା ପରିବାର ପକ୍ଷରୁ ସଜନ ଗୁପ୍ତା, ଶଙ୍କର ଗୁପ୍ତା, ସୁନିଲ ଗୁପ୍ତା ଓ ଅନିଲ ଗୁପ୍ତା ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# କଟକ-ଚୌଦ୍ୱାର କଂଗ୍ରେସର କୋର୍ଡିନେଶନ୍ କମିଟି ଗଠିତ

**କଟକ,୨୭।୬/ଏନ୍ଏନ୍ଏସ୍:** କଟକ ଚୌଦ୍ୱାର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ନଗର ସଂଗଠନରେ ଯାଉଥିବା ୨୧ଟି ୱାର୍ଡକୁ ନେଇ କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ଶାନ୍ତାୟନ ମିଶ୍ର ଏକ କୋର୍ଡିନେସନ କମିଟି ଗଠନ କରିଛନ୍ତି। ଏହି କମିଟିରେ ୫ଜଣ ମୁଖ୍ୟ ସଂଯୋଜକ ଥିବାବେଳେ ବାକି ୧୬ଜଣ ସଦସ୍ୟ ରହିଛନ୍ତି। ଏହି କମିଟି ନିର୍ବାଚନ ମଣ୍ଡଳୀର କଟକ ନଗରରେ ଯାଉଥିବା୨୧ଟି ୱାର୍ଡ ଗ୍ରସ୍ତ କରି କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିବେ ଓ ୱାର୍ଡ ୱାରୀ ବୈଠକ କରାଇବେ। ୱାର୍ଡ କମିଟି ଗଠନ,ବ୍ଲକ୍ ଗଠନ ଇତ୍ୟାଦି କାର୍ଯ୍ୟ ପାଇଁ ସୁପାରିସ କରିବେ। ଏହି କମିଟିରେ ବରିଷ୍ଠ ଓ ଅଭିଜ୍ଞତା ଓ ଦକ୍ଷତାକୁ ଆଧାର କରି ୫ଜଣ ମୁଖ୍ୟ ସଂଯୋଜକ ଭାବେ ମାନସ ପରିଡ଼ା, ହରିଶଙ୍କର ରାଉତ, ଉତ୍ତମ ବେହେରା, ସୁକାନ୍ତ ସାହାଣୀ ଓ ଅଲେଖ ଚନ୍ଦ୍ର ବେହେରା ରହିଥିବା ବେଳେ ସଦସ୍ୟ ଭାବରେ ବିଷ୍ଣୁ ଚରଣ ମଲ୍ଲ, ନିରଞ୍ଜନ ଦାସ, ସ୍ନେହଲତା ଚୌଧୁରୀ, ଦିଲ୍ଲୀପ ଦଳାଇ, ଜ୍ଞାନେଶ୍ବୁ ନାୟକ,ସୁନୀଲ ପଣ୍ଡା,ପ୍ରଶାନ୍ତ ଭୋଇ,ଅଶୋକ ନାୟକ, ସଚ୍ଚିଦାନନ୍ଦ ରାଉତ, ପ୍ରଦୀପ ପ୍ରଧାନ, ପ୍ରକାଶ ମୁଦୁଲି, ଜଗନ୍ନାଥ ସିହ୍ନା, ଦୀପକ ସାହୁ, ଶଶିଭୂଷଣ ଦଳାଇ, ଲିପୁଲ୍ ରାଉତ୍ ଓ ସୌମ୍ୟରଞ୍ଜନ ଛାଟୋଇ ପ୍ରମୁଖ ରହିଛନ୍ତି।ଏଥି ସହିତ ଏହି ଅଞ୍ଚଳର କଂଗ୍ରେସର ଲୋକପ୍ରତିନିଧି, ପିସିସି କର୍ମକର୍ତ୍ତା ସଦସ୍ୟ ଭାବରେ ରହିବେ ବୋଲି ନଗର କଂଗ୍ରେସ ପକ୍ଷରୁ ଏକ ବିବୃତ୍ତିରେ ସୂଚନା ଦିଆଯାଇଛି।

# ଏନ୍ଏସ୍ଏସ୍ ରାଜ୍ୟ ସଂହତି ଶିବିର ଉଦ୍‌ଯାପିତ




**କଟକ,୨୭।୬/ଏନ୍ଏନ୍ଏସ୍:** ଏନ୍ଏସଏସ ରାଜ୍ୟ ସଂହତି ଶିବିରର ଉଦ୍‌ଯାପନୀ ଦିବସରେ ଯୋଗାଭ୍ୟାସରୁ କାର୍ଯ୍ୟକ୍ରମ ଆରମ୍ଭ ହେବାପରେ ସ୍ୱେଚ୍ଛାସେବୀଙ୍କର ପ୍ରେରଣା ପାଇଁ ବ୍ରେନଷ୍ଟେନ୍‌ର ନିର୍ଦ୍ଦେଶକ ଡ଼ଃ ଅଶୋକ ମଙ୍ଗରାଜ ସଭାକୁ ଉଦ୍‌ବୋଧନ ଦେଇଛନ୍ତି। ସେ କହିଥିଲେ ଯେ ସଫଳତା କେବଳ ଟଙ୍କା ରୋଜଗାରରେ ସୀମିତ ନ ହୋଇ ଆଧ୍ୟାତ୍ମିକ ଏବଂ ସାମାଜିକ ସଫଳତା ପର୍ଯ୍ୟନ୍ତ ପ୍ରସାରିତ ହେବା ଜରୁରୀ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ସାଇବର୍ ସିକ୍ୟୁରିଟି ଗବେଷକ ବିନାୟକ ସାହୁ ଅନଲାଇନ୍ ଠକାମିରୁ ସୁରକ୍ଷା ପାଇବା ଦିଗରେ ମାର୍ଗଦର୍ଶନ କରାଇଥିଲେ। ପରେ ପରେ ୟୁଥ୍ ଅଫିସର ଅଜିତ୍ କୁମାର 'ମାଇଁ ଭାରତ' ପୋର୍ଟାଲ ସମ୍ବନ୍ଧରେ ଉପସ୍ଥିତ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। ଅପରାହ୍ଣରେ ସମାପନ ସମାରୋହ ଆୟୋଜନ ହୋଇଥିଲା। ସଭା ଆରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଚିରଞ୍ଜୀବ ମହାପାତ୍ର ସ୍ୱାଗତ ସମ୍ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍ଏସଏସର ସଂଯୋଜକ ଡ଼ଃ ବିଶ୍ୱମୋହନ ଜେନା ଏହି ୫ ଦିନିଆ ଶିବିରର ଉପଲବ୍ଧିମାନ ବର୍ଣ୍ଣନା କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ଼ଃ ଯଶୋବନ୍ତ ସାମଲ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଶୁଭକାମନା ଜଣାଇଥିଲେ। ସଭାର ମୁଖ୍ୟଅତିଥି, ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ପ୍ରତିଭାଗୀମାନଙ୍କୁ ମାନସିକ ଏବଂ ନୈତିକଭାବେ ସଂସ୍କାରିତ ହେବାକୁ ଉପଦେଶ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ଅତିଥିମାନେ ବିଭିନ୍ନ ଜିଲ୍ଲାରୁ ଆସିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଫୁଲଚାରା ଏବଂ ଉତରୀୟ ଦେଇ ସମ୍ମାନିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାଶେଷରେ କଟକ ଜିଲ୍ଲାର ନୋଡାଲ ଅଫିସର ସନ୍ଧ୍ୟା ସାୟନ୍ତିନି ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

# ତାଳଦଣ୍ଡା କେନାଲ୍ ରାସ୍ତାକୁ ପୁଣି ଅକ୍ତିଆର କଲେଣି ଉଠା ଦୋକାନୀ

**କଟକ,୨୭।୬/ଏନ୍ଏନ୍ଏସ୍:** ତାଳଦଣ୍ଡା କେନାଲ ରାସ୍ତାକୁ ଦିନକୁ ଦିନ ଏହି ରାସ୍ତା ପୁଣି ଜବରଦଖଲ ହେବାରେ ଲାଗିଛି। ପୁଣି ଉଠାଦୋକାନୀ ତାଙ୍କର କାୟା ବିସ୍ତାର କରିବା ଆରମ୍ଭ କଲେଣି। ପରିବା ବ୍ୟବସାୟ ଠାରୁ ଆରମ୍ଭ କରି ଆମିଷ ବଜାର ଖୋଲିଲାଣି। ଏବେ ରାଣୀହାଟଠାରୁ ନୂଆବଜାର ପର୍ଯ୍ୟନ୍ତ ରାସ୍ତା ବ୍ୟବସାୟୀଙ୍କ କବ୍‌ଜାରେ। କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯିବା ଏବଂ ଟ୍ରାଫିକ ସମସ୍ୟା ଦୂର ପାଇଁ ରାସ୍ତା ସମ୍ପ୍ରସାରଣ ହୋଇଥିଲା ବେଳେ ଏବେ ଆମ୍ବୁଲାନ୍ସଟିଏ ବି ଯିବାକୁ ରାସ୍ତା ମିଳୁନାହିଁ। ଯୋବ୍ରାଠାରୁ ବିରିବାଟୀ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ନବୀକରଣ ସହ ଏହାର ଦୁଇ ପାର୍ଶ୍ୱ ରାସ୍ତାକୁ ସମ୍ପ୍ରସାରଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କେନାଲର ସୌନ୍ଦର୍ଯ୍ୟ ନଷ୍ଟ ହୋଇଥିବାବେଳେ ଏହାର ପାର୍ଶ୍ୱବର୍ତ୍ତୀ ରାସ୍ତା ପୁଣି ଜବରଦଖଲ ହୋଇଗଲାଣି। ମାତୃଭବନ ଠାରୁ ବିଶିନାବର ରାସ୍ତା ଉପରେ ପରିବା ବେପାରୀ ବସି ବ୍ୟବସାୟ କରୁଛନ୍ତି। ପୂର୍ବରୁ ଅଳ୍ପ ସଂଖ୍ୟକ ବ୍ୟବସାୟୀ ବସୁଥିବା ବେଳେ ଏବେ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିଭଳି କଲ୍ୟାଣୀନଗର ଠାରୁ ନୂଆବଜାର ରାସ୍ତାରେ ବି ଅନେକ ମାଛ ଏବଂ ମାଂସ ଦୋକାନ ଖୋଲିଛି। ତେଣୁ ଲୋକମାନେ ସାମଗ୍ରୀ କିଣିବାକୁ ଆସି ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଯାହାଦ୍ୱାରା ସବୁ ସମୟରେ ଟ୍ରାଫିକ ଜାମ୍ ହେଉଛି। ସାଧାରଣ ଗାଡ଼ି ଯିବାରେ ସମସ୍ୟା ଦେଖାଦେଇଛି। ବହୁ ଉଠାଦୋକାନୀଙ୍କୁ ସିଏମସି ପକ୍ଷରୁ ଦୋକାନ ଗୃହ ଯୋଗାଇ ଦିଆଯାଇଥିଲେ ବି ସେମାନେ ସେଠାରେ ବେପାର ନ କରି ରାସ୍ତା ଉପରେ ବସୁଥିବା ଅଭିଯୋଗ ହୋଇଛି। ତୁରନ୍ତ ସିଏମସି ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# 'ଛାତ୍ରୋ କି ଗୁଞ୍ଜ' ଅଭିଯାନ ସମ୍ପର୍କିତ ସମାବେଶ



**କଟକ,୨୭।୬/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟର କଂଗ୍ରେସ ସାଂଗଠନିକ ଜିଲ୍ଲା ରେ ଜନନାୟକ ରାହୁଲଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ଛାତ୍ରୋ କି ଗୁଞ୍ଜ ଅଭିଯାନ ସମ୍ପର୍କିତ ସମାବେଶ ଅନୁଷ୍ଠିତ ହେଉଥିବା ପରୀପ୍ରେକ୍ଷୀରେ କଟକ ନଗର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏହା ସ୍ଥାନୀୟ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନଗର ଜିଲ୍ଲା କଂଗ୍ରେସ ର ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଯୋଗଦେଇ ଦେଶର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ତ୍ରୁଟି ଏବଂ ପ୍ରବେଶିକା ପରୀକ୍ଷାଗୁଡ଼ିକର ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଥିବା ଭଳି ଦୁଃଖଦାୟକ ଘଟଣାଗୁଡ଼ିକ ଜନଜୀବନରେ ଗଭୀର ଆଲୋଡନ ଏବଂ ନୈରାଶ୍ୟ ସୃଷ୍ଟି କରୁଛି ବୋଲି ମତପୋଷଣ କରିଥିଲେ କରିଥିଲେ। ସଭାପତି ଶ୍ରୀ ମିଶ୍ର ରାହୁଲ ଜୀ କୋଟାଠାରେ ରଖିଥିବା ବକ୍ତବ୍ୟର ଭିଡିଓର ପ୍ରସାରଣ କରିବା ସହ ଶିକ୍ଷା ବ୍ୟବସ୍ଥାର ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପିସିସି ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ବିଶ୍ୱଜିତ ଦାସ, ବିପ୍ଳବ ଶିଳାଦିତ୍ୟ, ଆଲୋକ ପ୍ରସାଦ ନନ୍ଦ, କରୁଣାକର ରଥ, ରଞ୍ଜନ କୁମାର ନାୟକ, ଦିଲ୍ଲୀପ କୁମାର ମହାନ୍ତି, ହରିଶଙ୍କର ରାଉତ, ମାନସ ପରିଡ଼ା, ଶିବପ୍ରସାଦ ଅଗ୍ରୱାଲ, ସୋଏକ ହୁସେନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଉଦ୍‌ବୋଧନ ଦେଇ ଥିଲେ। କଂଗ୍ରେସ ନେତା ବିଶ୍ୱନାଥ ଶତପଥୀ, ପ୍ରଦୀପ କୁମାର ପ୍ରଧାନ, ଜଗନ୍ନାଥ ସାହୁ, ତୃପ୍ତି ଦାସ,ନିର୍ମଳ ସ୍ୱାଇଁ, ସନ୍ତୋଷ କୁମାର ଲେଙ୍କା, ଜଗନ୍ନାଥ ପଟ୍ଟନାୟକ ଓ ଜ୍ଞାନେଷୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଗ୍ରୀମ ବିଲ୍ ଦେଇ ବି ଅନ୍ଧାରରେ ନୟାହାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ନୟାହାଟ,୨୭।୬/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମାତ୍ର ୪୦୦୦ ଟଙ୍କା ବାକି ଥିବା ସ୍ଥଳେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତରାୟ ୯୦୦୦ ଟଙ୍କା ଅଗ୍ରୀମ ପୈଠ କରିଥିଲେ ହେଁ ବିଦ୍ୟୁତ୍ ବିଭାଗ ସ୍ମାର୍ଟ ମିଟର ଦ୍ୱାରା ଅଯଥାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଛି। ଖରାଦିନେ ସରକାରୀ ବିଦ୍ୟାଳୟରୁ ବିଦ୍ୟୁତ୍ କାଟ ନକରିବାକୁ ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ବିଭାଗର ଏଭଳି ଦାଦାଗିରି ଯୋଗୁଁ ଛାତ୍ରୀମାନେ ଅସହ୍ୟ ଗରମରେ ହଇରାଣ ହେବା ସହ ଲକ୍ଷ ଲକ୍ଷ ଟଙ୍କାର କମ୍ପ୍ୟୁଟର, ଆଧୁନିକ ବୋର୍ଡ (ସ୍ମାର୍ଟ ବୋର୍ଡ) ଓ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ପାଣି ବିନା କୌଣସି ଅଘଟଣ ଘଟିଲେ କିମ୍ବା ସ୍କୁଲରୁ କିଛି ଚୋରି ହେଲେ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ପ୍ରଧାନ ଶିକ୍ଷକ ଚେତାବନୀ ଦେଇଥିବା ବେଳେ ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ସମୟ କର ଫୋନ୍ ଯୋଗେ ବାହାରେ ଥିବା ଓ ଘଟଣାର ଅନୁଧ୍ୟାନ କରିବା ନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ନୟାହାଟ ଅଞ୍ଚଳରେ ଘନଘନ ବି ଦ୍ୟୁତ୍ କାଟ ଓ ମରାମତି ନାଁରେ ଗ୍ରାହକଙ୍କ ଠାରୁ ଅର୍ଥ ଦାବି କରିବା ନିତିଦିନିଆ ଘଟଣା ହୋଇଥିବାରୁ, ଦୀର୍ଘ ୪ ବର୍ଷ ଧରି ଏଠାରେ ରହି ମନମାନୀ ଚଳାଇଥିବା ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଭିଭାହକ ମାନେ ଦାବି କରିଛନ୍ତି।

# ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ

**ଖୋର୍ଦ୍ଧା,୨୭।୬/ଏନ୍ଏନ୍ଏସ୍:** ସ୍ଥାନୀୟ ହାବେଳୀ ପଡିଆଠାରେ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ-୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ସବୁଜ ପତାକା ଦେଖାଇ ଏକ ବିଶାଳ ଜନସଚେତନତା ରାଲିକୁ ଏବଂ ନିଶାମୁକ୍ତି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା, ଦିଲ୍ଲୀପ ହିଆଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ସଦର ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ। ଏହି ବିଶାଳ ରାଲି ହାବେଳୀ ପଡ଼ିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ସମାଜରେ ସବୁ ସ୍ତରର ଲୋକ ଓଡ଼ିଶାକୁ ତଥା ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ କରିବା ପାଇଁ ଆହ୍ୱାନ ଦେଇ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥପାଠ କରାଇଥିଲେ। ପରେ ବିଭିନ୍ନ ନିଶାମୁକ୍ତି ଅଭିଯାନରେ ଉଲ୍ଲେଖନୀୟ ସେବା ପାଇଁ ସଫଳ ବ୍ୟକ୍ତିତ୍ୱଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପରିଶେଷରେ ନିଶାମୁକ୍ତ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ଉପଲକ୍ଷେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଦିବସରେ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଂସ୍ଥାର ଖୋର୍ଦ୍ଧା ଓ ଭୁବନେଶ୍ୱର ଶାଖା ସହ ଅନେକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଯୋଗଦେଇଥିଲେ।

# ସ୍ନାନଯାତ୍ରା ଓ ଅଲାରନାଥ ଦର୍ଶନ ପାଇଁ ଭାରିଯାନ ଚଳାଚଳ ଉପରେ କଟକଣା



**ପୁରୀ,୨୭।୬/ଏନ୍ଏନ୍ଏସ୍:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଏବଂ ମହାପ୍ରଭୁ ଅଲାରନାଥଙ୍କ ଯାତ୍ରା ଅବସରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ବଡ଼ ଯାନ ତଥା ଭାରୀ ମାଲବାହୀ ଯାନ ଚଳାଚଳ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଜାରି କରିଛନ୍ତି। ମୋଟର ଯାନ ଆଇନ, ୧୯୮୮ର ଧାରା ୧୧୫ ଏବଂ ଓଡ଼ିଶା ମୋଟର ଯାନ ନିୟମାବଳୀ, ୧୯୯୩ର ନିୟମ ୧୭୩ ଅନୁଯାୟୀ ଜାରି ହୋଇଥିବା ଏହି ଆଦେଶ ଆସନ୍ତା ୩୦ ଜୁନ୍ ୨୦୨୬ ଠାରୁ ୧୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ପ୍ରଶାସନର ନିଷ୍ପତ୍ତି ମୁତାବକ, ମଙ୍ଗଳା ଘାଟ ଠାରୁ ସାତପଡ଼ା ଏବଂ ଖଜୁରିଆ ଠାରୁ ବ୍ରହ୍ମଗିରି ମାର୍କେଟ ଛକ ରୁଟ୍‌କୁ ଭାରିଯାନ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ପ୍ରତିବନ୍ଧିତ କରାଯାଇଛି। ସମସ୍ତ ଭାରୀ ଯାନ ଚାଳକ ଏବଂ ଜନସାଧାରଣଙ୍କୁ ଉକ୍ତ ସମୟରେ ବିକଳ୍ପ ମାର୍ଗ ବ୍ୟବହାର କରି ପ୍ରଶାସନକୁ ସହଯୋଗ କରିବା ପାଇଁ ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

### ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ଆତ୍ମନିର୍ଭର ଓଡ଼ିଶା ଗଠନରେ ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱ



**କଟକ,୨୭।୬/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୦୨୬' ସ୍ଥାନୀୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ରାଜ୍ୟରେ ଉଦ୍ୟୋଗିତାର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଏବଂ ସରକାରୀ ସହାୟତା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଚାଲିବ।

କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅଶ୍ୱିନୀ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍ଏସ୍ଏମ୍ଇ କ୍ଷେତ୍ର ଦେଶର ଅର୍ଥନୀତିର ମେରୁଦଣ୍ଡ ବୋଲି କହିଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନ ପକ୍ଷରୁ ଉଦ୍ୟୋଗୀମାନଙ୍କ ପାଇଁ ସହଜ ଋଣ ବ୍ୟବସ୍ଥା, ମୁଦ୍ରା ଋଣ, ଷ୍ଟାର୍ଟଅପ୍ ସହାୟତା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଉପଲବ୍ଧ କରାଯାଉଛି। ଯୁବପିଢ଼ି ଚାକିରି ଖୋଜୁଥିବା ବ୍ୟକ୍ତି ନହୋଇ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ହେବାକୁ ଆଗେଇ ଆସିଲେ ଆତ୍ମନିର୍ଭର ଭାରତ ଓ ଆତ୍ମନିର୍ଭର ଓଡ଼ିଶା ଗଠନର ଲକ୍ଷ୍ୟ ସଫଳ ହେବ। ଉଦ୍ୟୋଗିତା ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ସହ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟି ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଉଦ୍ୟୋଗୀମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା, ପୁଞ୍ଜି ବିନିଯୋଗ ସହାୟତା, ପ୍ରଶିକ୍ଷଣ ଏବଂ ବଜାର ସଂଯୋଗ ସୁବିଧା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ନୂତନ ଉଦ୍ୟୋଗୀମାନେ ସରକାରୀ ଯୋଜନାର ସଠିକ୍ ସଦ୍‌ବ୍ୟବହାର କରି ନିଜସ୍ୱ ଉଦ୍ୟମ ଆରମ୍ଭ କରିବା ସହ ରାଜ୍ୟର ଶିଳ୍ପ ବିକାଶରେ ଅବଦାନ ରଖିବାକୁ ସେ ଆହ୍ୱାନ ଜଣାଇଥିଲେ। ଡେପୁଟି କଲେକ୍ଟର ସୋଫି ସାଇନିକା ନିଜ ଅଭିଭାଷଣରେ କହିଥିଲେ ଯେ, ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ବଢ଼ାଇବା ଆବଶ୍ୟକ। ସେମାନେ ସଫଳ ଉଦ୍ୟୋଗୀ, ଶିଳ୍ପ ସଂଗଠନ ଓ ବିଶେଷଜ୍ଞଙ୍କ ସହ ନିୟମିତ ଆଲୋଚନା କରି ନୂତନ ଧାରଣା ଓ ବ୍ୟବସାୟିକ କୌଶଳ ହାସଲ କରିବା ଉଚିତ୍। ଉଦ୍ୟୋଗିତା କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ଏକ ପ୍ରଭାବଶାଳୀ ମାଧ୍ୟମ ବୋଲି ସେ କହିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ସଫଳ ଉଦ୍ୟୋଗୀ ହେବା ପାଇଁ ସକାରାତ୍ମକ ଚିନ୍ତାଧାରା, ନୂତନତ୍ୱ ଏବଂ ଯଥାସମୟରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାର ମାନସିକତା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ନିଷ୍ଠା, ପରିଶ୍ରମ ଓ ଗୁଣାତ୍ମକ କାର୍ଯ୍ୟ ହିଁ ଜଣେ ଉଦ୍ୟୋଗୀଙ୍କୁ ସଫଳତାର ଶିଖରରେ ପହଁଚାଇଥାଏ ବୋଲି ସେ ଉଲ୍ଲେଖ କରିଥିଲେ। ଏଫ୍ଆଇଇଓର କମଳ ଲୋଚନ ସାହୁ ନିଜ ବକ୍ତବ୍ୟରେ ଦେଶ ଓ ରାଜ୍ୟର ବିଭିନ୍ନ ସଫଳ ଉଦ୍ୟୋଗୀଙ୍କ ଉଦାହରଣ ଦେଇ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇଥିଲେ। କାର୍ଯ୍ୟକ୍ରମର ମଂଚ ପରିଚାଳନା ଡିଆଇପିଏ, କଟକର ସୁସ୍ନାତା ମହାନ୍ତି କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ୨୦ରୁ ଅଧିକ ଉଦ୍ୟୋଗୀଙ୍କ ଅଂଶଗ୍ରହଣରେ ଏକ ସ୍ୱତନ୍ତ୍ର ଉଦ୍ୟୋଗୀ ପ୍ରଦର୍ଶନୀର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା।

## ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# 'ସମୃଦ୍ଧ ଓଡ଼ିଶାରେ ମା'ମାନେ ବିକାଶର ନେତୃତ୍ୱ ନେବେ'

**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:** 'ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ। ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ। ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ମଧ୍ୟ ନେବେ।' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଶନିବାର ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍ଫର୍ମ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଏକ ବର୍ଷର ଆକ୍ସନ ପ୍ଲାନ୍ର ମଧ୍ୟ ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି। ଆଇଆଇଏମ୍ ସମ୍ବଲପୁର, ଏସ୍ବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି। ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୮୭ ଟଙ୍କା ବୃଦ୍ଧି ପାଇଛି।



ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତମହିଳା ଉଦ୍ୟମିତା ପ୍ଲାଟଫର୍ମ ଜରିଆରେ ମିଶନ ଶକ୍ତି, ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍ ଓ ସ୍କିଲ୍ ଡେଭଲପ୍ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ। ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି।

ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ



ପାହାଲଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ପାହାଲର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଞ୍ଜାମର ବରପାଲ୍ଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ'ର ଉଦ୍ଘାଟନ କରାଯାଇଛି। ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମ୍ଏସ୍ଏମ୍ଇ ପାର୍କ ସ୍ଥାପନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟରେ ଏମ୍ଏସ୍ଏମ୍ଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଏମ୍ଏସ୍ଏମ୍ଇ ଉପକୃତ ହୋଇଛନ୍ତି। ପିଏମ୍ଇଜିପି ଜରିଆରେ ୪,୯୦୦ କ୍ଷୁଦ୍ର ଉଦ୍ୟୋଗକୁ ୧୪୬ କୋଟି ଟଙ୍କାର ସବ୍ସିଡି ପ୍ରଦାନ କରାଯାଇଛି, ଯେଉଁଥିରେ ୪୨.୫ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା। କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାରେ ୨୩ ହଜାର କୋଟିରୁ ଅଧିକ ଟଙ୍କାର ବନ୍ଧକମୁକ୍ତ ଋଣ ପ୍ରଦାନ କରାଯାଇଥିବା ବେଳେ ସିଏମ୍-ଏସ୍ଆଇଆର୍ଏମ୍ ଯୋଜନାରେ ସରକାର ସୁଧ ଭାର ବହନ କରୁଛନ୍ତି। ଓଡ଼ିଶାର ପଣ୍ୟଦ୍ରବ୍ୟ ରପ୍ତାନି ଗତ ବର୍ଷ ୯୫,୫୬୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏମ୍ଏସ୍ଏମଇ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ। ସମସ୍ତଙ୍କ ମିଳିତ ଉଦ୍ୟମରେ ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସେ ଆହ୍ୱାନ ଦେଇଛନ୍ତି।




**ମହିଳା ଉଦ୍ୟମିତା ପ୍ଲାଟ୍ଫର୍ମ ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ**

**ବାଲେଶ୍ୱରରେ ରାଇସ୍ ମିଲିଙ୍ଗ୍ ଓ ପାହାଳରେ ରସଗୋଲା କ୍ଲଷ୍ଟ ଉଦ୍ଘାଟିତ**

**ଗଞ୍ଜାମ ଓ କଳାହାଣ୍ଡିରେ ଉଦ୍ଘାଟିତ ହେଲା ୨ଟି ମଲ୍ଟି-ପ୍ରଡକ୍ଟ ଏମ୍ଏସ୍ଏମ୍ଇ ପାର୍କ**

**ମହିଳା ଉଦ୍ୟୋଗ ସଂଖ୍ୟା ୨୫% ରୁ ୫୩%କୁ ବୃଦ୍ଧି**

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଉପରେ ବିଶେଷ ଫୋକସ ରହିଥିବା ବେଳେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି। ଓଡ଼ିଶାର ଜିଏସ୍ଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପିଠାରୁ ଅଧିକ ରହିଥିବା ବେଳେ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ଫିସକାଲ ହେଲ୍ଥ ଇଣ୍ଡକ୍ସ-୨୦୨୬ ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ରାଜ୍ୟର ଏହି ସୁଦୃଢ଼ ଆର୍ଥିକ ନୀତି ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶା ବର୍ତ୍ତମାନ ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି ସନରାଇଜ ସେକ୍ଟରର୍ସ ଗୁଡ଼ିକରେ ବେଶ୍ ଆଗକୁ ବଢୁଥିବା ଦର୍ଶାଇ ଏହାକୁ ଏକ 'ଡାଇନାମିକ ଓଡ଼ିଶା' ବୋଲି ଅଭିହିତ କରିଛନ୍ତି। ଏଥିସହିତ, ଓଡ଼ିଶାର ନାରୀ ଶକ୍ତିକୁ ରାଜ୍ୟ ପ୍ରଗତିର ପ୍ରମୁଖ ଆଧାର ବୋଲି କହିବା ସହ ୨୦୩୬ ମସିହା ସୁଦ୍ଧା ନିର୍ଦ୍ଧାରିତ ହୋଇଥିବା ଆଗାମୀ ଲକ୍ଷ୍ୟକୁ ସଫଳତାର ସହ ମନିଟରିଂ କରିବା ଏବଂ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଆଜିଠାରୁ ମହିଳାମାନଙ୍କ ପାଇ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ମହିଳାମାନେ ହେଉଛନ୍ତି ଓମେନ ଲେଡ ଇକୋନୋମିର ଅଗ୍ରଦୂତ। ତାଙ୍କର ଦକ୍ଷତାକୁ ପ୍ରକାଶ କରିବା ପାଇ ଗୋଟିଏ ପ୍ଲାଟଫର୍ମର ଆବଶ୍ୟକତା ଥିଲା ଯାହା ଆଜି ବାସ୍ତବତାରେ ପରିଣତ ହୋଇଛି। ସେ ଆହୁରି କହିଥିଲେ ଯେ ଶୁଭଦ୍ରା ଶକ୍ତି ମାଧ୍ୟମରେ ମହିଳାମାନେ ବ୍ଲକ୍ ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ବିକାଶ ଯାତ୍ରାରେ ସାମିଲ ହୋଇପାରିଛନ୍ତି।

ଏହି ଅବସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଆଜିର ଏହି ସୁଯୋଗରୁ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ବଡ଼ ସଫଳତା ହାସଲ କରାଯାଇପାରିବ। ମହିଳା ଉଦ୍ୟୋଗୀଙ୍କ ଉଦ୍ୟମରେ ୨୦୩୬ ସୁଦ୍ଧା ଥିବା ଓଡ଼ିଶାର ସ୍ୱପ୍ନ ପୂର୍ଣ୍ଣ ହୋଇପାରିବ।

ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ତଥା ମହିଳା ଉଦ୍ୟୋଗିତା ମଞ୍ଚର ମିଶନ ନିର୍ଦ୍ଦେଶିକା ସୁଶ୍ରୀ ଆନା ରୟ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ୍ ଏବଂ ଆଭାସୀ ମାଧ୍ୟମରେ ଗଞ୍ଜାମ, ବାଲେଶ୍ୱର ଓ କଳାହାଣ୍ଡି ଜିଲ୍ଲାପ୍ରଶାସନ ସମେତ ବହୁ ଶିଳ୍ପପତି, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହସ୍ରାଧିକ ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ। ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓ ଶିଳ୍ପ ବିଭାଗ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ ଧନ୍ୟବାଦ୍ ଦେଇଥିଲେ।



# ବିଜେପି ରାଜ୍ୟ ସଭାପତିଙ୍କ କେନ୍ଦ୍ରାପଡ଼ା ଗସ୍ତ



**କେନ୍ଦ୍ରାପଡ଼ା,୨୭।୬/ଏନ୍ଏନ୍ଏସ୍:** ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କେନ୍ଦ୍ରାପଡ଼ା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ତାଙ୍କର ଏହି ଗସ୍ତ ଦ୍ୱାରା ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶ୍ରୀ ସାମଲ ଓ ମହାକାଳପଡ଼ା ବିଧାୟକ ଡ ଦୁର୍ଗା ପ୍ରସନ୍ନ ନାୟକ ମିଳିତ ଭାବରେ ତରାଣ୍ଡ ବଟଠାରେ ଆୟୋଜିତ 'ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ'ରେ ସାମିଲ ହୋଇ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ଏହାପରେ ଶ୍ରୀ ବଳଦେବଜିଉଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରି ସେଠାରେ ପ୍ରଭୁ ବଳଦେବଜିଉଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଶେଷରେ ସକାଳ ଶ୍ରୀ ବଳଦେବଜିଉ ମନ୍ଦିର ପରିସରରେ ଆୟୋଜିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପ୍ରଭାରୀ ଅଶୋକ ମିଶ୍ର, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳି ସେଠୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡ଼ା, ଲଳିତ ବେହେରା, କିଶୋର ପଣ୍ଡା, ସୁନାକର ବେହେରା, ଉମାକାନ୍ତ ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ଉପିନ ରାଉତ, ମନୀଷା ପଣ୍ଡା, ଜୋସ୍ନା ରାଣୀ ଜେନାଙ୍କ ସମେତ ଜିଲ୍ଲା କାର୍ଯ୍ୟକର୍ତ୍ତା ,ସମସ୍ତ ମଣ୍ଡଳର କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସଭାପତିଙ୍କ ଏହି ଗସ୍ତ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଆଇନଶୃଙ୍ଖଳା ପରିସ୍ଥିତି ନେଇ ବର୍ଷିଲା ବିଜେଡି

**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ନାରୀ ଅସୁରକ୍ଷିତ, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି ବିଜେଡି ଅଭିଯୋଗ କରିଛି ।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍କେ.ନିଜାମୁଦ୍ଦିନ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ବିଜେପି ସରକାରଙ୍କ ଶାସନରେ ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ସଂଗଠିତ ଅପରାଧ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ବାରମ୍ବାର ଘଟୁଥିବା ଏଭଳି ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି।



ଶ୍ରୀ ବେହେରା କହିଥିଲେ, ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରାଯାଇଛି। ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ। ଅନ୍ୟପଟେ କଟକ ଜିଲ୍ଲାରେ ସନ୍ତରାବାଲି ସରପଞ୍ଚ ମୀତା ଜେନାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରେ ସର୍ବସମ୍ମୁଖରେ ହୋଇଥିଲା ଗୁଳିମାଡ଼। କେବଳ ଏତିକି ନୁହେଁ ତାଙ୍କ ପୁଅଙ୍କ ସହ ଏକ ସେଲୁନରେ ଥିବା ବେଳେ ଅଜଣା ଦୁର୍ବୃତ୍ତମାନେ ଗୁଳି ଚଳାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏ ସମସ୍ତ ଘଟଣା ସ୍ପଷ୍ଟ ହେଉଛି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୋଲିସ ବିଭାଗ କୋମାକୁ ଚାଲିଯାଇଛି।

ସେହିପରି ଡ଼. ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଛନ୍ତି, ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ । ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ସରକାର ଯଥେଷ୍ଟ ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ। ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୋଲିସ ସକ୍ଷମ ହୋଇନାହିଁ। ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ବିଜେପି ସରକାରଙ୍କୁ ବିଜେଡି ପ୍ରଶ୍ନ କରିଛି।



# ରଥଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି



**ଆସିକା,୨୭।୬/ଏନ୍ଏନ୍ଏସ୍:** ଆସିକା ବ୍ଲକ୍ ଅନ୍ତର୍ଗତ କାଳଷଣ୍ଢପୁର ପଞ୍ଚାୟତର ଚିନିଶିଳ୍ପ ନୁଆଗାଁରେ ପୂଜା ପାଇ ଆସୁଥିବା ପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋରଦାର୍ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀ ଜଗନ୍ନାଥ ସଂସ୍ଥାପନ ସମିତିର ସଭାପତି ତଥା ଶିଳ୍ପାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ତଥା ଶ୍ରୀ ଜଗନ୍ନାଥ ସଂସ୍ଥାପନ ସମିତିର ସଭାପତି ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରୀ ଜଗନ୍ନାଥ ସଂସ୍ଥାପନ ସମିତିର ଉପସଭାପତି ତଥା ଶିଳ୍ପାନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ମଲିକ ଓ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର କର, ସମ୍ପାଦକ ଚିତ୍ତ ଚିନ୍ମୟ ରଞ୍ଜନ ନାୟକ, ସହ ସମ୍ପାଦକ ବାସୁଦେବ ସ୍ୱାଇଁ, କୋଷାଧ୍ୟକ୍ଷ ଏସ୍ ସୁଜିତ୍ କୁମାର ପୃଷ୍ଟି, ସଦସ୍ୟ ଇଂ ଅରୁଣ କୁମାର ପାତ୍ର, ଅକ୍ଷୟ କୁମାର ସ୍ୱାଇଁ, ଶ୍ରୀପଲୀ ସୁନ୍ଦର ଦାଶ, ରାମପ୍ରସାଦ ଶତପଥୀ, ବାଇଧର ନାୟକ, ଦାମୋଦର ସିୟ, ଅନିଲ୍ କୁମାର ଦାଶ ଓ କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ୨୯ ତାରିଖରେ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୫ରେ ଠାକୁରଙ୍କ ନବଯୌବନ ଦର୍ଶନ ଓ ଜୁଲାଇ ୧୬ରେ ରଥଯାତ୍ରା ଦିନ ଶ୍ରୀଜିଉଙ୍କ ପହଣ୍ଡି, ରଥଟଣା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଶୃଙ୍ଖଳିତ ରଥାଟଣା ପାଇଁ ପଦକ୍ଷେପ, ଜୁଲାଇ ୨୭ ତାରିଖ ବିଶ୍ୱ ବ୍ରହ୍ମାଣ୍ଡକର୍ତ୍ତାଙ୍କ ନିଳାଦ୍ରୀବିଜେ ସମେତ ବିଭିନ୍ନ ନୀତିକାନ୍ତି ଓ ବିଧିବିଧାନକୁ ଶୃଙ୍ଖଳିତ ଭାବେ ଶେଷ କରିବା ଲାଗି ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଆଲୋଚନା କରାଯାଇଥିଲା।

## ଆସିକା ସମବାୟ ଚିନିଶିଳ୍ପରେ ଜିଲ୍ଲାପାଳଙ୍କ ସମୀକ୍ଷା

# ଆଖୁ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ

**ଆସିକା,୨୭।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଆସିକା ସମବାୟ ଚିନିଶିଳ୍ପକୁ ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଶିଳ୍ପାନୁଷ୍ଠାନ ପରିସରଭୁକ୍ତ ଚିନି ଉତ୍ପାଦନ ୟୁନିଟ୍, ବୋତଲ୍ ମଦ ଉତ୍ପାଦନ ୟୁନିଟ୍, ଏଫ୍ଲୁଏଣ୍ଟ ଟ୍ରିଟ୍ ପ୍ଲାଣ୍ଟ, ମୋଲାସେସ୍ ଗଚ୍ଛିତ କେନ୍ଦ୍ର ଓ ୱେର୍ ହାଉସ୍ ସମେତ ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଆସିକା ସମବାୟ ଚିନିଶିଳ୍ପ ନିକଟରେ ପହଞ୍ଚିବା ପରେ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଓ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସ୍ୱାଗତ ଜଣାଇଥିଲେ। ଆସିକା ସମବାୟ ଚିନିଶିଳ୍ପର ମୁଖ୍ୟ ପ୍ରବେଶପଥ ନିକଟରେ ପୂଜା ପାଉଥିବା ଗଣେଶଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ପୂଜାର୍ଚ୍ଚନା କରିବା ପରେ ଚିନିଶିଳ୍ପ ପରିସରରେ ପରିବେଶର ସୁରକ୍ଷା ଲାଗି ଏକ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ଶିଳ୍ପାନୁଷ୍ଠାନର ବିଭିନ୍ନ ଅଞ୍ଚଳକୁ ଗସ୍ତ କରିଥିଲେ। ପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସମେତ ଗଞ୍ଜାମ




ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ଶିଳ୍ପାନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ବରିଷ୍ଠ ପରିଚାଳକ ପ୍ରକ୍ରିୟାକରଣ (ଏସ୍ଏମ୍ପି) ଶ୍ରୀନିବାସ ମହାପାତ୍ର, ମୁଖ୍ୟଯନ୍ତ୍ରୀ ଇଂ କେଦାରନାଥ ସାହୁ, ସିଭିଲ୍ ଇଞ୍ଜିନିୟର୍ ଇଂ ଅରୁଣ କୁମାର ପାତ୍ର, ଭାରପ୍ରାପ୍ତ ଡିଷ୍ଟିଲେରୀ କେମିଷ୍ଟ ଅକ୍ଷୟ କୁମାର ସ୍ୱାଇଁ, ଆଖୁ ପରାମର୍ଶଦାତା ବଳରାମ ସୁବୁଦ୍ଧି, ସୁରକ୍ଷା ଅଧିକାରୀ ଜଗଦିଶ୍ ପାତ୍ର, ପରିଚାଳନା ପରିଷଦର ସଦସ୍ୟ ସନ୍ତୋଷ କୁମାର ପ୍ରଧାନ, ବସନ୍ତ ଦଳେଇ, ପୂର୍ଣ୍ଣଚନ୍ଦ୍ର ବରାଡ଼, ଉଦୟନାଥ ପ୍ରଧାନ, ନିରଞ୍ଜନ ପ୍ରଧାନ ଓ ସରିତ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଶିଳ୍ପାନୁଷ୍ଠାନ ପରିସରଭୁକ୍ତ ଅଞ୍ଚଳରେ ଆଖୁ ଉତ୍ପାଦନ ବୃଦ୍ଧି, ବନ୍ଦ ହୋଇଥିବା ଡିଷ୍ଟିଲେରୀକୁ କାର୍ଯ୍ୟକ୍ଷମ, ଶିଳ୍ପାନୁଷ୍ଠାନର ଅର୍ଥନୈତିକ ଅଭିବୃଦ୍ଧି, କାର୍ଯ୍ୟରତ ଏନ୍ଏମ୍ଆର୍ ଏବଂ ଆଉଟ୍ସୋର୍ସିଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ, ବନ୍ୟପ୍ରାଣୀଙ୍କ କବଳରୁ ଆଖୁ ଫସଲକୁ ସୁରକ୍ଷା, ଆଖୁକ୍ଷେତକୁ ଜଳସେଚନର ସୁବିଧା, ଆଖୁ ଚାଷୀଙ୍କୁ ଇନ୍ପୁଟ୍ ସବ୍ସିଡି ପ୍ରଦାନ, ଜବରଦଖଲକାରୀଙ୍କ କବଳରୁ ଆସିକା ସମବାୟ ଚିନିଶିଳ୍ପର ମୂଲ୍ୟବାନ ଜାଗାର ଉଦ୍ଧାର, ସମବାୟ ଚିନିଶିଳ୍ପରୁ ଉତ୍ପାଦିତ ବୋତଲ୍ ମଦକୁ ଖୋର୍ଦ୍ଧା, ନିର୍ଗୁଣ୍ଡି, ବାଲେଶ୍ୱର ଓ ଚଣ୍ଡିଖୋଲ ମଦ ନିଗମକୁ ପରିବହନ କରୁଥିବା ଟ୍ରକ୍ ମାଲିକଙ୍କ ସମସ୍ୟା ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଶିଳ୍ପାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁରାତନ ସମବାୟ ଭିତ୍ତିକ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ଅକ୍ଲାନ୍ତ ପ୍ରଚେଷ୍ଟାରେ ଚିନିଶିଳ୍ପର ଅତୀତ ଇତିହାସରେ ପ୍ରଥମଥର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲାଭ ହୋଇଥିବା ଜଣାପଡ଼ିଛି। ଆସିକା ସମବାୟ ଚିନିଶିଳ୍ପରୁ ଉତ୍ପାଦିତ ହେଉଥିବା ଆସ୍କା ଫର୍ଟ (ଆସ୍କା-୪୦) ଆଗାମୀ କିଛିଦିନ ମଧ୍ୟରେ ଲେମନ୍ ଅରେଞ୍ଜ ଭଳି ନୂଆ ସ୍ୱାଦରେ ଉପଲବ୍ଧ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିଳ୍ପାନୁଷ୍ଠାନର କର୍ମଚାରୀ ଅନିଲ୍ କୁମାର ଦାଶ, ସୁଶାନ୍ତ କୁମାର ପାତ୍ର, ଜିତେନ୍ଦ୍ର କୁମାର ଜେନା, ବିକାଶ ପଟ୍ଟନାୟକ, ଉଲ୍ଲାସ ରେଡ୍ଡୀ, ବିଶ୍ୱନାଥ ପାଣିଗ୍ରାହୀ, ରାଜେଶ୍ କୁମାର ନାୟକ, ଜଗନ୍ନାଥ ପଟ୍ଟନାୟକ, ଚାପଧର ରାଉତ, ବିଷ୍ଣୁପ୍ରସାଦ ଜେନା, ସତ୍ୟବାନ୍ ଲେଙ୍କା, ସନ୍ତୋଷ କୁମାର ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

# ନୂତନ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ



**ବ୍ରହ୍ମପୁର,୨୭।୬/ଏନ୍ଏନ୍ଏସ୍:** ଗୋସାଣୀନୂଆଗାଁ ଓ ବିଜିପୁର ବିଜେପି ମଣ୍ଡଳର ମିଳିତ ଆନୁକୂଲ୍ୟରେ ନୂତନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାଶନ୍ କାର୍ଡ ବଣ୍ଟାଯାଇଛି। ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ୨୬ ନମ୍ବର ୱାର୍ଡ ବିଜେପି ସଭାପତି ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାରଙ୍କ ଏକ ଐତିହାସିକ ଓ ଜନକଲ୍ୟାଣମୂଳକ ପଦକ୍ଷେପ ବୋଲି ଶ୍ରୀ ସାମନ୍ତରାୟ କହିଥିଲେ। ଏହି ଯୋଜନା ମାଧ୍ୟମରେ ଗରିବ, ନିରାଶ୍ରୟ ଓ ଅସହାୟ ପରିବାରଙ୍କୁ ପୂର୍ବରୁ ମିଳୁଥିବା ମୁଣ୍ଡପିଛା ୫ କିଲୋଗ୍ରାମ୍ ଚାଉଳ ବଦଳରେ ଏଣିକି ଅତିରିକ୍ତ ଆଉ ୫ କିଲୋଗ୍ରାମ୍ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି ବୋଲି କହିଥିଲେ। ହିତାଧିକାରୀଙ୍କୁ ରାସନ୍ କାର୍ଡର ସଦୁପଯୋଗ କରିବା ସହ କୌଣସି ସମସ୍ୟା ଉପୁଜିଲେ ତୁରନ୍ତ ଯୋଗାଣ ବିଭାଗ ସହ ଯୋଗାଯୋଗ କରିବାକୁ ଶ୍ରୀ ସାମନ୍ତରାୟ ପରାମର୍ଶ ଦେଇଥିଲେ। ବିଜେପି ସଭାପତି ରବୀନ୍ଦ୍ର ସାହୁ କହିଥିଲେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଗରିବ ଓ ଅସହାୟ ପରିବାରଙ୍କ ପାଇଁ ଏକ ବରଦାନ୍ ସଦୃଶ। ସରକାରଙ୍କ ଜନହିତକର ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଦିଗରେ ବିଜେପି ସର୍ବଦା ପ୍ରତିବଦ୍ଧ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ନଂ-୨୫ କର୍ପୋରେଟର୍ ନରସିଂହ ସେଠୀ, ସମାଜସେବୀ ବଦ୍ରୀ ନାୟକ, କ୍ଷୀରୋଦ କୁମାର ସାହୁ, ଗଣ ସ୍ୱାମୀ, ବିକ୍କି ଆଚାରୀ, ଶିବ ଯାଦବ, ଜଗନ୍ନାଥ ଜେନାଙ୍କ ସମେତ ଦଳର ପଦାଧିକାରୀ, କର୍ମୀ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସଂଘର୍ଷରୁ ହତ୍ୟା ଘଟଣା, ୬ ଗିରଫ

**ଫୁଲବାଣୀ,କନ୍ଧମାଳ,୨୭।୬/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ପଞ୍ଚାୟତର ଦଡ଼ମାସ୍କା ଗ୍ରାମରେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ଗୋଷ୍ଠୀ ସଂଘର୍ଷରେ ଜଣଙ୍କ ମୃତ୍ୟୁ ଘଟଣାରେ ପୁଲିସ୍ ୬ ଜଣଙ୍କୁ ଗିରଫ କରିଛି। ଘଟଣାରେ ସଂପୃକ୍ତ ଦୁଇ ଜଣ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଦଡ଼ମାସ୍କା ଗ୍ରାମର ଅମର ସାହାଣୀ, ବିମଳ ସୁନା, ଗୋପାଳ କିଶୋର ସୁନା, ଦଳପଡ଼ା ଗ୍ରାମର ସୀମାଞ୍ଚଳ ବେହେରା, ରାଜେନ୍ଦ୍ର ବେହେରା ଓ ବାଇଧର ବେହେରା। ଗିରଫଙ୍କ ମଧ୍ୟରେ ଉଭୟ ଗୋଷ୍ଠୀର ଲୋକ ରହିଛନ୍ତି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଦୁଇ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ଏଥିରେ ବ୍ୟବହୃତ ହୋଇଥିବା ଅନେକ ମାରଣାସ୍ତ୍ର ମଧ୍ୟ ପୁଲିସ୍ ଜବତ କରିଛି। ଏନେଇ ସ୍ଥାନୀୟ ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି। କିଛିଦିନ ତଳେ



ଦଳପଡ଼ା ଗ୍ରାମର ଚନ୍ଦନ ବେହେରା ଓ ଦଡ଼ମାସ୍କା ଗ୍ରାମର ଅନୁଭବ ସୁନାଙ୍କ ମଧ୍ୟରେ ଦ୍ରୁତ ଗାଡ଼ିଚାଳନାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚନ୍ଦନଙ୍କ ପରିବାର ଲୋକେ ରବିବାର ଗୋଷ୍ଠୀ ହୋଇ ଦଡ଼ମାସ୍କା ଗ୍ରାମର ଅନୁଭବଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ଘଟି ଚନ୍ଦନଙ୍କ ବାପା ଅକୁରଙ୍କ ମୃତ୍ୟୁ ହୋଇଥିଲା। ମାଆ ଗାୟତ୍ରୀ, ଦାଦା ବାଇଧର ଓ ଖୁଡ଼ି ସୁଜାତା ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଥିଲା। ସଦର ଥାନା ପୁଲିସ୍ ୨ଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ଶନିବାର ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ଆଉ କିଛି ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍ପି ସୂଚନା ଦେଇଛନ୍ତି। ଏନେଇ ଅଧିକ ତଦନ୍ତ ଚାଲିଥିବା ଏସ୍ପି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍ଡିପିଓ ଶୁଭ୍ରଜିତ ବିଶ୍ୱାଳ ଓ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ।

# ଦାଦନ ଶ୍ରମିକ ମୃତ

**ବାଲିଗୁଡ଼ା,୨୭।୬/ଏନ୍ଏନ୍ଏସ୍:** କେରଳକୁ ଦାଦନ ଖଟିବାକୁ ଯାଇ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ବାରଖମା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ପପୁ ଦିଗାଲ (୩୨)। ପପୁ ପ୍ରାୟ ୩ରୁ ଉର୍ଦ୍ଧ୍ୱ ବର୍ଷ ହେବ ବାପା ମାଆଙ୍କୁ ଛାଡ଼ି ପରିବାର ପ୍ରତିପୋଷଣ ନିମନ୍ତେ ଦାଦନ ଖଟିବାକୁ କେରଳ ଯାଇଥିଲେ। ସ୍ତ୍ରୀ ଓ ସାନ ଝିଅ ସହ ସେଠାରେ ଏକ ଭଡ଼ା ଘରେ ରହୁଥିଲେ। ସେଠାରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ତେବେ ହଠାତ୍ କେହି ନଥିବାବେଳେ ଭଡ଼ାଘରେ ପପୁଙ୍କ ମୃତଶରୀର ଘର ମାଲିକ ପାଖ ମେଡିକାଲ୍କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ମୃତ୍ୟୁର



କାରଣ ଏବେ ବି ସ୍ପଷ୍ଟ ହୋଇନି। ଅନ୍ୟପଟେ ପରିବାର ସହ ଗ୍ରାମ ଯୁବକଙ୍କ ମିଳିତ ଉଦ୍ୟମରେ କେରଳରୁ ବିମାନ ଯୋଗେ ଭୁବନେଶ୍ୱର ଓ ସେଠାରୁ ତାଙ୍କ ଗ୍ରାମକୁ ମୃତଶରୀର ଅଣାଯାଇଥିଲା।

# ଏସ୍ଆଇଆର୍ ସମ୍ପର୍କିତ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଛତ୍ରପୁର,୨୭।୬/ଏନ୍ଏନ୍ଏସ୍:** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମ୍ପର୍କିତ ଏକ ସମୀକ୍ଷା ବୈଠକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଅଧ୍ୟକ୍ଷତା କରି ଏସ୍ଆଇଆର୍ କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ସେ ଡିଜିଟାଲାଇଜେସନ୍ ଓ ଏଏସ୍ଡି ତାଲିକା ପ୍ରସ୍ତୁତି କାର୍ଯ୍ୟରେ ପରିଲକ୍ଷିତ ସାମାନ୍ୟତମ ତ୍ରୁଟିକୁ ତୁରନ୍ତ ସୁଧାର ପାଇଁ ସମସ୍ତ ଇଆର୍ଓ ଏବଂ ଏଇଆର୍ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ କେତେକ ମତଦାନ କେନ୍ଦ୍ରରେ ବିଏଲ୍ଓ ଏବଂ ବିଏଲ୍ଏ ବୈଠକର କାର୍ଯ୍ୟବିବରଣୀ ପ୍ରସ୍ତୁତିରେ ଦୃଷ୍ଟିଗୋଚର ହୋଇଥିବା ତ୍ରୁଟି ଗୁଡ଼ିକର ସଂଶୋଧନ କରି ଇଆର୍ଓ ନିଜେ ଅନୁମୋଦନ କରି ସାର୍ଟିଫିକେଟ୍ ଜିଲ୍ଲା କାର୍ଯ୍ୟାଳୟକୁ ରବିବାର ଦିନ ୩ଟା ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଗ୍ରହଣ କରାଯିବାକୁ ଥିବା ଆପତ୍ତି ଓ ଦାବିପତ୍ର ଗୁଡ଼ିକର ଶୁଣାଣି ପ୍ରକ୍ରିୟା ସମ୍ପର୍କରେ ଇଆର୍ଓ ଏବଂ ଏଇଆର୍ଓଙ୍କୁ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିର୍ବାଚନ କମିଶନ୍ଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ସ୍ୱଚ୍ଛ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶୁଣାଣି ପ୍ରକ୍ରିୟା ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସମସ୍ତ ଇଆର୍ଓ, ଏଇଆର୍ଓ ଓ ନିର୍ବାଚନ ସମ୍ପର୍କିତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ଗୋଲିଆ ଗାଁ ସ୍କୁଲ୍ ରାସ୍ତାରେ ପାଣି, ପ୍ରତିକାର ଦାବି



**ବୁଗୁଡ଼ା,୨୭।୬/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋଲିଆ ଗାଁ ନୂଆଁସାହିରେ ସରକାରୀ ପ୍ରାଥମିକ ସ୍କୁଲ୍ ରହିଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଢୁଛନ୍ତି। ବର୍ଷା ହେଲେ ସାରା ରାସ୍ତାରେ କାଦୁଅ ପଚ ପଚ ହେବାସହ ପାଣିର ସ୍ରୋତ ବହୁଛି। ରାସ୍ତାରେ ପାଣି ଜମୁଥିବାରୁ ଗୋଳିଆ ପାଣିରେ ପଶି ପିଲାଙ୍କୁ ସ୍କୁଲ୍ ଯିବାକୁ ପଡୁଛି। ଏହାଛଡ଼ା ଗାଡ଼ି ଛିଟିକା ପଡ଼ି ସେମାନଙ୍କ ଡ୍ରେସ୍ ଖରାପ ହୋଇଯାଉଛି। ତେଣୁ ପ୍ରଶାସନର ଦୃଷ୍ଟିଆଢୁଆଳରେ ରହିଥିବା ଏହି ସମସ୍ୟାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ପାଇଁ ଦାବି ହେଉଛି।

# ବୁଗୁଡ଼ାରେ ପହଞ୍ଚିଲା ୩,୨୫୦ ମାଗଣା ପାଠ୍ୟପୁସ୍ତକ



**ବୁଗୁଡ଼ା,୨୭।୬/ଏନ୍ଏନ୍ଏସ୍:** ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅନେକ ପୁସ୍ତକ ୫ଟି ପର୍ଯ୍ୟାୟରେ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୭,୪୦୦ ଖଣ୍ଡ, ଦ୍ୱିତୀୟ ପର୍ଯ୍ୟାୟରେ ୧୧,୯୦୦ ଖଣ୍ଡ, ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ ଓ ଚତୁର୍ଥ ପର୍ଯ୍ୟାୟରେ ୧୧,୩୫୦ ଖଣ୍ଡ ବହି ପହଞ୍ଚିଥିବାବେଳେ ଏବେ ପଞ୍ଚମ ପର୍ଯ୍ୟାୟରେ ୩,୨୫୦ ଖଣ୍ଡ ବହି ପହଞ୍ଚିଛି। ଏଥିରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୩,୨୫୦ ଓ ୨୨୫ ଖଣ୍ଡ ବହି ରହିଛି। ତେବେ ସରକାରୀ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଚତୁର୍ଥ ଶ୍ରେଣୀର ଆର୍ଟ ଏଜୁକେସନ୍ ୧୭୦୦ଟି, କୌଶଳବୋଧ ୫୦ଟି, ଅଷ୍ଟମ ଶ୍ରେଣୀର ଗଣିତ ବହି ୧୫୦୦ ଖଣ୍ଡ ରହିଥିବାବେଳେ ବେସରକାରୀ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅଷ୍ଟମ ଶ୍ରେଣୀର ଗଣିତ ୧୫୦ ଖଣ୍ଡ ଓ ହିନ୍ଦୀ କଳିକା ୭୫ ଖଣ୍ଡ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକୀୟ ଅବଶିଷ୍ଟ ପାଠ୍ୟପୁସ୍ତକ ପହଞ୍ଚିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।

# 'ସ୍ୱାମୀଥାଇ ସ୍ତ୍ରୀ ବିଧବା' ନାଟକ ମଞ୍ଚସ୍ଥ



**ପୁରୁଷୋତ୍ତମପୁର,୨୭।୬/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଜାମୁନି ଗ୍ରାମରେ ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଥିବାବେଳେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଛି। ଜାମୁନି ସରପଞ୍ଚ ଇନ୍ଦ୍ରଜିତ ନାୟକଙ୍କ ସଂଯୋଜନା ଏବଂ ଗ୍ରାମବାସୀ, ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଅନୁଷ୍ଠିତ ନାଟକୁ ଦର୍ଶକ ମନୋଭରି ଉପଭୋଗ କରିଥିଲେ। ଗ୍ରାମର କଳାକାରଙ୍କ ଦ୍ୱାରା ପରିବେଷିତ ସାମାଜିକ ନାଟକ 'ସ୍ୱାମୀଥାଇ ସ୍ତ୍ରୀ ବିଧବା' ଏବଂ ବଉଳ ଝୁରି ଗ୍ରାମରେ ରାମାୟଣ ମଞ୍ଚସ୍ଥ ହୋଇଥିଲା। ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ପିଙ୍କି ବେହେରା, ସମାଜସେବୀ ତଥା ଯୁବନେତା ନିର୍ମଳ ଚନ୍ଦ୍ର ସାହୁ ଓ ବିଧାୟକଙ୍କ ପ୍ରତିନିଧି କୋରାନାଥ ସ୍ୱାଇଁ ଯୋଗଦେଇ ନାଟକର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜଗତବନ୍ଧୁ ପଣ୍ଡା, ଶିକୁଳା ସମିତିସଭ୍ୟ କୁମୁଦ ବେହେରା, ପାଣ୍ଡିଆ ସରପଞ୍ଚ ପ୍ରତିନିଧି କୈଳାଶ ସେଠୀ, ତାପସ ବେହେରାଙ୍କୁ ଜାମୁନି ସରପଞ୍ଚ ଓ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ। ଜାମୁନି ଗ୍ରାମର ଯୁବଗୋଷ୍ଠୀ ଅଞ୍ଚଳର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ।

## ବରପଲ୍ଲୀ ଶିଳ୍ପାଞ୍ଚଳ ଶୁଭାରମ୍ଭ

# 'ଯୁବବର୍ଗଙ୍କ ପାଇଁ ସିଧାସଳଖ ଚାକିରି ସୁଯୋଗ ସୃଷ୍ଟି ହେବ'

**କୁକୁଡ଼ାଖଣ୍ଡି,୨୭।୬/ଏନ୍ଏନ୍ଏସ୍:** କୁକୁଡ଼ାଖଣ୍ଡି ରାଜ୍ୟରେ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଗତିଶୀଳ କରିବା ପାଇଁ 'ଉଦ୍ୟମୀ ଓଡ଼ିଶା' କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ୍ର ବରପଲ୍ଲୀ ଶିଳ୍ପାଞ୍ଚଳରେ ଶୁଭାରମ୍ଭ ହୋଇଛି। ଇଡ୍କୋ ପକ୍ଷରୁ ପ୍ରାୟ ୩୭ ଏକର ଜମିରେ ବିକଶିତ ହେଉଥିବା ଏହି ଶିଳ୍ପାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୪ ଏକର ଜମି ଆବଣ୍ଟନ ହୋଇଛି। ଆଉ ୫ ଏକର ଜମି ଶିଳ୍ପ ସ୍ଥାପନ ପାଇଁ ଚିହ୍ନଟ ହୋଇଛି। ଏଠାରେ ତୁରନ୍ତ ୩ଟି ଶିଳ୍ପ ୟୁନିଟ୍ ଆରମ୍ଭ କରିବା ପାଇଁ ଉଦ୍ୟୋଗୀମାନେ ପ୍ରସ୍ତୁତ ହେଉଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ୍ ଯୋଗଦେଇ



ଶିଳ୍ପାଞ୍ଚଳର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ କହିଲେ ଯେ ନୂତନ ଶିଳ୍ପ ପ୍ରତିଷ୍ଠା ଦ୍ୱାରା କୁକୁଡ଼ାଖଣ୍ଡି ଓ ଆଖପାଖ ଅଞ୍ଚଳର ଯୁବକ ଯୁବତୀଙ୍କ ପାଇଁ ସିଧାସଳଖ ରୋଜଗାର ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସ ମାଧ୍ୟମରେ ବ୍ରହ୍ମପୁର, ବାଲେଶ୍ୱର, କଳାହାଣ୍ଡି, ନବରଙ୍ଗପୁର ଓ ଖୋର୍ଦ୍ଧା ସମେତ ରାଜ୍ୟର ମୋଟ୍ ୨୫ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରକଳ୍ପର ଲୋକାର୍ପଣ କରିଥିଲେ। ୩୭ ଏକର ଜମିରେ ଏହି ୩ଟି ଶିଳ୍ପ ଗଢ଼ି ଉଠିଛି। ସେଥିମଧ୍ୟରୁ ୨ଟି ଉଦ୍ଘାଟନ ହୋଇଛି ଏବଂ ଗୋଟେ ଶିଳ୍ପର ଭୂମି ପୂଜନ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ଶିଳ୍ପ ଅଧିକାରୀ ବସନ୍ତ କୁମାର ଜେନା, ଅତିରିକ୍ତ ଶିଳ୍ପ ଅଧିକାରୀ ଋଷିକେଶ ବେହେରା, ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଶିଳ୍ପପତି ମିନାକ୍ଷୀ ଦାସ, ରବିନାରାୟଣ ଆଚାର୍ଯ୍ୟ, ଉଦ୍ୟୋଗୀ, ସ୍ଥାନୀୟ ଲୋଚାପଡ଼ା ସରପଞ୍ଚ ଏଲ୍ ମୋହନ ଦାସ, ବୋରିଗାଁ ସରପଞ୍ଚ ସସ୍ମିତା ସାହୁଙ୍କ ସମେତ ଶତାଧିକ ଯୁବକ ଯୁବତୀ ଉପସ୍ଥିତ ଥିଲେ।

# ଆଜିଠୁ ପଲ୍ସ ପୋଲିଓ ଅଭିଯାନ

**କେନ୍ଦ୍ରାପଡ଼ା,୨୭।୬/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆସନ୍ତା ୨୮ରୁ ୩୦ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ପଲ୍ସ ପୋଲିଓ ଅଭିଯାନ ଆୟୋଜିତ ହେବ। ଏହି ଅଭିଯାନରେ ଜିଲ୍ଲାର ଜନ୍ମରୁ ୫ ବର୍ଷ ବୟସର ମୋଟ୍ ୧,୧୦,୬୪୩ ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ଔଷଧ ପିଆଯିବ। ଏହି ଅଭିଯାନର ସଫଳ




ରୂପାୟନ ପାଇଁ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର ପଲ୍ସ ପୋଲିଓ କାର୍ଯ୍ୟକ୍ରମର ବିସ୍ତୃତ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ। ଆସନ୍ତା ୨୮ ଜୁନରେ ଜିଲ୍ଲାର ୬୭୦ଟି ପୋଲିଓ ବୁଥ ମାଧ୍ୟମରେ ଶିଶୁମାନଙ୍କୁ ପୋଲିଓ ଔଷଧ ପିଆଯିବ। ପରବର୍ତ୍ତୀ ୨୯ ଓ ୩୦ ଜୁନରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ଯେଉଁ ଶିଶୁମାନେ ବୁଥରେ ଔଷଧ ନେଇପାରିନଥିବେ ସେମାନଙ୍କୁ ପୋଲିଓ ଡ୍ରପ୍ ପ୍ରଦାନ କରିବେ। ଏହି ମହତ୍ୱପୂର୍ଣ୍ଣ ଅଭିଯାନରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସୁପରଭାଇଜରଙ୍କ ସମେତ ପ୍ରାୟ ୩,୦୦୦ କର୍ମଚାରୀ ନିୟୋଜିତ ହେବେ। ଜିଲ୍ଲାସ୍ତରରୁ ମଧ୍ୟ ଏହି କାର୍ଯ୍ୟକ୍ରମର ନିୟମିତ ତଦାରଖ ଓ ପରିଚାଳନା କରାଯିବ। ସମନ୍ୱୟ ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶ୍ୟାମ ସୁନ୍ଦର ଟୁଡୁ ଓ ଡା. ପ୍ରଦୀପ କୁମାର ଦାସ, ଏଡିଏମଓ (ମେଡିକାଲ) ଡା. କିଶୋର ଚନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡା. ମନୋରଞ୍ଜନ ସାହୁ, ଫାଇନାନ୍ସିଆଲ୍ ଅଧିକାରୀ ଆଶୁତୋଷ ତ୍ରିପାଠୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ପିଏଚଇଓ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ପରାମର୍ଶଦାତା ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ଜିଲ୍ଲାବାସୀଙ୍କୁ ଅନୁରୋଧ କରି କହିଥିଲେ ଯେ, ଜନ୍ମରୁ ୫ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିଶ୍ଚିତ ଭାବେ ପୋଲିଓର ଦୁଇ ବୁନ୍ଦା ଔଷଧ ପିଆଇ ୧୦୦ ପ୍ରତିଶତ ଲକ୍ଷ୍ୟ ପୂରଣରେ ସମସ୍ତେ ସହଯୋଗ କରନ୍ତୁ। ସ୍ୱାସ୍ଥ୍ୟ ବିଭାଗ ଓ ଆଇସିଡିଏସ୍ କର୍ମୀଙ୍କୁ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ମଧ୍ୟ ସେ ଆହ୍ୱାନ ଜଣାଇଥିଲେ। ଶେଷରେ ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡା. ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲାସ୍ତରରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନାରେ ଡା. ସୁକାନ୍ତ କୁମାର ପ୍ରଧାନ, ଡିପିଏଚସିଓ ଶୁଭ ନାରାୟଣ ନାୟକ, ଜିଲ୍ଲା ଭ୍ୟାକ୍ସିନ୍ ଲଜିଷ୍ଟିକ୍ ମ୍ୟାନେଜର ଅବିନାଶ ଦାସ ଏବଂ ଆଇଇସି ଅଧିକାରୀ ମନୋଜ କୁମାର ଦାସ ଦାୟିତ୍ୱରେ ରହିଛନ୍ତି।

# ଆନ୍ତର୍ଜାତିକ ମାଦକଦ୍ରବ୍ୟ ବିରୋଧୀ ଦିବସ




**ଯାଜପୁର,୨୭।୬/ଏନ୍ଏନ୍ଏସ୍:** ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ନରସିଂହ ଚୌଧୁରୀ ମହାବିଦ୍ୟାଳୟଠାରେ ଅନ୍ତର୍ଜାତିକ ମାଦକଦ୍ରବ୍ୟ ଅପବ୍ୟବହାର ଓ ବେଆଇନ ଚାଲାଣ ବିରୋଧ ଦିବସ ପାଳିତ ହୋଇଛି। ଏଥିରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସଚିବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ଆଲୋଚକ ଭାବେ ସିନିୟର୍ ସିଭିଲ୍ ଜଜ୍ ଲୋପା ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ପ୍ରଶାନ୍ତ କୁମାର ବେହେରା ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ବିଶେଷତ୍ୱ ଏବଂ ଚଳିତବର୍ଷର ଥିମ୍ 'ବିଶ୍ୱ ନିଶାଦ୍ରବ୍ୟ ସମସ୍ୟା- ପୁରୁଣା ସମସ୍ୟା, ନୂଆ ଆହ୍ୱାନ, ଅଭିନବ ସମାଧାନ' ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହ ଦେଶାନ୍ତର ଶ୍ରମିକମାନଙ୍କ ସମସ୍ୟା ଓ ଏହାର ସମାଧାନ, ଯୌତୁକ ନିର୍ଯାତନା ସଂପର୍କିତ ଆଇନଗତ ଦିଗ, ବାଲ୍ୟବିବାହ ନିରୋଧୀ ଓ ଅଣସଂଗଠିତ ମହିଳା ଶ୍ରମିକ ସ୍ୱାର୍ଥର ସୁରକ୍ଷା ଆଦି ବିଷୟରେ ସଚେତନତାଧର୍ମୀ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଅତିଥି ଆଲୋଚକମାନେ ଦେଇଥିଲେ। ରସାୟନ ବିଜ୍ଞାନ ପ୍ରଫେସର ଡ.ଦିବ୍ୟ ଲୋଚନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ମହାବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଆର୍‌ପିଡିଏସି ବୈଠକରୁ ମିଳୁନି ସଫଳତା

**ତାଳଚେର,୨୭।୬/ଏନ୍ଏନ୍ଏସ୍:** ତାଳଚେରରେ ଥିବା ବିଭିନ୍ନ ରଷ୍ଟ୍ରାୟତ ଉଦ୍ୟୋଗ ସମଲବ୍ୟାରେଜ ଓ ରେଙ୍ଗାଳିବନ୍ଧ ଯୋଜନାରେ ସ୍ଥାନୀୟ ପ୍ରଜାଙ୍କର ଶହଶହ ଏକର ଚାଷଜମି ଘାରବାଡ଼ି ଉଦ୍ଦେଶ୍ୟରେ ସମର୍ପିତ ହୋଇଥିବା ବେଳେ ଏହାର ପ୍ରତିବଦଳରେ ସେମାନଙ୍କ ମଧ୍ୟରୁ ବହୁ ଲୋକ କୌଣସି ସୁଫଳ ପାଇପାରୁ ନାହାନ୍ତି। ଜମି ହରାଇଥିବା ଅଞ୍ଚଳବାସୀ ନିଜର କୌଳିତ ବୃତ୍ତି ହରାଇବା ସହ ଏବେ ସେମାନେ ବେସାହାରା ହୋଇ ପଡ଼ିଛନ୍ତି। ସରକାରଙ୍କର ଥଇଥାନ ବ୍ୟବସ୍ଥାନ ନିୟମ ଅନୁଯାୟୀ ବିସ୍ଥାପିତଙ୍କ ଲାଗି ରିହାବିଲିଷ୍ଟେସନ୍ ଆଣ୍ଡ ପେରିଫେରି ଡେଭ୍ଲପମେଣ୍ଟ ଆଡ୍‌ଭାଇଜର୍ କମିଟି (ଆର୍‌ପିଡିଏସି) ଗଠନ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟକାରୀତାରେ କ୍ଷତିଗ୍ରସ୍ତ ସୁଫଳ ପାଇପାରୁ ନାହାନ୍ତି ବୋଲି ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ରାଜନେତା ପ୍ରଶାସନ ମିଳିତ ଉଦ୍ୟମରେ ପ୍ରଜାମାନଙ୍କ ଲାଗି ଯେଉଁ ନିଷ୍ପତି ନିଆଯାଇଛି ତାହା କାର୍ଯ୍ୟକାରୀ ହେବା ତ ଦୂରର କଥା କେବଳ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି କମିଟିର ସଠିକ୍ ସମୟରେ ବସ ନାହିଁ। ଯେତେ ବେଳେ ଏହି କମିଟିର ବୈଠକ ହେଉଛି ବିସ୍ଥାପିତଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତିରେ ରହିଯାଉଛି। ଏହି ବୈଠକରେ କମ୍ପାନୀଗୁଡ଼ିକ କାର୍ଯ୍ୟଧାରା ନେଇ ଅନେକ ସମୟରେ ରାଜନେତାମାନେ କମ୍ପାନୀ କର୍ତ୍ତୃପକ୍ଷ କୌଣସି କଥା ଶୁଣୁନାହାନ୍ତି କହି ଏହାର ପ୍ରତିବାଦରେ ବୈଠକ ଅଧାରୁ ଚାଲି ଯାଉଛନ୍ତି। ଏହା ଦ୍ୱାରା ବିସ୍ଥାପିତ ପ୍ରଜାମାନେ କିଚଇ ପାଉନାହାନ୍ତି ଯାହା ଫଳରେ ଜମିହରା ନିଜର ନ୍ୟାର୍ଯ୍ୟ ଅଧିକାର ପାଇଁ ବର୍ଷ ବର୍ଷ ଅପେକ୍ଷା ପରେ ବାଧହୋଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରୁଛନ୍ତି। ଆର୍‌ପିଡିଏସି କମିଟିର ସଦସ୍ୟ ଥିବା ପ୍ରତିନିଧିମାନେ ଏହି ଆନ୍ଦୋଳନକୁ କେତେକାଂଶରେ ସମର୍ଥନ କରୁଥିବା ବେଳେ ଅନ୍ୟ କେତେକ ପରିସ୍ଥିତିରେ କମ୍ପାନୀକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହି କମିଟିର ସଦସ୍ୟମାନେ ବିସ୍ଥାପିତ ଗ୍ରାମବାସୀଙ୍କ ସହ ବସି ଜିଲ୍ଲା ପ୍ରଶାସନ ସହିତ ବିସ୍ଥାପିତମାନଙ୍କ ସମସ୍ୟା ନେଇ ବାରମ୍ବାର ସମୀକ୍ଷା ବୈଠକ ଏହା ଉପସ୍ଥାପନ କରିପାରିଲେ ଏହା କମ୍ପାନୀମାନଙ୍କ ଉପରେ ଚାପ ସୃଷ୍ଟି ହୁଅନ୍ତା ଏବଂ କ୍ଷତିଗ୍ରସ୍ତ ଲୋକମାନେ ନିଜର ହକ୍ ପାଇପାରନ୍ତେ। ଏହା ନହେବା ଫଳରେ ଜମି ଜମିବାଡ଼ି ହରାଇ ସର୍ବସ୍ୱାନ୍ତ ହୋଇଥିବା ବିସ୍ଥାପିତ ପରିବାରଗୁଡ଼ିକ ରାଜନୀତି ପଶାପାଲି କେବଳ ହନ୍ତସନ୍ତ ହେବା ସାର ହେଉଛି ବୋଲି କୁହାଯାଇଛି। ଏଠାରେ ରାଜନୀତି ଲୋକମାନେ ବିସ୍ଥାପିତଙ୍କ ପ୍ରକୃତ ସମସ୍ୟା ସଠିକ୍ ଢ଼ଙ୍ଗରେ ନଜର ନଦେଇ ଉଦାସୀନତା ରହୁଥିବାରୁ ଯୋଗୁଁ ଏହା ବେଶ୍ କମ୍ପାନୀମାନଙ୍କ ସୁବିଧା ସ୍ଥିତି ଆଣି ଦେଉଛି। ଜମିହରା ପ୍ରଜାର ନିଜଚାଷ ଜମି ତାର ହକ୍ ପାଇ ନଥିଲା ବେଳେ ସେହି ଜମି ଉପରେ ଗଢ଼ି ଉଠୁଛି କୃତ୍ରିମ ପାହାଡ଼, କାରଖାନା, ବଡ଼ବଡ଼ ଶିଳ୍ପସଂସ୍ଥା ଓ ଖଣିଖାଦାନ। ଭବିଷ୍ୟତ ବଂଶଧାରା ପାଇଁ ଏହା କେବଳ ଅନ୍ଧକାର ବୋଲି ସ୍ପଷ୍ଟ ସେ ବାରିପାରୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଏମ୍ଏସ୍ଏମ୍ଇ ଦିବସରେ ଯୋଗଦେଲେ ଶିକ୍ଷାମନ୍ତ୍ରୀ

# ଏମ୍ଏସ୍ଏମ୍ଇକୁ 'ଲୋକାଲ୍‌ରୁ ଗ୍ଲୋବାଲ୍' କରିବାକୁ ଆହ୍ୱାନ

**ପାରାଦୀପ,୨୭।୬/ଏନ୍ଏନ୍ଏସ୍:** 'ଆନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ୨୦୨୬' ଅବସରରେ ଶନିବାର ଦିନ ପାରାଦୀପ ଇଫ୍‌କୋ ଅଡିଟୋରିୟମ ଠାରେ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ (ଡବ୍ଲ୍ୟୁଟିସି) ଏବଂ ନେସନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ (ଏନ୍ଏସ୍ଆଇସି)ର ମିଳିତ ଆନୁକୂଲ୍ୟରେ ଏମ୍ଏସ୍ଏମ୍ଇ ଟିମ୍‌ର ବାଣିଜ୍ୟ ସକ୍ଷମତା ଏବଂ ମାର୍କେଟିଂ ପଦକ୍ଷେପକୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଓଡିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଦି ଫ୍ୟୁଚର୍ ଜେନେରେସନ୍ ଅଫ୍ ଏମ୍ଏସ୍ଏମ୍ଇ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ବାଣିଜ୍ୟ କ୍ଷେତ୍ରରେ ଡିଜିଟାଲାଇଜେସନ୍, ଲଜିଷ୍ଟିକ୍ସ ଇଣ୍ଟିଗ୍ରେସନ୍, ଅନଲାଇନ୍ ବଜାର, ଏଆଇ ଏବଂ ଇ-କମର୍ସର ପ୍ରଭାବ ବୃଦ୍ଧି ପାଉଥିବା ସମୟରେ ଏମ୍ଏସ୍ଏମ୍ଇଗୁଡ଼ିକର ରୂପାନ୍ତରଣ ଜରୁରୀ। ଡିଜିଟାଲ୍ ବାଣିଜ୍ୟ ମାଧ୍ୟମରେ ଏମ୍ଏସ୍ଏମ୍ଇକୁ ସଶକ୍ତ କରିବା ଏବଂ ଓପନ୍ ନେଟୱାର୍କ ଫର୍ ଡିଜିଟାଲ୍ କମର୍ସ (ଓଏନଡିସି) ସହିତ ସେମାନଙ୍କର ସମନ୍ୱୟକୁ ସହଜ କରିବା ପାଇଁ ମୋଦୀ ସରକାରଙ୍କ ଦ୍ୱାରା ଆରଏଏମପି ସ୍କିମ୍ ଅଧୀନରେ ଏମ୍ଏସ୍ଏମ୍ଇ ଟ୍ରେଡ୍ ଏନେବ୍ଲେମେଣ୍ଟ ଆଣ୍ଡ ମାର୍କେଟିଙ୍ଗ ଇନିସିଏଟିଭ୍ ଆରମ୍ଭ



କରାଯାଇଛି। ଏହି ପଦକ୍ଷେପ ମାଗଣାରେ ଅନବୋର୍ଡିଂ, ଡିଜିଟାଲ୍ କାଟଲଗ୍ ସୃଷ୍ଟି, ଆକାଉଣ୍ଟ ପରିଚାଳନା ପାଇଁ ସହାୟତା, ଲଜିଷ୍ଟିକ୍ସ ସୁବିଧା, ପ୍ୟାକେଜିଂ ସହାୟତା, ଡିଜିଟାଲ୍ ଦକ୍ଷତା ସୃଷ୍ଟି ଏବଂ ଦେଶବ୍ୟାପୀ ଗ୍ରାହକ ନିକଟରେ ପହଞ୍ଚାଇବା ଭଳି ଅନେକ ସୁବିଧା ପ୍ରଦାନ କରିବା ସହ ଗ୍ରାମୀଣ ଓ ଅର୍ଦ୍ଧସହରୀ କ୍ଷେତ୍ରର ଛୋଟ ଛୋଟ ଉଦ୍ୟୋଗଗୁଡ଼ିକୁ ଇ-କମର୍ସ ମାଧ୍ୟମରେ ସମଗ୍ର ଭାରତର ବଜାରରେ ସ୍ଥାନ ଦେବାରେ ସହାୟକ ହେଉଛି। ବିଶେଷ କରି, ଏହା ମହିଳାମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଡିଜିଟାଲ୍ ବଜାରର ସୁଯୋଗ ଦେଇ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରୁଛି। ଏଭଳି ସଚେତନତା କାର୍ଯ୍ୟକ୍ରମ ପାରାଦୀପ ପରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆୟୋଜନ କରିଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବନ୍ଦର, ଶିଳ୍ପ, ସୁଦୃଢ଼ ପରିବହନ ବ୍ୟବସ୍ଥା ଏବଂ ସାମୁଦ୍ରିକ ଅର୍ଥନୀତି ଯୋଗୁଁ ଏହି ଅଞ୍ଚଳରେ ଅପାର ସମ୍ଭାବନା ରହିଛି। ବିଶେଷ କରି, ଫ୍ୟାବ୍ରିକେସନ୍, ପ୍ୟାକେଜିଂ, ମରାମତି ଓ ରକ୍ଷଣାବେକ୍ଷଣ, ମେରାଇନ୍ ପ୍ରଡକ୍ଟସ୍, ଫୁଡ୍ ପ୍ରୋସେସିଂ, ଲଜିଷ୍ଟିକ୍ସ ସର୍ଭିସେସ୍ ଓ ଇଞ୍ଜିନିୟରିଂ ସେବା ଭଳି ବିଭିନ୍ନ ଆନୁଷଙ୍ଗିକ କ୍ଷେତ୍ରରେ ଏମ୍ଏସ୍ଏମ୍ଇଗୁଡ଼ିକର ବିକାଶ ପାଇଁ ଅନେକ ସୁଯୋଗ ରହିଛି। ଆଜିର ଯୁଗ ହେଉଛି ଡିଜିଟାଲ୍ କମର୍ସର। ତେଣୁ, ଟେକ୍ନୋଲୋଜିକୁ ଭୟ ନକରି ଡିଜିଟାଲ୍ ବ୍ୟବସାୟକୁ ପ୍ରାଧାନ୍ୟ ଦେବା ସହ କ୍ୱାଲିଟି, ବ୍ରାଣ୍ଡିଂ ଓ ପ୍ୟାକେଜିଂ ଏବଂ ଡିଜିଟାଲ୍ ରେକର୍ଡ ଉପରେ ଗୁରୁତ୍ୱ ଦେବାକୁ ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏବଂ ସମସ୍ତେ ମିଶି ଓଡ଼ିଶାର ଏମ୍ଏସ୍ଏମ୍ଇକୁ 'ଲୋକାଲ୍‌ରୁ ଗ୍ଲୋବାଲ୍' କରିବା ନେଇ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ଜଗତସିଂହପୁର ଡିଆଇସି ଜିଏମ ମନୋରଞ୍ଜନ ବିଶୋଇ, ଏନ୍ଏସ୍ଆଇସି ଜିଏମ ମନୋଜ ମୋହନ ସିହ୍ନା ଓ ଡେପୁଟି ଜିଏମ କମଳ ଲୋଚନ ନାୟକ, ଡବ୍ଲ୍ୟୁଟିସି ଭୁବନେଶ୍ୱର ଶାଖା ଅଧ୍ୟକ୍ଷା ଡଃ.ରୀନା ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡବ୍ଲ୍ୟୁଟିସି ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜ୍ୟଲକ୍ଷ୍ମୀ ଉଦଯାପନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶେଷରେ ଏନ୍ଏସ୍ଆଇସି ଡିଜିଏମ ସୁଜିତ କୁମାର ଶାହା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ବନ୍ଧୁକଚାଳନା ପ୍ରତିଯୋଗିତା



**ତାଳଚେର,୨୭।୬/ଏନ୍ଏନ୍ଏସ୍:** ତାଳଚେର ରାଇଫଲ କ୍ଲବରୁ ୧୦ଜଣ ପ୍ରତିଯୋଗୀ ମେଡ଼ାଲ ପାଇବାପରେ ସଫଳ ହୋଇଛନ୍ତି। କ୍ଲବର କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ୨୨ପିସ୍ତଲ ସିନିଅର୍ ଭେଟରାନରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସମ୍ପାଦକ ଶରତ ଦେବ ୨୨ପିସ୍ତଲ ମାଷ୍ଟରରେ ରୋପ୍ୟ, ମନୋରଞ୍ଜନ ଦାସ ୨୨ପିପି ରାଉଫଲରେ ରୋପ୍ୟ, ୟୁଥ ଗ୍ରୁପ୍‌ରେ ସୋମନାଥ ବାରିକ ୧୭୭ ରାଇଫଲରେ ସ୍ୱର୍ଣ୍ଣପଦକ, ସାଇନା ସାହୁ, ସ୍ୱର୍ଣ୍ଣ, ଆରିଅମାନ ସିଘାନିଆ ୨୨ପିପିରେ ସ୍ୱର୍ଣ୍ଣ, ରିତିକା ରାଜ ରୋପ୍ୟ, ଆୟୁଷ୍ମାନ ଦାସ ରୋପ୍ୟ, ଶୁଭ ମହାପାତ୍ର କାସ୍ୟ ପଦକ ହାସଲ କରି ଅନୁଗୋଳ ଜିଲ୍ଲାରେ ଗୌରବମୟ କରିଛନ୍ତି।

# ବ୍ଲକ୍‌ସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ଜଗତସିଂହପୁର,୨୭।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦ୍ୱିତୀୟ ବାର୍ଷିକ ପୂର୍ତ୍ତି ଅବସରରେ ବିକାଶଧାରା ଓଡ଼ିଶା ସାରା ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଜଗତସିଂହପୁର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ଏବିଡିଓ ସୁନୀଲ ରାଉତରାୟ, ସିଡିପିଓ ଧନେଶ୍ୱରୀ ନାୟକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ମନୋରଞ୍ଜନ ବିଶ୍ୱାଳ, ଜିଲ୍ଲା ନିଯୁକ୍ତି ନିୟୋଜିତ ଅଧିକାରୀ ଅଜିତ କୁମାର ଉତ୍ତରାୟ, ଓରମାସ ଡେପୁଟି ସିଇଓ ମଧୁସ୍ମିତା ସାହୁ, ମିଶନଶକ୍ତି ବିପିସି କାର୍ତ୍ତିକ ସ୍ୱାଇଁ ଯୋଗଦେଇ ଥିଲେ। ଉକ୍ତ ସଭାକାର୍ଯ୍ୟରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଓଡିଶା ଜୀବିକା ମିଶନ ବିପିଏମ ପ୍ରତାପ ରୁଦ୍ର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଜନହିତକର ଯୋଜନା ଦୁଇ ବର୍ଷରେ ଦୁଇଗୁଣା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାର ଜନହିତକର ଯୋଜନାରେ ମାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଆମ ସରକାରଙ୍କ ସୁଭଦ୍ରା ଯୋଜନା ଆଜି ପ୍ରମୁଖ ଯୋଜନା ତାହା ଆଜି ଘରେ ଘରେ ପରିଚିତ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ସମସ୍ତ ରାସନ ହିତାଧିକାରୀ ଆଜି ଅତିରିକ୍ତ ୫ କେଜି ଚାଉଳ ଏହି ମାସ ଠାରୁ ପାଉଛନ୍ତି। ଯାହାକି ୫ କେଜି ପରିବର୍ତ୍ତେ ୧୦ କେଜି ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୬୦ ହଜାର ଟଙ୍କା ଆଜି ଝିଅ ବିବାହରେ ଦିଆଯାଉଛି,୮୦ ବର୍ଷର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ପେନସନ ଦିଆଯାଉଛି। ଧାନରେ ସରକାର ଆମ ରାଜ୍ୟରେ ୮୦୦ଶହ ଟଙ୍କା ସହାୟତା ରାଶି ପ୍ରଦାନ କରି ୩୧୦୦ ଶହ ଟଙ୍କା ଚାଷୀଙ୍କୁ ଡିବିଟି ମାଧ୍ୟମରେ ପ୍ରଦାନ କରୁଛନ୍ତି। ଏହାଛଡା ଜଗତସିଂହପୁରର ବିକାଶ ପାଇଁ ହାତଖୋଲା ଅନୁଦାନ ଯୋଗାଇ ଦେଇଛନ୍ତି। ୮୦୦ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ ପ୍ରକଳ୍ପ, ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ବ୍ୟବସ୍ଥା କରିଛନ୍ତି। ଜଗତସିଂହପୁରରେ ନିପୁରରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକସ୍ତରରେ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଦେବୀ ନଦୀରେ ୪୫୦ କୋଟି ଟଙ୍କାରେ ବ୍ୟାରେଜ ହେବାକୁ ଯାଉଛି ବୋଲି କହିଥିଲେ। ଏହାପରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଦାସଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪୫ ଜଣ ହିତାଧିକାରୀଙ୍କୁ ଗୃହ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏବଂ ୧୦ ଜଣ ମହିଳାଙ୍କୁ ଉଜ୍ଜ୍ୱଳା ଗ୍ୟାସ, ମିଶନ ଶକ୍ତି ଲକ୍ଷପତି ଯୋଜନାରେ ୫୨ ଜଣଙ୍କୁ ୧ ଲକ୍ଷର ଚେକ ପ୍ରଦାନ, ବ୍ଲକ, ପୌରାଞ୍ଚଳର ସମସ୍ତ ଅଙ୍ଗନବାଡି ଦିଦି ୨୮୬ ଜଣଙ୍କୁ ସ୍ମାର୍ଟ ଫୋନ୍, ଏସି,ଏସଟି ବର୍ଗ ୧୦ ଜଣ କଳାକାରଙ୍କୁ ସମ୍ମାନିତ ଏବଂ ୪ ଜଣ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ପ୍ରଦାନ କରିଥିଲେ।



# ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ସଚେତନତା

**ଯାଜପୁର,୨୭।୬/ଏନ୍ଏନ୍ଏସ୍:** ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ତଥା ଚୋରା ଚାଲାଣ ବିରୋଧରେ ସଚେତନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ମାଂସାପୋଲ ନିକଟସ୍ଥ ରାମ ମନ୍ଦିର ନିକଟରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଏଁ ଏକ ସଚେତନତା ରାଲି କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅବକାରୀ ବିଭାଗର କର୍ମଚାରୀମାନେ



ଯୋଗ ଦେଇଥିଲେ। ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ପ୍ଲାକାର୍ଡ ସ୍ଲୋଗାନ ଏବଂ ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି। ଜିଲ୍ଲା ଅବକାରୀ ଅଧିକ୍ଷକ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି ଅଧିକ୍ଷକ ଅନିତା ଓଝା, ଅବକାରୀ ଇନ୍ସପେକ୍ଟର ସସ୍ମିତା ହୋତା ଏବଂ ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବୋମାମାଡ଼ ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ଘର ଆଗରେ ଲାଗିଲା ନୋଟିସ୍

**ପାରାଦୀପ,୨୭।୬/ଏନ୍ଏନ୍ଏସ୍:** ପାରାଦୀପ ବୋମାମାଡ଼ ମାମଲାରେ ମୁଖ୍ୟ ଅଭିଯୁକ୍ତ ବାପୁ ଓରଫ ଜ୍ୟୋତିକାନ୍ତ ପରିଡ଼ାଙ୍କ ବିରୋଧରେ ଆଉ ଏକ ପଦକ୍ଷେପ ନେଇଛି ପୁଲିସ। ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ତାଙ୍କ ଘରେ ନୋଟିସ୍ ଲଗାଇଛି ପାରାଦୀପ ଆଦର୍ଶ ଥାନା ପୁଲିସ। ପୁଲିସ ପକ୍ଷରୁ ଜାରି ନୋଟିସ୍‌ରେ ଉଲ୍ଲେଖ ରହିଛି ଯେ, ସମ୍ପୃକ୍ତ ମାମଲାରେ ମାନ୍ୟବର ଉଚ୍ଚନ୍ୟାୟାଳୟ ପକ୍ଷରୁ ଅସ୍ଥାୟୀ ସୁରକ୍ଷା ମିଳିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନିର୍ଦ୍ଦେଶ ପାଇବାର କିଛି ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହୋଇନଥିବାରୁ ପୁଲିସ ପକ୍ଷରୁ ତାଙ୍କ ଘରେ ନୋଟିସ୍ ଲଗାଯାଇଛି। ନୋଟିସ୍‌ରେ ଆସନ୍ତା ୩୦ ଜୁନ୍ ସକାଳ ୧୦ଟା ସୁଦ୍ଧା ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ କୁହାଯାଇଛି। ନଚେତ୍ ଉଚ୍ଚନ୍ୟାୟାଳୟଙ୍କୁ ଅବଗତ କରାଯିବା ସହ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ସ୍ପଷ୍ଟ କରିଛି।



# ଉର୍ଜା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



**ପରଜଙ୍ଗ,୨୭।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିନ ପାଳନ ଅବସରରେ ଉର୍ଜା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉର୍ଜା ଟ୍ରଷ୍ଟ ସଭାପତି ଦିପକ କୁମାର ଗୋଛାୟତ ଓ ଟ୍ରଷ୍ଟର ସମସ୍ତ ସଭ୍ୟଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ବିଜେପି ଜିଲ୍ଲା ସଭାପତି, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଜସାସ୍ୱିନି ରାଉତ, ବିଜେପି ନେତା ଦୁର୍ଗା ଚରଣ ସାହୁ, ବିଜେପି କର୍ମୀ ଓ ମହିଳାମାନେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହ କରିଥିଲେ। ଏଥିସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶତାୟୁ ଓ ମଙ୍ଗଳ କାମନା କରିଥିଲେ। ଶିବିରରେ ସମୁଦାୟ ୭୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ 'ଛାତ୍ରୋ କି ଗୁଞ୍ଜ' କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା,୨୭।୬/ଏନ୍ଏନ୍ଏସ୍:** କଜଳାସ୍ଥିତ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାହୁଲ ଗାନ୍ଧୀଙ୍କ 'ଛାତ୍ରୋ କି ଗୁଞ୍ଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନଙ୍କୁ ଯେଉଁ ବକ୍ତବ୍ୟ ଦେଇଥିଲେ ତାହାର ଝଲକ ପରଦା ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। କଂଗ୍ରେସ ଜିଲ୍ଲା ସଭାପତି ଡା.ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗଦେଇ କହିଲେ ଭାରତର ଶିକ୍ଷା ବ୍ୟବସ୍ଥା ଏବେ ଏକ ଶୋଷଣ କରୁଥିବା ମେସିନରେ ପରିବର୍ତ୍ତନ ହୋଇଛି। ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଶାକାର କରିବା ପାଇଁ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ ହୋଇନାହିଁ। ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ବ୍ୟବସ୍ଥା ଶୋଷଣ ମୂଳକ ଅଟେ। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରାଯାଇ ଘରୋଇ ଶିକ୍ଷା ବ୍ୟବସ୍ଥାକୁ ପ୍ରଚଳନ କରାଯାଇଛି। ପ୍ରତିବର୍ଷ ୨୨ଲକ୍ଷ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେଇଥାନ୍ତି। ଏଥିରେ ୧.୩୨ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଅର୍ଥ ଭାରତ ସରକାରଙ୍କ ଶିକ୍ଷା ବଜେଟ ସହ ସମାନ। ସେହିପରି ନିଟ୍, ଏସଏସସି, ଆରଆରବି, ୟୁପିଏସସି ଓ ଜେଇଇ ପ୍ରମୁଖ ପରୀକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନେ ବାର୍ଷିକ ୩.୫ଲକ୍ଷ କୋଟି ଖର୍ଚ୍ଚ କରୁଛନ୍ତି। ଏହି ଅର୍ଥ ଭାରତ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ,ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ବଜେଟ ସହ ସମାନ। ଭାରତରେ ଏହିପରି ଭାବେ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ କରାଯାଉଛି। ଏହାସତ୍ତ୍ୱେ ପ୍ରଶ୍ନପତ୍ର ଲିକ ଭଳି ଘଟଣା ଘଟୁଛି। ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିବାକୁ ପଛାଉନାହାନ୍ତି। ନିକଟରେ ନିଟ ପ୍ରଶ୍ନପତ୍ର ଲିକ ହେବାରୁ ନାଗପୁରରେ ଆକାଂକ୍ଷା ନାମ୍ନୀ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଦେଶବାସୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଭାରତରେ ଏଭଳି ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ ହୋଇଛି ଯେ ଶହେ ଜଣ ଇଞ୍ଜିନିୟରଙ୍କ ମଧ୍ୟରୁ ୮୦ଜଣ ବେକାର ଅଛନ୍ତି। ଛାତ୍ରଛାତ୍ରୀମାନେ ଯେଉଁ ବଡ ସ୍ୱପ୍ନ ଦେଖୁଛନ୍ତି ତାହାକୁ ଆମ ଶିକ୍ଷା ବ୍ୟବସ୍ଥା ଧୂଳିସାତ କରିଦେଉଛି। ତେଣୁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଛନ୍ତି। ଜିଲ୍ଲା ସଭାନେତ୍ରୀ ଡା. ଶର୍ମା ନିଟ ପ୍ରଶ୍ନପତ୍ର ଲିକ ଘଟଣାରେ ବର୍ଷିଛନ୍ତି। ସେ କହିଛନ୍ତି ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆରଜିପିଏସ୍‌ୱାଇ. ସଂଯୋଜକ ବିଜୟାଲକ୍ଷ୍ମୀ ସାହୁ, ଟିଟିନା ତୟବ ପ୍ରମୁଖ ଯୋଗଦେଇ କହିଲେ ସୀମିତ ସିଟ୍ ଏବଂ ସୀମିତ ପଦବୀ ଯୋଗୁ ଛାତ୍ରଛାତ୍ରୀଙ୍କୁ ବହୁତ କଠିନ ପରିସ୍ଥିତିରେ ସାମ୍ନା କରିବାକୁ ପଡୁଛି। ଭାରତୀୟ ଶିକ୍ଷା ବ୍ୟବସ୍ଥା ଏକ ପ୍ରତ୍ୟାନ ବ୍ୟବସ୍ଥା ଚୟନ ବ୍ୟବସ୍ଥା ନୁହେଁ। ପ୍ରତ୍ୟେକ ଯୁବ ଭାରତୀୟ ଓ ପ୍ରତ୍ୟେକ ଛାତ୍ରଙ୍କୁ ସୁରକ୍ଷା ଦେବା ଭାରତର କର୍ତ୍ତବ୍ୟ ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟଦେବ ପରିଡା, ଫକୀର ଚରଣ ଖଟୁଆ, ଜୟସ୍ମିତା ମହାନ୍ତି, ରତିକାନ୍ତ କାନୁନଗୋ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ସନ୍ତୋଷ ବେହେରା, ମହମ୍ମଦ ଆକବର ଅଲ୍ଲୀ, ଭାଗିରଥି ଜେନା, ପ୍ରଶାନ୍ତ ରାଉତ, ପ୍ରଫୁଲ୍ଲ ଦାସଙ୍କ ସମେତ ବିଭିନ୍ନ ବ୍ଲକ କଂଗ୍ରେସ ଏବଂ ନଗର କଂଗ୍ରେସ ସଭାପତି ଓ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ନିତିଦିନ NITIDIN
ରବିବାର, ୨୮ ଜୁନ ୨୦୨୬

**ନିତି ଭାରତୀ**

ପ୍ରକୃତ ଯୋଗ ଶରୀରର ଆକାରକୁ ସୁଠାମ କରିବା ପାଇଁ ନୁହେଁ, ଏହା ଜୀବନକୁ ସୁନ୍ଦର ସରସ କରିବା ପାଇଁ। ଯୋଗ ସଂପାଦନ କରିବା ନିମନ୍ତେ ନୁହେଁ, ଯୋଗରେ ବଞ୍ଚିବା ଆବଶ୍ୟକ।

– ଆଦିଲ ପାଲକିୱାଲା



## ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...

ମନୋଜ କୁମାର ମହାପାତ୍ର

# ସସେମିରା

ଆଜିକାଲି ସମଗ୍ର ଦେଶର ରାଜନୈତିକ ଦୃଶ୍ୟ ପ୍ରେକ୍ଷାପଟ୍ଟରେ ଅର୍ଥ ଓ କ୍ଷମତାର ଲୋଭର ଛକାପଞ୍ଝା ଖେଳକୁ ଗଣତନ୍ତ୍ରର ନୃତ୍ୟ କହିଲେ ଅତ୍ୟୁକ୍ତି ହେବନି। ନୀତି, ଆଦର୍ଶ, ନୈତିକତା, ମୂଲ୍ୟବୋଧ- ଯାହା ଭାରତୀୟ ପରମ୍ପରାର ଆବହମାନ କାଳରୁ ଏକ ଅଙ୍ଗବିଶେଷ ହେଇ ରହିଛି, ତାହା କ୍ରମଶଃ ଧରାଶାୟୀ ହେବାରେ ଲାଗିଛି। ଏମନ୍ତ ଛକାପଞ୍ଝା ଖେଳରେ କିଏ କେଉଁ ଦଳର, ବୁଝିବା ଭାରି କଷ୍ଟ। ଆଜି ଯିଏ ବିରୋଧୀ ଦଳରେ ରହି ଶାସକ ଦଳକୁ କଟୁ ସମାଲୋଚନା କରେ, କାଲି ସେ ଶାସକ ଦଳରେ ଯୋଗ ଦେଇ ବିରୋଧୀ ଦଳକୁ ଭର୍ତ୍ସନା କରିବାରେ ପଶ୍ଚାତ୍‌ପଦ ହେଉନି। ଯେଉଁ ଦଳ ନିର୍ବାଚନରେ ଜିତି ସରକାର ଗଢ଼େ, ସେହି ଦଳକୁ ବିରୋଧୀ ଦଳରୁ ପିମ୍ପୁଡ଼ି ଧାର ଛୁଟେ। ଅବଶ୍ୟ ଏଥିପାଇଁ ରାଜନୈତିକ ପଣ୍ଡିତଗଣ ଅନେକ କାରଣ ଦର୍ଶାଇଥାନ୍ତି, ହୋଇପାରେ ସେହି କାରଣଗୁଡ଼ିକ ସତ୍ୟ ବା କପୋଳକଳ୍ପିତ। ସେ ସମ୍ବନ୍ଧରେ ଜଣେ ବନ୍ଧୁ ମୋତେ ଅଳ୍ପ ଦିନ ତଳେ ପଚାରିଲେ, ଆପଣଙ୍କର ମତ କ'ଣ ? ତାଙ୍କୁ ସ୍ପଷ୍ଟ ସ୍ୱରରେ ଓଲଟା ପ୍ରଶ୍ନ ପଚାରିଲି- ମୋର ମତ କ'ଣ ଆପଣଙ୍କ ପ୍ରଶ୍ନର ସମାଧାନ କରି ପାରିବ ? ସମ୍ବାଦପତ୍ର, ଟିଭି, ବିଶେଷକରି ସାମାଜିକ ଗଣମାଧ୍ୟମରେ ଏ ସମ୍ବନ୍ଧରେ କେତେ ପ୍ରକାରର ସାର ଓ ଅସାର ଏବଂ ପାଣ୍ଡିତ୍ୟପୂର୍ଣ୍ଣ ଚର୍ଚ୍ଚା ଚାଲିଛି, ସେଥିରୁ କ'ଣ ଆପଣ ଉତ୍ତରଟିଏ ପାଉ ନାହାନ୍ତି ? ବନ୍ଧୁ ଆଖି ତରାଟି କହିଲେ- ନାହିଁ ହେ, ସେସବୁ ଅଲଣା ଚର୍ଚ୍ଚା ଶୁଣି ଶୁଣି ଦେହଘଷା ହୋଇ ଗଲାଣି; ଗୋଟିଏ ନିଛକ ସତ୍ୟ ମିଳୁନି।

ଓହୋ, ଆପଣ ସତ୍ୟକୁ ଖୋଜୁଛନ୍ତି, ଯେମିତି ଋଷିପ୍ରତିମ ଗ୍ରୀକ୍ ଦାର୍ଶନିକ ଡାଇଓଜିନିସ (Diogenes) ଏଥେନ୍ସ ରାଜରାସ୍ତାରେ ଡହଡହ ଖରା ବେଳେ ଲଣ୍ଠନଟିଏ ହାତରେ ଧରି ଖୋଜୁଥିଲେ ? ଲୋକେ ପରସ୍ପର ଭିତରେ କୁହାକୁହି ହେଲେ- ଦେଖୁନ, ପାଗଳାଟା କେମିତି ଡହଡହ ଖରାବେଳେ ଲଣ୍ଠନଟିଏ ହାତରେ ଧରି ବୁଲୁଛି ! ତଥାପି ଜଣେ ଦେଖଣାହାରୀ ପଚାରିଲା- ହଇଓ ବାବୁ, ଖରାବେଳେ, ପୁଣି ପ୍ରଚଣ୍ଡ ଆଲୁଅରେ ଲଣ୍ଠନ ଧରି କ'ଣ ଖୋଜୁଛ ? ଡାଇଓଜିନିସ ରହିଯାଇ ଅଣ୍ଟା ସିଧା କରି ପ୍ରଶ୍ନକର୍ତ୍ତାଙ୍କୁ ଚାହିଁଲେ ଓ ଉତ୍ତର ଦେଲେ- ମୁଁ ପରା ଏହି ଏଥେନ୍ସ ସହରରେ ଜଣେ ସଚ୍ଚୋଟ ସାଧୁ ମଣିଷକୁ ଖୋଜୁଛି। ବିଦ୍ରୂପ ହସରେ ଉଚ୍ଛୁଳି ପଡ଼ିଲା ରାଜରାସ୍ତା ଏବଂ ସେମାନେ ତାଙ୍କୁ କେଉଁ ପ୍ରକାର ଅଶ୍ଳୀଳ ମନ୍ତବ୍ୟ ଦେଇଥିବେ, ଅବଶ୍ୟ ସେଥିପାଇଁ ଇତିହାସ ନିରବ। ତଥାପି ଆଜିର ଗଣମାଧ୍ୟମରେ ଯେଉଁସବୁ ଲାଇକ୍ସ ଓ ରୁଚିହୀନ ଅଶ୍ଳୀଳ ଗାଳି ଦେଖନ୍ତି ଓ ଶୁଣନ୍ତି, ସେପରି ବୋଧେ ଏତେଟା କଟୁ ଅଶ୍ଳୀଳ ମନ୍ତବ୍ୟ ସେ କାଳର ଲୋକେ ଦେଇ ନଥିବେ। ତଥାପି କିଛି ଦେଖଣାହାରୀ ଓ ନିରବ ନାଗରିକ ଡାଇଓଜିନିସଙ୍କ ମନ୍ତବ୍ୟର ଗଭୀରତାକୁ ବୁଝି ପାରିଥିଲେ, କେବଳ ସେ ସମୟର ଲୋକ ନୁହନ୍ତି, ଏବେ ସମଗ୍ର ବିଶ୍ୱର କିଛି ଲୋକ ବୁଝି ପାରନ୍ତି।

ସମ୍ପ୍ରତି ଘଟଣାକୁ ଆଧାର କରି ଯେଉଁସବୁ ଚର୍ଚ୍ଚା ଚାଲିଛି, ତାହା କଣ ଦଳ ଡିଆଁକୁ ରୋକି ପାରିବ ନା ଲୋକଙ୍କୁ ସଚେତନ କରି ପାରିବ ? ଆମ ପାଖରେ ବେଦ, ବେଦାନ୍ତ, ଉପନିଷଦ, ଭଗବତ୍ ଗୀତା, ଷଡ଼ ଦର୍ଶନଠାରୁ ଆରମ୍ଭ କରି ଅଷ୍ଟାଦଶ ପୁରାଣ ସମେତ କେତେ ଦାର୍ଶନିକ ତତ୍ତ୍ୱ ଓ ସିଦ୍ଧାନ୍ତରେ ପରିପୂର୍ଣ୍ଣ ଆମ ଭାରତବର୍ଷ, ତଥାପି ଆମେ ସେଥିରୁ କିଛି ଶିଖି ପାରନ୍ତିନି, ତାହାର କାରଣ କ'ଣ ଆପଣ ଜାଣି ନାହାନ୍ତି ? ଠିକ୍ ଜାଣିଛନ୍ତି, କିନ୍ତୁ ଜାଣି ବି ଆମେ ଅଜଣା ହେବାକୁ ବାଧ୍ୟ। କାହିଁକି ନା ଆମେ ସମସ୍ତେ ଊଣା ଅଧିକେ ସସେମିରା ବ୍ୟାଧିଗ୍ରସ୍ତ। ଯେହେତୁ ଏହି ରୋଗଟି ରାଜନୈତିକ ନେତାମାନଙ୍କୁ ବେଶୀ ଗ୍ରାସ କରିଛି, ତେଣୁ ଏପରି ଆଦର୍ଶଛଡ଼ା ମଣିଷ ରାଜନୀତି ଗର୍ଭରୁ ଜନ୍ମ ହେବେ ହିଁ ହେବେ। କେବଳ ରାଜନୀତି ଗର୍ଭରୁ ନୁହେଁ, ସମାଜର ସବୁ ନୀତି ଗର୍ଭରୁ ଜନ୍ମ ହେବେ। ଏହା ଏକ ନୂଆ ଘଟଣା ନୁହେଁ, ମାନବ ସଭ୍ୟତାର ଆରମ୍ଭ ପୂର୍ବରୁ ହୋମୋ ସାପିଏନ୍ସ ବି ଏହି ରୋଗକୁ ସାଥୀରେ ଧରି ବିବର୍ତ୍ତିତ ହୋଇଥିଲା। ବିବର୍ତ୍ତନ ଚକ୍ରରେ ହୋମୋ ସାପିଏନ୍ସ ଯେତେବେଳେ ସିଂହ, ବାଘ ଭଳି ନିଜକୁ ରକ୍ଷା କରିବା ଲାଗି ପ୍ରଥମେ ବୁଦ୍ଧି ଖଟାଇ ପଥରକୁ ଘଷି ମୁନିଆ କରି ଅସ୍ତ୍ର ତିଆରି କଲା, ସେତେବେଳେ ଉକ୍ତ ଅସ୍ତ୍ରକୁ କେବଳ ହିଂସ୍ର ଜନ୍ତୁଙ୍କ ଉପରେ ପ୍ରୟୋଗ କଲେନି, ବରଂ ନିଜର ଭାଇକୁ ମଧ୍ୟ ସେହି ଅସ୍ତ୍ରରେ ହତ୍ୟା କରିବାକୁ ପଛେଇଲେ ନାହିଁ। ଯେହେତୁ ସେହି ଜିନ୍‌ଟା ବୋଧହୁଏ କିଛି ଲୋକଙ୍କ ଭିତରେ ଏବେ ବେଶୀ ଉଚ୍ଚାଟ ହେଉଥିବ, କିଏ କହିବ ?

ଏଠାରେ ଉଲ୍ଲେଖନୀୟ ଯେ ସବୁ ମଣିଷ ଏମନ୍ତ ସସେମିରା ରୋଗରେ ପୀଡ଼ିତ ନୁହନ୍ତି, କିନ୍ତୁ ଯେଉଁମାନେ ଭୟ, ମୋହ, ଅର୍ଥ ଓ କ୍ଷମତା ଲୋଭରେ ମିତ୍ରଦ୍ରୋହୀ ହୋଇଯାନ୍ତି, ସେହିମାନେ ହିଁ ସସେମିରା ରୋଗରେ ପୀଡ଼ିତ ବୋଲି ଜାଣିବାକୁ ହେବ। ସସେମିରା ଗଳ୍ପଟିକୁ ସଂକ୍ଷେପରେ କହିଲେ ଏମିତି ହେବ:

ବୈଶାଳୀର ରାଜା ନନ୍ଦଙ୍କ ପୁତ୍ର ରାଜକୁମାର ଜୟପାଳ ଏକଦା ମୃଗୟା ନିମନ୍ତେ ଘୋର ଅରଣ୍ୟକୁ ଯାଇଥିଲେ। ଦୁର୍ଭାଗବଶତଃ, ଗୋଟିଏ କୃଷ୍ଣସାର ମୃଗ ପଶ୍ଚାତରେ ଧାବିତ ହେଇ ନିଖୋଜ ହେଇଗଲେ। ଅରଣ୍ୟ ମଧ୍ୟରେ ଏକ ପୁଷ୍କରିଣୀରୁ ଜଳପାନ କରି ତୃଷ୍ଣା ମେଣ୍ଟାଇବା ଉତ୍ତାରୁ ହଠାତ୍ ଦେଖିଲେ ସାମ୍ନାରେ ଏକ ଭୟଙ୍କର ବ୍ୟାଘ୍ର। ଉପାୟ ଶୂନ୍ୟ ହୋଇ ନିକଟସ୍ଥ ବୃକ୍ଷ ଉପରକୁ ଚଢ଼ିଗଲେ। ଅତି ଉଚ୍ଚରେ ଯେଉଁ ଡାଳରେ ସେ ବସିଲେ, ଏକ ଭୟଙ୍କର ଭାଲୁ ଆଗରୁ ସେହି ଡାଳରେ ବସିଥିଲା। ରାଜକୁମାର ଭୟରେ ଥରିବାକୁ ଲାଗିଲେ। ଭାଲୁ କହିଲା - ହେ ରାଜକୁମାର, ମୋତେ ଭୟ କରନି; ମୁଁ ତୁମର କିଛି କ୍ଷତି କରିବିନି। କାହିଁକି ନା ତୁମେ ମୋର ଶରଣାଗତ। ରାଜକୁମାର କହିଲେ- ଧନ୍ୟ ତୁମେ ଭାଲୁ-ରାଜା, ତୁମେ ମୋତେ ରକ୍ଷା କରି ବିପୁଳ ଧର୍ମ ଓ ପୁଣ୍ୟ ଅର୍ଜନ କରିଛ। ଇତ୍ୟବସରରେ ଯେତେବେଳେ ରାଜକୁମାରଙ୍କର ନିଦରେ ଆଖିପତା ନଇଁବାକୁ ଆରମ୍ଭ କଲା, ଭାଲୁ କହିଲା- ହେ ରାଜକୁମାର, ତୁମେ ଗଛ ଡାଳରେ ଶୋଇବା ଲାଗି ଅଭ୍ୟସ୍ତ ନୁହଁ, ତଳକୁ ପଡ଼ିଯିବାର ସମ୍ଭାବନା ଅଛି। ସୁତରାଂ, ତୁମେ ମୋ କୋଳରେ ନିର୍ଭୟରେ ଶୁଅ। ରାଜକୁମାର ଆରାମରେ ଭାଲୁ କୋଳରେ ଶୋଇଲେ।

ଗଛ ମୂଳରେ ଜଗି ବସିଥିବା ବ୍ୟାଘ୍ର ଇତ୍ୟବସରରେ ଭାଲୁକୁ କହିଲା- ଏହି ମଣିଷ ତୁମର ଶତ୍ରୁ। ସେ ଶିକାର ପାଇଁ ନିକଟସ୍ଥ ଗ୍ରାମରୁ ଜଙ୍ଗଲକୁ ଆସିଛି। ଯାକୁ ଆଜି ଛାଡ଼ିଦେଲେ ପୁଣି ସେ ଜଙ୍ଗଲକୁ କାଲି ଆସିବ ଏବଂ ତୁମକୁ ହତ୍ୟା କରିବ। ତେଣୁ ଶତ୍ରୁକୁ କାହିଁକି କୋଳରେ ଶୁଆଇଛ ? ତାକୁ ତଳକୁ ପକାଇ ଦିଅ, ମୁଁ ତାକୁ ଖୁସିରେ ମାରି ଖାଇବି। ଭାଲୁ କହିଲା- ତେଣିକି ଯାହା ବି ହେଉ, ମୁଁ ତାକୁ ଶରଣ ଦେଇଛି, ତାକୁ କେବେ ବି ତଳକୁ ଠେଲି ଦେବିନି। ଶରଣ ପଶିଥିବା ଲୋକର ଜୀବନ ନେବା ସବୁଠାରୁ ବଡ଼ ପାପ।

ରାଜକୁମାର ଆରାମରେ ଭାଲୁ କୋଳରେ ଶୋଇଲେ। ଯେତେବେଳେ ରାଜକୁମାର ନିଦରୁ ଉଠିଲା, ସେତେବେଳେ ଭାଲୁ କହିଲା- ରାଜକୁମାର ମୋତେ ନିଦ ଲାଗୁଛି। ମୁଁ କିଛି ସମୟ ଶୋଇବି। ତୁମେ ଚେଇଁ ବସିବ। ଏତକ କହି ରାଜକୁମାର ପାଖରେ ଭାଲୁ ଶୋଇଲା। ତା'ପରେ ବାଘ କହିଲା- ହଇଓ ରାଜକୁମାର, ଭାଲୁକୁ କେବେ ବିଶ୍ୱାସ କରନି। ତାହାର ପଞ୍ଝା ଦେଖୁଛ କିପରି ମୁନିଆ ଓ ତୀକ୍ଷ୍ଣ। ସେ ଗୋଟିଏ ଚଞ୍ଚଳଚିତ୍ତ ଭାଲୁ। ଏପରିକି ତାହାର ଦୟା ମୁହୂର୍ତ୍ତକେ ଭୟରେ ପରିଣତ ହେଇଯାଇପାରେ। ସେ ନିଶ୍ଚିତ ଭୟଙ୍କର ହେବ ତୁମ ପାଇଁ। ସେ ତୁମକୁ ବଞ୍ଚାଇ ରଖିଛି ତୁମକୁ ଖାଇବା ପାଇଁ। ତେଣୁ ତୁମେ ତାକୁ ତଳକୁ ଠେଲିଦିଅ। ମୁଁ ତାକୁ ଖାଇବି ଏବଂ ଏଠାରୁ ଚାଲିଯିବି। ତୁମେ ମଧ୍ୟ ନିଜ ଗାଁକୁ ନିର୍ଭୟରେ ଫେରିଯିବ।

ବାଘର କଥା ଶୁଣି ରାଜକୁମାର ଭାଲୁକୁ ତଳକୁ ଠେଲିଦେଲା। ଯେହେତୁ ଭାଲୁ ଗୋଟିଏ ଡାଳକୁ ଧରି ଶୋଇଥିଲା, ସେ ତଳେ ପଡ଼ିଲାନି, କିନ୍ତୁ ଭାଲୁ ତଳେ ନ ପଡ଼ିବା ଦେଖି ରାଜକୁମାର ଭୟରେ ପୁଣି ଥରଥର ହେବାକୁ ଲାଗିଲା।

ଭାଲୁ କହିଲା- ହେ ଦୁଷ୍ଟ ରାଜକୁମାର ! ତୁମେ ଡରୁଛ କାହିଁକି ? ତୁମକୁ ତୁମର କାର୍ଯ୍ୟ ପାଇଁ ଦୁଃଖ ଭୋଗିବାକୁ ପଡ଼ିବ। ମୁଁ ତୁମକୁ ଅଭିଶାପ ଦେଉଛି ଯେ ତୁମେ ଗୋଟିଏ ପିଶାଚ ହୋଇଯାଅ ଏବଂ ଅନବରତ ସସେମିରା ସସେମେରା କେବଳ ବକି ଚାଲ। ସକାଳ ହେଲା। ବାଘ ତା' ବାଟରେ ଚାଲିଗଲା ଏବଂ ଭାଲୁ ରାଜକୁମାରକୁ ଅଭିଶାପ ଦେଇ ତା'ର ଗୁମ୍ଫାକୁ ଚାଲିଗଲା। କିନ୍ତୁ ରାଜକୁମାର ସସେମିରା ସସେମିରା ଉଚ୍ଚାରଣ କରି ସାରା ଜଙ୍ଗଲରେ ବୁଲିବାକୁ ଲାଗିଲା। ଯାହାହେଉ, ରାଜା ଶେଷରେ ଖବର ପାଇ ରାଜକୁମାରକୁ ରାଜ ପ୍ରାସାଦକୁ ନେଇ ଆସିଲେ। କିନ୍ତୁ ରାଜକୁମାରଙ୍କର ରୋଗ କେହି ଚିହ୍ନଟ କରି ପାରିଲେନି କି କୌଣସି ଔଷଧ କାଟୁ କଲାନି। ରାଜା ଶେଷରେ ମନ୍ତ୍ରୀମାନଙ୍କୁ କହିଲେ- ରାଜ୍ୟ ସାରା ଘୋଷଣା କର, ଯିଏ ରାଜକୁମାରଙ୍କୁ ସୁସ୍ଥ କରିଦେବ, ତାକୁ ଅଧା ରାଜ୍ୟ ଦିଆଯିବ। ଶେଷରେ ରାଜ୍ୟରୁ ବିତାଡ଼ିତ ପ୍ରଧାନମନ୍ତ୍ରୀ ସାରଦାନନ୍ଦଙ୍କର କନ୍ୟା- ନିମ୍ନଲିଖିତ ଚାରୋଟି ପଙ୍କ୍ତି, ଯାହାର ପ୍ରଥମ ଅକ୍ଷର ଥିଲା 'ସ' ଗୋଟିଏ ପରେ ଗାନ କରିବାକୁ ରାଜକୁମାରଙ୍କୁ କହିଲେ। ରାଜକୁମାର ପ୍ରତ୍ୟେକ ପଙ୍କ୍ତିର ପ୍ରଥମ ଅକ୍ଷରକୁ ବାଦ୍ ଦେଇ ଗାଇବା ପରେ ସ ଅକ୍ଷରଟି ଉଭେଇ ଯାଉଥାଏ। ଚାରୋଟି ପଙ୍କ୍ତିରୁ ପ୍ରଥମ ଅକ୍ଷର- ସ ହଟି ଯିବାରୁ ସସେମିରାର ବିଲୁପ୍ତି ଘଟିଲା। ଚାରୋଟି ପଙ୍କ୍ତିର ବ୍ୟାଖ୍ୟା ଏଠାରେ ଆବଶ୍ୟକ ନାହିଁ, ସାମାନ୍ୟ ମନନ କଲେ, ସହଜରେ ବୁଝିହେବ।

**ସ-ଦଭାବ-ପ୍ରତିପନ୍ନ ବଞ୍ଚନେ କା ବିଦଗ୍ଧାତା,**
**ଅଂକ-ମରୁହ୍ୟ ସୁପ୍ତାନଂ ହନ୍ତୁଃ କିଂ ନାମ ପୌରୁଷମ୍।**
**ସେ- ତୁମ ଗତ୍ୱା ସମୁଦ୍ରସ୍ୟ ଗଂଗା-ସାଗର-ସଂଗମମ୍,**
**ବହ୍ମହତ୍ୟାପି ପ୍ରମୁଚ୍ୟତେ ମିତ୍ର-ଦ୍ରୋହୀ ନ ମୁଚ୍ୟତେ।**
**ମିତ୍ର-ଦ୍ରୋହୀ କୃତଘ୍ନଶ୍ଚ ଯଶ୍ଚ ବିଶ୍ୱାସ-ଘଟକଃ,**
**ତ୍ରୟସ୍ତେ ନରକଂ ଯାନ୍ତି ଯାବଦଚ୍ଛୁତସମ୍ପଲବମ୍।**
**ରା-ଜେନ୍ଦ୍ରା ନିଜ-ପୁତ୍ରସ୍ୟ ଯଦି କଲ୍ୟାଣମିଚ୍ଛସି,**
**ଦେହୀ ଦାନଂ ଦ୍ୱିଜାତିଭ୍ୟୋ ଦେବତାରାଧନଂ କୁରୁ।**

ବର୍ତ୍ତମାନ ରାଜନୈତିକ ନେତାମାନେ ଯେହେତୁ ଛାତି ବାଡ଼େଇ କୁହନ୍ତି- ରାଜନୀତିରେ କେହି ସ୍ଥାୟୀ ଶତ୍ରୁ କି ମିତ୍ର ନାହାନ୍ତି, ତେବେ ଆମକୁ ଅନ୍ତତଃପକ୍ଷେ ଧରି ନେବାକୁ ହେବ ଯେ ମିତ୍ରଦ୍ରୋହ ଭଳି ଶବ୍ଦର ଦାର୍ଶନିକ ତତ୍ତ୍ୱ ତୁଳିକୁ ଯାଇ ସାରିଛି। ଶେଷରେ ବନ୍ଧୁଙ୍କୁ କହିଲି, ଅବଶ୍ୟ ଟିକେ ହସିକି କହିଲି- ଆଜିର ଡାଇଓଜିନିସଙ୍କ ଭଳି ଦାର୍ଶନିକମାନେ ଦିନ ଦ୍ୱିପ୍ରହରରେ ଲଣ୍ଠନ ଧରି ଭଲ ଲୋକଙ୍କୁ ଖୋଜୁଥାନ୍ତୁ ବା ରାଜକୁମାରମାନେ ଭାଲୁଗୁଡ଼ାକୁ କ୍ଷମତାର ଅର୍ଥ ଓ ଭୟ ଦେଖାଇ ତଳକୁ ଖସେଇ ସସେମିରାରେ ପରିଣତ କରୁଥାନ୍ତୁ, ଆମର ସେଥିରେ ମୁଣ୍ଡ ଖେଳାଇ ନିଜ ପାଖରେ ଯେଉଁ ଟିକକ ଶାନ୍ତି ଅଛି, ତାକୁ ଅଶାନ୍ତିରେ ପରିଣତ କରି ମାନସିକ ଦୁଃଖ ଭୋଗିବା ଦରକାର ନାହିଁ। କାରଣ ଅତି ସ୍ପଷ୍ଟ। ଆମ ଭଳି ସାଧାରଣ ମଣିଷ ନୀତିବାକ୍ୟ ମାଧ୍ୟମରେ ନା ରାଜକୁମାରମାନଙ୍କୁ ବଦଳାଇ ପାରିବା, ନା ସସେମିରା-ଆକ୍ରାନ୍ତ ମଣିଷମାନଙ୍କୁ ସୁସ୍ଥ କରି ପାରିବା, ବରଂ ନିଜେ ବଦଳି ଯିବା ଭଲ।

# ପୂଜ୍ୟପୂଜା ବ୍ୟତିକ୍ରମ ଓ ଅସ୍ମିତା ସଙ୍କଟ



ଡଃ କମଳା ପ୍ରସାଦ ମହାପାତ୍ର

ବିଗତ କେତେଦିନ ହେବ ଅସ୍ମିତା ଶବ୍ଦ ସାମାଜିକ, ରାଜନୈତିକ, ସଂସ୍କୃତିକ ସମାବେଶମାନଙ୍କରେ ବହୁଳ ଭାବେ ବ୍ୟବହୃତ ହେଉଅଛି। ଅସ୍ମିତାର ଆକ୍ଷରିକ ଅଭିଧାନ ଅର୍ଥ ହେଲା ଆତ୍ମ-ପରିଚୟ, ଆତ୍ମ-ସମ୍ମାନ, ସ୍ୱାଭିମାନ, ଭାଷା ସ୍ୱାତନ୍ତ୍ର୍ୟ, ସାହିତ୍ୟ ଅନବଦ୍ୟତା, କଳା, ଭାସ୍କର୍ଯ୍ୟ, ସଂସ୍କୃତି ଅନନ୍ୟତା ଇତ୍ୟାଦି ଯେତେ ଲମ୍ବାଇଲେ ମଧ୍ୟ ଓଡ଼ିଆ ଜାତିର ବୈଶିଷ୍ଟ୍ୟ ବର୍ଣ୍ଣନା ପର୍ଯ୍ୟାପ୍ତ ବୋଲି ଆତ୍ମ-ସନ୍ତୋଷ ମିଳେ ନାହିଁ।

ଓଡିଶା ପରିପ୍ରେକ୍ଷୀରେ ଅସ୍ମିତାର ଆଲୋଚନା କଲେ ଜଣାଯାଏ ଯେ ଏହା ଖୁବ୍ ବ୍ୟାପକ, ସଶକ୍ତ, ସମୃଦ୍ଧ ଓ ବଳିଷ୍ଠ ଅଟେ। ଆମ ଭାଷା ସାହିତ୍ୟର ଏକ ହଜାରରୁ ଊର୍ଦ୍ଧ୍ୱ ବର୍ଷର ପ୍ରାଚୀନତା, ସମୃଦ୍ଧ କଳା ସ୍ଥାପତ୍ୟ, ସଶକ୍ତ ନୌବାଣିଜ୍ୟ, ଅନବଦ୍ୟ ବାଣୀ ଭଣ୍ଡାର, ଆଧ୍ୟାତ୍ମିକ ପରମ୍ପରା, ଅନନ୍ୟ ସଂସ୍କୃତି ସମଗ୍ର ବିଶ୍ୱରେ ପ୍ରଶଂସିତ ହେବା ପ୍ରତ୍ୟେକ ଓଡ଼ିଆ ହୃଦୟରେ ଅସ୍ମିତା ଜାଗ୍ରତ କରିଥାଏ। ଓଡ଼ିଆ ଭାଷା ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନିତ ଓ ଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି।

ଓଡିଶା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହେବାର ପୂର୍ବାବସ୍ଥାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଯେଉଁ କେତେ ଜଣ ଦିଗଜ, ଅସ୍ମିତାସମ୍ପନ୍ନ, ସ୍ୱାଭିମାନୀ, ସ୍ୱାଧୀନଚେତା ସଂଗ୍ରାମୀ ଅକ୍ଳାନ୍ତ ପରିଶ୍ରମ ଓ ଅସୀମ ତ୍ୟାଗ ସ୍ୱୀକାର କରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିଥିଲେ ଆମେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ସ୍ୱୀକୃତି ପ୍ରଦାନ କରିବାରେ ଚରମ ଅବହେଳା ପ୍ରଦର୍ଶନ କରୁଅଛୁ।

ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶା ରାଜ୍ୟ ଗଠନର ମୁଖ୍ୟ ସୂତ୍ରଧର ମଧୁସୂଦନ ଦାସଙ୍କ ପ୍ରମୁଖ ସହଯୋଗୀ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ବହୁମୁଖୀ ପ୍ରତିଭାଧାରୀ, ପ୍ରଚଣ୍ଡ ବିଦ୍ୱାନ, ଉତ୍କଳ ଗୁରୁ, ଓଡିଶା ସିଂହ ପଣ୍ଡିତ ନୀଳକଣ୍ଠ ଦାସ। ଆସନ୍ତୁ ଏବେ ଜାଣିବା ଓଡ଼ିଶା ରାଜ୍ୟ ଗଠନର ମୁଖ୍ୟ କାଣ୍ଡାରୀ, ଓଡ଼ିଆ ଅସ୍ମିତାର ପ୍ରତିଭୂ, ପ୍ରଚଣ୍ଡ ପ୍ରଜ୍ଞାବାନ, ମହାନ ସଂଗ୍ରାମୀ ରାଷ୍ଟ୍ରନେତା ନୀଳକଣ୍ଠ କିପରି ମଧୁସୂଦନ ଦାସଙ୍କ ଆହ୍ୱାନରେ ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ରାଜ୍ୟ ଗଠନରେ ବଳିଷ୍ଠ ଭୂମିକା ନିର୍ବାହ କରିଥିଲେ ଓ ଆକଳନ କରିବା ନୀଳକଣ୍ଠ ଦାସ କେଉଁଭଳି ସ୍ୱୀକୃତି ଓ ସମ୍ମାନ ପାଇବା ପାଇଁ ହକ୍‌ଦାର। ବୋଧହୁଏ ପଶ୍ଚିମବଙ୍ଗରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାଜା ରାମ ମୋହନ ରାୟ, ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଯେତିକି ସମ୍ମାନ ମିଳିଛି ଓଡ଼ିଶାରେ ନୀଳକଣ୍ଠଙ୍କୁ ସେତିକି ବା ତା'ଠାରୁ ଅଧିକ ସମ୍ମାନ ମିଳିବା କଥା। ମାତ୍ର ବିଡମ୍ବନା ଏହି ଯେ ଆମେ ଓ ଆମ ସରକାର ପୂଜ୍ୟପୂଜାରେ ଅବହେଳା କରିଥାଉ। ଯୁବକ ଅବସ୍ଥାରେ ଗୋପବନ୍ଧୁ ଦାସଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ପରେ ନୀଳକଣ୍ଠ ଅନ୍ୟ ତିନିଜଣ ବନ୍ଧୁ ଗୋଦାବରୀଶ, ହରିହର, କୃପାସିନ୍ଧୁଙ୍କ ସହ ଉଚ୍ଚଶିକ୍ଷିତ ହେବା ସତ୍ତ୍ୱେ ବିଦେଶୀ ସରକାର ଅଧୀନରେ ଚାକିରି ନକରି ଦେଶସେବା କରିବାକୁ ଭାର୍ଗବୀ ନଦୀ କୂଳରେ ଶପଥ ନେଇ ପଞ୍ଚସଖା ଭାବେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରିବା ସହ ସାହିତ୍ୟ ରଚନା, ଦେଶସେବାରେ ବ୍ରତୀ ହୋଇଥିଲେ। ନୀଳକଣ୍ଠ ଥିଲେ ଜଣେ ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ। ସେ ଏକାଧାରରେ ଜଣେ ଦକ୍ଷ ପ୍ରଧାନଶିକ୍ଷକ, ବିଶିଷ୍ଟ ରାଜନେତା, ପ୍ରଚଣ୍ଡ ବାଗ୍ମୀ, ପ୍ରଭାବୀ ସାଂସଦ, ଅସୀମ ପ୍ରଜ୍ଞାର ଅଧିକାରୀ ଥିଲେ।

ଏକଦା ଗଙ୍ଗବଂଶ ସମ୍ରାଟ ଅନନ୍ତ ବର୍ମନ ଚୋଡଗଙ୍ଗ ଦେବଙ୍କ ଶାସନକାଳରେ ଉତ୍ତରରେ ଗଙ୍ଗା ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ ବିସ୍ତୃତ କଳିଙ୍ଗ ସାମ୍ରାଜ୍ୟ ବା ଓଡ଼ିଶା ବ୍ରିଟିଶ ଶାସନକାଳରେ ଖଣ୍ଡ ବିଖଣ୍ଡିତ ଭାବରେ ଶାସିତ ହୋଇ ମୌଳିକ ଅଧିକାରରୁ ବଞ୍ଚିତ ହେଉଥିଲା। କଟକ, ପୁରୀ, ବାଲେଶ୍ୱର ବେଙ୍ଗଲ ପ୍ରେସିଡେନ୍ସି ଗଞ୍ଜାମ, କୋରାପୁଟ ମାଡ୍ରାସ୍ ପ୍ରେସିଡେନ୍ସି ସମ୍ବଲପୁର, କଳାହାଣ୍ଡି ସେଣ୍ଟ୍ରାଲ ପ୍ରୋଭିନ୍ସ ଅଧୀନରେ ଶାସିତ ହେଉଥିଲା। ଏହିସବୁ ଅଞ୍ଚଳରେ ଓଡିଆମାନେ ସଂଖ୍ୟା ଲଘୁ ହୋଇଥିବାରୁ ମାତୃଭାଷା ଓଡ଼ିଆ ଘୋର ସଙ୍କଟର ସମ୍ମୁଖୀନ ହୋଇଥିଲା। ଓଡ଼ିଆ ପିଲାମାନଙ୍କୁ ସ୍କୁଲରେ ବେଙ୍ଗଲୀ, ତେଲୁଗୁ, ହିନ୍ଦୀ ପଢ଼ିବା ପାଇଁ ବାଧ୍ୟ କରାଯାଉଥିଲା।

କେତେକ ସ୍ୱାଭିମାନୀ ଓଡ଼ିଆ ମାତୃଭାଷା ଦୁର୍ଦ୍ଦଶା ଓ ଅସ୍ମିତା ସଂକଟ ଦେଖି ଉଦ୍‌ବେଗ ପ୍ରକାଶ କଲେ। ଠିକ୍ ଏହି ସନ୍ଧିକ୍ଷଣରେ ୧୯୦୩ ମସିହା ଡିସେମ୍ବର ୩୦ତାରିଖରେ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ସ୍ଥାପନ କରିଥିଲେ। ପ୍ରକୃତ ପକ୍ଷେ ଉତ୍କଳ ସମ୍ମିଳନୀ ଥିଲା ଓଡ଼ିଆ ଅସ୍ମିତା ଜାଗରଣର ଅନ୍ତୁଡିଶାଳ। ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତିଙ୍କ ସହ ନୀଳକଣ୍ଠ ଦାସ ଉତ୍କଳ ସମ୍ମିଳନୀରେ ପ୍ରମୁଖ ଭୂମିକା ନିର୍ବାହ କରିବା ସହ ଓଡ଼ିଆମାନଙ୍କୁ ଏକତ୍ରିତ କରିବାରେ ସକ୍ଷମ ହୋଇଥିଲେ।

୧୯୨୪ ମସିହାରେ ନୀଳକଣ୍ଠ ଦିଲ୍ଲୀ କେନ୍ଦ୍ରୀୟ ସଂସଦ (Delhi Central Council) କୁ କଂଗ୍ରେସ ଦଳରୁ ନିର୍ବାଚିତ ହେବା ପରେ ସୁଯୋଗ ପାଇଲେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଦାବି ଉପସ୍ଥାପନ କରିବା ପାଇଁ। ମାତ୍ର ବିଡମ୍ବନାର ବିଷୟ ଯେ ସେ ଏଥିପାଇଁ ଅନ୍ୟ ତୁଙ୍ଗ କଂଗ୍ରେସ ନେତାମାନଙ୍କ ଠାରୁ ସମର୍ଥନ ପାଇଲେ ନାହିଁ। କଂଗ୍ରେସ ଦଳର ଓଡ଼ିଶା ପ୍ରତି ଏହି ନକାରାତ୍ମକ ଆଭିମୁଖ୍ୟ ବିରୋଧରେ କଲିକତା ଓ ଅନ୍ୟାନ୍ୟ ସ୍ଥାନରେ ଆନ୍ଦୋଳନ ଆରମ୍ଭ କଲେ। ଅନେକ ଘାତ ପ୍ରତିଘାତ ପରେ ୧୯୨୭ ମସିହାରେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ଏକ ବିଲ୍ ଆଗତ କଲେ। ୧୯୨୯ ମସିହା ଅଖିଳ ଭାରତ କଂଗ୍ରେସ ଅଧିବେଶନରେ ମଧ୍ୟ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ରଖି ଏହା ସପକ୍ଷରେ ଦୃଢ଼ ଯୁକ୍ତି ଶାଣିତ ସ୍ୱରରେ ଉପସ୍ଥାପନ କରି ତୁଙ୍ଗନେତାଙ୍କ ସହ ବ୍ରିଟିଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିସ୍ଥିତି ଏପରି ହେଲା ଯେ ବ୍ରିଟିଶ ସରକାରଙ୍କ ଅର୍ଥ ସଚିବ ଆଲେକଜାଣ୍ଡର ମୁଡିମ୍ୟାନ୍ ଘୋଷଣା କଲେ ଓଡ଼ିଶାକୁ ଏକ ଉପପ୍ରଦେଶ କରାଯିବା ସହ ନୀଳକଣ୍ଠଙ୍କୁ 'ସାର୍' ଉପାଧି ପ୍ରଦାନ କରାଯିବ। ସ୍ୱାଭିମାନୀ ନୀଳକଣ୍ଠ ଉପାଧି ଲୋଭରେ ନିଜ ନ୍ୟାଯ୍ୟ ଦାବିରେ କୌଣସି ସାଲିସ୍ କରିବେ ନାହିଁ କହି ମୁଡିମ୍ୟାନ୍‌ଙ୍କ ପ୍ରସ୍ତାବକୁ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଥିଲେ। ନୀଳକଣ୍ଠ ସ୍ୱତନ୍ତ୍ର ରାଜ୍ୟ ଗଠନ ସପକ୍ଷରେ ବଳିଷ୍ଠ ଯୁକ୍ତି ଦର୍ଶାଇ 'ଦି ଷ୍ଟେଟ୍‌ସ ମ୍ୟାନ୍', 'ବମ୍ବେ କ୍ରନିକଲ୍' ଭଳି ବହୁଳ ପ୍ରସାରିତ ଜାତୀୟ ସମ୍ବାଦପତ୍ରରେ ନିୟମିତ ପ୍ରବନ୍ଧ ପ୍ରକାଶ କରି ବ୍ରିଟିଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାତ୍ମା ଗାନ୍ଧୀ ଦାବିର ଗୁରୁତ୍ୱ ଉପଲବ୍ଧି କରି ବିଲ୍‌ଟିକୁ ଗୋଲ୍‌ଟେବୁଲ ବୈଠକ ଓ ବ୍ରିଟିଶ ସଂସଦକୁ ପଠାଇ ଦେଲେ।

ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ୧୯୩୦ ମସିହା ମେ' ୨୧ ତାରିଖରେ ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଓଲାଙ୍ଗର-ଖଣ୍ଡସାହି ଗ୍ରାମରେ ଅବସ୍ଥାନ କରି ଲୋକମାନଙ୍କୁ ମେଳି କରି ପଦଯାତ୍ରାରେ ଯାଇ ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି କୁହୁଡି ସମୁଦ୍ରକୂଳରେ ଲୁଣ ମାରିଥିଲେ।

ଇତି ମଧ୍ୟରେ ଗଞ୍ଜାମ, କୋରାପୁଟ, ପାରଳାଖେମୁଣ୍ଡିକୁ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ କରିବା ପାଇଁ ୧୬ ଜୁନ୍, ୧୯୨୭ ମସିହାରେ ମୁଖଲିଙ୍ଗମ ଠାରେ ଏକ ମହାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନୀଳକଣ୍ଠ ଉକ୍ତ ସଭାରେ ଯୋଗ ଦେଇ ତଥ୍ୟ ସମ୍ବଳିତ ଓଜସ୍ୱିନୀ ବକ୍ତୃତା ଦେଇ ସେହି ଅଞ୍ଚଳ ସବୁ ଓଡିଶାର ଅବିଚ୍ଛେଦ୍ୟ ଅଂଶ ବୋଲି ପ୍ରମାଣ କରିଥିଲେ। ସେତିକିରେ ସ୍ୱାଭିମାନୀ ନୀଳକଣ୍ଠ ରୁହ୍ ନ ବସି ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବିର ଯଥାର୍ଥତା ଦୋହରାଇ ଓ'ଡୋନେଲ୍ କମିଟି ନିକଟରେ ଏକ ଦୀର୍ଘ ସ୍ମାରକପତ୍ର ଦାଖଲ କରି ଅନୁମୋଦନ ଲାଭ କରିବା ପରେ ଏପ୍ରିଲ ୧ ତାରିଖ ୧୯୩୬ ମସିହାରେ ବିଧିବଦ୍ଧ ଭାବେ ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲା। ଏହା ପରେ ସଂସଦରେ ଅନର୍ଗଳ ଇଂରାଜୀରେ ଭାଷଣ ଦେଇ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ପ୍ରତିଷ୍ଠା ଦାବି କରି ସଫଳ ହୋଇଥିଲେ। ନୀଳକଣ୍ଠ ଭାଷଣ ଦେବାବେଳେ ତତ୍କାଳୀନ ସାଂସଦ ତଥା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ବିଏନ୍ ପାଣ୍ଡେ ଓଡ଼ିଶା ସିଂହ ଗର୍ଜୁଛି ବୋଲି କହୁଥିଲେ। ନୀଳକଣ୍ଠଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ତାଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମିତ ହେବା ସମୀଚୀନ ହୋଇଥାନ୍ତା। ସଂସଦରେ ଦେଇଥିବା ତାଙ୍କ ବକ୍ତବ୍ୟ ସବୁ ଏମିନେଣ୍ଟ ପାର୍ଲାମେଣ୍ଟାରିଆନ୍ସ ମନୋଗ୍ରାଫ୍ ସିରିଜ ଚତୁର୍ଥ ଭାଗରେ ସ୍ଥାନୀତ ହୋଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୂରୁଲ ହାସାନ, ନୀଳକଣ୍ଠ ଦାସଙ୍କୁ ଆଧୁନିକ ଭାରତର ନିର୍ମାତା (Makers of Modern India)ତାଲିକାରେ ସ୍ଥାନ ଦେଇଥିଲେ। ଜଣେ ଓଡ଼ିଆ ଭାବରେ ନୀଳକଣ୍ଠ ଏହି ବିରଳ ସମ୍ମାନର ଅଧିକାରୀ ଥିଲେ। ସଂସଦରେ କଂଗ୍ରେସ ଦଳ ଉପନେତା ପ୍ର.ଏନ୍‌ଜି ରଙ୍ଗା ନୀଳକଣ୍ଠଙ୍କୁ ଓଡ଼ିଶାର ପିତା ରୂପେ ଅଭିହିତ କରିଥିଲେ। ନୀଳକଣ୍ଠଙ୍କ ଅସାଧାରଣ ପ୍ରତିଭା, ଅଗାଧ ପାଣ୍ଡିତ୍ୟ ଓ ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଅବଦାନ ପାଇଁ ତାଙ୍କୁ ଉତ୍କଳ ଗୁରୁ ଉପାଧି ପ୍ରଦାନ କରାଯାଇଥିଲା।

ମାତ୍ର ଘୋର ପରିତାପର ବିଷୟ ଯେ ଏହି ମହାମନୀଷୀ, ଓଡିଆ ଅସ୍ମିତାର ପ୍ରତିଭୂ, ରାଜ୍ୟ ଗଠନର ମୁଖ୍ୟ କାଣ୍ଡାରୀ ନୀଳକଣ୍ଠ ଦାସ ଯେତିକି ସମ୍ମାନର ହକ୍‌ଦାର ତାହା ତାଙ୍କୁ ମିଳୁନାହିଁ। ପୂଜ୍ୟପୂଜାର ଏଭଳି ବ୍ୟତିକ୍ରମ ହେଲେ ଏ ଜାତିର ପ୍ରଗତି ଅସମ୍ଭବ। ପୂଜ୍ୟପୂଜା, ଅସ୍ମିତା ଜାଗରଣ, ଐତିହ୍ୟ ସୁରକ୍ଷା ଭଳି ଗୁରୁଦାୟିତ୍ୱ ଉତ୍ତରପିଢି ବହନ କରିବାର ସମୟ ଉପନୀତ ହୋଇଛି।

ମୋ- ୭୩୮୧୦୭୩୧୩୬

# ବ୍ରିଟେନ୍ ଗଣତନ୍ତ୍ର ଓ ପ୍ରଧାନମନ୍ତ୍ରୀଙ୍କ ସଂକଟ



ଲଳିତେନ୍ଦୁ ପଲାଉରୀ

ବ୍ରିଟେନର ସଂସଦୀୟ ଗଣତନ୍ତ୍ରରେ ବଡ଼ ହଲଚଲ। ଦେଶରେ ରାଜନୈତିକ ଅସ୍ଥିରତା ଚରମରେ। ଦଳୀୟ ବିବାଦ, ଅର୍ଥନୈତିକ ସଙ୍କଟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ଜନସାଧାରଣଙ୍କ ଅସନ୍ତୋଷ। ଗତ ୧୦ ବର୍ଷ ଭିତରେ ସପ୍ତମ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବ୍ରିଟେନ୍‌ବାସୀ। ଜୁନ୍ ୨୧ରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ କିଏର ଷ୍ଟାର୍ମର ପଦରୁ ଇସ୍ତଫା ଦେଇଛନ୍ତି। ୧୦ ବର୍ଷରେ ପଦ ଛାଡିଲେଣି ୬ ପ୍ରଧାନମନ୍ତ୍ରୀ। କେହିବି ସଂପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିପାରୁ ନାହାନ୍ତି। ୨୦୨୪ରେ ଲେବର୍ ପାର୍ଟି ବ୍ରିଟେନ୍‌ରେ ଶାସନରେ ରହିଛି। ତେବେ ନିକଟରେ ଦଳର ୧୦୦ରୁ ଅଧିକ ସାଂସଦଙ୍କ ବିରୋଧ ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମର ପଦ ଛାଡିଛନ୍ତି। ତାଙ୍କ ପୂର୍ବରୁ ପାଞ୍ଚ ଜଣ ପ୍ରଧାନମନ୍ତ୍ରୀ ମଧ୍ୟ ସେମାନଙ୍କ କାର୍ଯ୍ୟକାଳ ଅବଧି ଶେଷ ପୂର୍ବରୁ ଶେଷ ହୋଇଛି। ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟକାଳ ଶେଷ ପୂର୍ବରୁ ପଦ ଛାଡିଛନ୍ତି ଷ୍ଟାର୍ମର। ପ୍ରଧାନମନ୍ତ୍ରୀ ପଦ ସହ ଲେବର୍ ପାର୍ଟିର ନେତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି ଷ୍ଟାର୍ମର। ଷ୍ଟାର୍ମରଙ୍କ ପୂର୍ବରୁ ଡେଭିଡ୍ କାମରୁନ, ଥେରେସା ମେ, ବୋରିସ ଜନସନ, ଲିଜ ଷ୍ଟ୍ରସ୍ ଏବଂ ଋଷି ସୁନକଙ୍କୁ ଏଭଳି ଅଧାରୁ ପଦ ଛାଡିବାକୁ ପଡିଥିଲା। ଷ୍ଟାର୍ମରଙ୍କ ଇସ୍ତଫା ଏହା ସ୍ପଷ୍ଟ କରିଛି ୨୦୨୯ ବ୍ରିଟେନ୍ ସାଧାରଣ ନିର୍ବାଚନରେ ଲେବର୍ ପାର୍ଟି ନୂଆ ଚେହେରା ସହ ନିର୍ବାଚନ ମୈଦାନକୁ ଓହ୍ଲାଇବ। ଲେବର୍ ପାର୍ଟିର ଚାରି ଶହ ସାଂସଦଙ୍କ ମଧ୍ୟରୁ ୧୦୦ରୁ ଅଧିକ ସାଂସଦ ଷ୍ଟାର୍ମରଙ୍କୁ ବିରୋଧ କରିଥିଲେ। ଏପରିକି ଷ୍ଟାର୍ମରଙ୍କ ଇସ୍ତଫା ପୂର୍ବରୁ ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ୱେସ୍ ଷ୍ଟ୍ରିଟିଂ, ରକ୍ଷାମନ୍ତ୍ରୀ ଜନ୍ ହିଲି ଏବଂ ଅନ୍ୟ ଜଣେ ମନ୍ତ୍ରୀ ଜେସ୍ ଫିଲିପ୍ସ ଇସ୍ତଫା ଦେଇଥଲି। ୧୪ ବର୍ଷ ପରେ କ୍ଷମତାକୁ ଆସିଥିବା ଲେବର୍ ପାର୍ଟିରେ ଷ୍ଟାର୍ମରଙ୍କ ନେତୃତ୍ୱକୁ କଡା ବିରୋଧରେ ସାମ୍ନା କରିବାକୁ ପଡିଛି। ଷ୍ଟାର୍ମରଙ୍କ ଇସ୍ତଫା ପରେ ଏବେ ନୂଆ ନେତା ଚୟନ ପାଇଁ ରେସ୍ ଆରମ୍ଭ ହୋଇଛି। ରେସ୍‌ରେ ଆଗରେ ଅଛନ୍ତି ଆଣ୍ଡି ବର୍ନହାମ। ବର୍ଣ୍ଣହାମଙ୍କୁ ପାର୍ଟିର ୧୦୦ ଅସନ୍ତୋଷ ସାଂସଦଙ୍କ ସମର୍ଥନ ରହିଥିବା କୁହାଯାଉଛି। ନ୍ୟାସ୍‌ନାଲ ଏକଜିକ୍ୟୁଟିଭ୍ କମିଟି - ଘରଉ ଆସନ୍ତା ଜୁଲାଇ ୯ରେ ପାର୍ଟିର ନୂଆ ନେତା ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ କରିବ। ନୂଆ ନେତା ଚୟନ ପ୍ରକ୍ରିୟା ଜୁଲାଇ ୧୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ବ୍ରିଟେନ୍ ନାଗରିକ ସିଧାସଳଖ ପ୍ରଧାନମନ୍ତ୍ରୀ ନିର୍ବାଚିତ କରୁନଥିବା ବେଳେ ସଂସଦରେ ସଂଖ୍ୟାଗରିଷ୍ଠତା ଥିବା ଦଳର ନେତା ହିଁ ପ୍ରଧାନମନ୍ତ୍ରୀ ହେବେ। ତେଣୁ ଲେବର୍ ପାର୍ଟି ବର୍ତ୍ତମାନ ଶାସନରେ ଥିବାରୁ ସାଧାରଣ ନିର୍ବାଚନ ଆବଶ୍ୟକ ନାହିଁ। ସମସ୍ତ ପ୍ରକ୍ରିୟା ଶେଷ ପରେ ଆସନ୍ତା ଜୁଲାଇ ୧୭ରେ ବ୍ରିଟେନ୍‌କୁ ମିଳିବ ନୂଆ ପ୍ରଧାନମନ୍ତ୍ରୀ। ଆଣ୍ଡି ବର୍ଣ୍ଣହାମଙ୍କ ସମେତ, ଆଞ୍ଜେଲା ରେନର, ୟେଭେଟ୍ କୁପର ଏବଂ ୱେସ୍ ଷ୍ଟ୍ରିଟିଂ ସମ୍ଭାବ୍ୟ ଦାବିଦାର ଭାବରେ ବିବେଚନା କରାଯାଉଛି। ଆଞ୍ଜେଲା ରେନର ବର୍ତ୍ତମାନ ଲେବର ପାର୍ଟିର ଡେପୁଟି ନେତ୍ରୀ ଓ ୟେଭେଟ୍ କୁପରଙ୍କୁ ଜଣେ ଅଭିଜ୍ଞ ନେତା ଭାବେ ପରିଚିତ। ତେବେ ୨୦୨୪ରେ ଲେବର ପାର୍ଟିକୁ ବିଶାଳ ବିଜୟ ଦେଇଥିବା ଷ୍ଟାରମ କାହିଁକି ପଦ ଛାଡିଲେ, ତାଙ୍କର ଲୋକପ୍ରିୟତା କ୍ରମାଗତ ଭାବରେ ହ୍ରାସର କରାଣ କ'ଣ। ଚର୍ଚ୍ଚା ହେଉଛି ଅନେକ ବିବାଦ, ନୀତିଗତ ପରିବର୍ତ୍ତନ ଏବଂ ଜୀବନ ଧାରଣ ମାନଦଣ୍ଡରେ ଉନ୍ନତି ଆଣିବା ପ୍ରତିଶ୍ରୁତି ପୂରଣରେ ସେ ବିଫଳ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ବର୍ଣ୍ଣହାମ ଉପ-ନିର୍ବାଚନରେ ବିଜୟୀ ପରେ ଏବେ ଦଳ ପାଇଁ ଜଣେ ଦକ୍ଷ ନେତା ଉଭା ହୋଇଛନ୍ତି। ବ୍ରିଟେନ୍‌ରେ ସଂସଦୀୟ ଗଣତନ୍ତ୍ରରେ ପ୍ରଧାନମନ୍ତ୍ରୀଙ୍କ ବାରମ୍ବାର ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ତାଙ୍କ ସଂସଦୀୟ ବ୍ୟବସ୍ଥା। ପ୍ରଧାନମନ୍ତ୍ରୀ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ଦଳର ସାଂସଦମାନଙ୍କ ସମର୍ଥନ ହିଁ ତାଙ୍କୁ ତିଷ୍ଠି ରହିବାର ସହାୟକ ହୁଏ। ଯଦି ସାଂସଦମାନେ ଅନୁଭବ କରନ୍ତି ଯେ ଜଣେ ନେତାଙ୍କ ଲୋକପ୍ରିୟତା ହ୍ରାସ ପାଇବା ପରବର୍ତ୍ତୀ ନିର୍ବାଚନରେ ଦଳକୁ କ୍ଷତି ପହଞ୍ଚାଇପାରେ, ତେବେ ସେମାନେ ସାଧାରଣ ନିର୍ବାଚନ ନକରି ନୂତନ ନେତାଙ୍କୁ ଚୟନ କରିବାର ପ୍ରକ୍ରିୟା ଆରମ୍ଭ କରିପାରିବେ। ଏହି କାରଣରୁ ବ୍ରିଟେନ୍‌ରେ, ଦଳର ସମର୍ଥନ ଦୁର୍ବଳ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ପରିବର୍ତ୍ତନର ଆବଶ୍ୟକତା ଶୀଘ୍ର ଦେଖାଦିଏ। ଷ୍ଟାର୍ମରଙ୍କ ଇସ୍ତଫା ପାଞ୍ଚ ବଡ କାରଣ ମଧ୍ୟରେ ଆଞ୍ଚଳିକ ନିର୍ବାଚନରେ ଲେବର୍ ପାର୍ଟିର ଶୋଚନୀୟ ପରାଜୟ ଦଳ ୧୪ଶହରୁ ଅଧିକ ସିଟ୍ ହରାଇଛି। ଦଳର ଦକ୍ଷିଣପନ୍ଥୀ ନେତା ମାନେ ଅଭିଯୋଗ କରିଛନ୍ତି ଯେ ଷ୍ଟାର୍ମର ସରକାର ଅବୈଧ ପ୍ରବାସନ ରୋକିବାରେ ବିଫଳ। ଦଳର ବାମପନ୍ଥୀ ଓ ଟ୍ରେଡ ୟୁନିୟନ ନେତାମାନେ ଷ୍ଟାର୍ମରଙ୍କ ଅନେକ ଆର୍ଥିକ ନୀତିକୁ ବିରୋଧ କରିଛନ୍ତି। ଦଳର ପାରମ୍ପରିକ ଭୋଟ ବଜାୟ ଷ୍ଟାର୍ମର ବିଫଳ ହୋଇଥିବା କୁହାଯାଉଛି। ଛଅ ବ୍ରିଟେନ ପ୍ରଧାନମନ୍ତ୍ରୀ ଯେଉଁମାନେ ଅଧାରୁ ପଦ ଛାଡ଼ିଛନ୍ତି ସେମାନଙ୍କ ମଧ୍ୟରେ ଡେଭିଡ କାମରୁନ୍ ମେ' ୨୦୧୦ରୁ ଜୁଲାଇ ୨୦୧୬ ଯାଏ ପ୍ରଧାନମନ୍ତ୍ରୀ ରହିଥିବା ବେଳେ ୟୁରୋପୀୟ ସଂଘରୁ ବ୍ରିଟେନ ବାହାରିବା ବା ବ୍ରେକଜିଟ୍ ଜନମତ ସଂଗ୍ରହରେ ପରାଜୟ ପରେ ସେ ଇସ୍ତଫା ଦେଇଥିଲେ। ଥେରେସା ମେ' ଜୁଲାଇ ୨୦୧୬ରୁ ମେ' ୨୦୧୯ ବ୍ରେକଜିଟ୍ ବୁଝାମଣାକୁ ସଂସଦରେ ମଞ୍ଜୁରୀ ପ୍ରଦାନ କରିପାରିନଥିବାରୁ ଇସ୍ତଫା ଦେଇଥିଲେ। ବୋରିସ୍ ଜନସନ୍ ଜୁଲାଇ ୨୦୧୯ରୁ ଜୁଲାଇ ୨୦୨୨ କୋଭିଡ ଲକ୍‌ଡାଉନ୍ ବେଳେ ଦଳ ଅଫିସ୍‌ରେ ବିବାଦ କାରଣରୁ ସମର୍ଥନ ହରାଇଥିଲେ। ସେହିପରି ଲିଜ୍‌ଟ୍ରସ୍ ସେପ୍ଟେମ୍ବର ୨୦୨୨ରୁ ଅକ୍ଟୋବର ୨୦୨୨ ଟ୍ୟାକ୍ସ ହ୍ରାସ ପରେ ଆର୍ଥିକ ପ୍ୟାକେଜ ଘୋଷଣା ନେଇ ଦଳରେ ବିରୋଧ ପରେ ଇସ୍ତଫା ଦେଇଥିଲେ। ଲିଜ୍ ଟ୍ରସ୍‌ଙ୍କ ଅର୍ଥନୈତିକ ନୀତିଗୁଡିକ ବଜାରରେ ଅସ୍ଥିରତା ସୃଷ୍ଟି କରିଥିଲା। ସେ କେବଳ ୪୯ ଦିନ କାର୍ଯ୍ୟ କରିଥିଲେ। ତା'ପରେ ଋଷି ସୁନାକ୍ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କ ସ୍ଥାନ ନେଇଥିଲେ । କିନ୍ତୁ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଆର୍ଥିକ ଚ୍ୟାଲେଞ୍ଜ ସାଧାରଣ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିକୁ ପରାଜୟ ପହଞ୍ଚାଇଥିଲା। ଯାହା ତାଙ୍କୁ ପୁଣି ପ୍ରଧାନମନ୍ତ୍ରୀ ହେବାରୁ ରୋକିଥିଲା। କିୟର ଷ୍ଟାର୍ମର ଜୁଲାଇ ୨୦୨୪ରୁ ଜୁନ୍ ୨୦୨୬ ନିଜ ଦଳ ଲେବର୍ ପାର୍ଟିରେ ଜୋରଦାର ବିରୋଧ ଓ ଲୋକପ୍ରିୟତା ହ୍ରାସ ପରେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି। ବ୍ରିଟେନ ଏବେ ସେହି ହାତଗଣତି ଦେଶରେ ସାମିଲ ହୋଇଯାଇଛି ଯେଉଁଠି ପରଦା ବଦଳିବା ପୂର୍ବରୁ ସରକାର ବଦଳିଯାଏ। ଯଦିଓ ଦେଶରେ ପ୍ରଧାନମନ୍ତ୍ରୀ ବଦଳିବାରେ ଅଲୋଡା ରେକର୍ଡ ରହିଛି ଇଟାଲି ନାଁରେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୪୫ ପରଠାରୁ ବ୍ରିଟେନ୍ ଦେଖିଛି ମୋଟ ୨୦ଟି ସରକାର। ଷ୍ଟାର୍ମରଙ୍କ ଇସ୍ତଫା ୨୦୧୬ ବ୍ରେକଜିଟ୍ ଜନମତ ସଂଗ୍ରହର ପ୍ରାୟ ଠିକ୍ ୧୦ ବର୍ଷ ପରେ ଆସିଛି। ଏହି ୧୦ ବର୍ଷ ବ୍ରିଟେନ୍ ରାଜନୀତିରେ କେମିତି ରାଜନୈତିକ ଅସ୍ଥିରତା ଲାଗି ରହିଛି ତାହାକୁ ଦର୍ଶାଉଛି। ତେବେ ୧୦ ଡାଉନିଂ ଷ୍ଟ୍ରିଟ୍ ବାସଭବନକୁ ପ୍ରଧାନମନ୍ତ୍ରୀଙ୍କ ଆସିବା ଯିବା ଲାଗି ରହିଛି। ଏସବୁର ମୂକସାକ୍ଷୀ ପାଲଟିଛି ୧୦ ବର୍ଷ ହେଲା ସରକାରୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଲ୍ୟାରି ଦି କ୍ୟାଟ୍ ବା ବିରାଡି। ଏବେ ଏହି ବିରାଡି ଆଉ ଜଣେ ବସ୍‌ଙ୍କ ଅପେକ୍ଷାରେ ...

ବାଲିପତ୍ତାଳ, ନଗର ଅସ୍ତରଙ୍ଗ, ପୁରୀ
ମୋବାଇଲ -୯୭୭୮୬୯୭୦୩୬

# ଛାପ ପୁଣି ବୟସର

ଧ୍ରୁବ ଚରଣ ଘିବେଲା

ପିଲାଦିନେ ସ୍କୁଲରେ ପଢ଼ିଲା ବେଳେ କିଛି ପିଲାଙ୍କ ଛାପା ଚିତ୍ର ତିଆରିବାରେ ରୁଚି ରହୁଥିଲା। ତାହା ହାତଅଙ୍କା ଚିତ୍ର ନ ଥିଲା। ହାତ ତିଆରି ଚିତ୍ରାଙ୍କନ ତ ଅଲଗା ଓ ତ୍ରଇଁ ଖାତା ଦେହରେ ଚିତ୍ର ଅଙ୍କାଯାଏ। ମାଟି ବା ଟିଣ ସିଲଟରେ ବି ଚିତ୍ର ଆଙ୍କୁଥିଲେ ପିଲାମାନେ। କିନ୍ତୁ ଛାପା ଚିତ୍ର ପାଇଁ ପିଲାଏ କ'ଣ କରନ୍ତି ନା, ଗୋଟେ ଲମ୍ବା ଧଳା ଖାତା ଭିତରେ ଦୁଇଟି ଅଲେଖା ପୃଷ୍ଠା ମଧ୍ୟରେ କୌଣସି ସୁନ୍ଦର ଫୁଲ ବା ସତେଜ ପତ୍ରଟିଏ ରଖି ଦେଇ ଖାତାକୁ ବନ୍ଦ କରି ପୁଣି ଖାତାର ତଳେ ଓ ଉପରେ ମୋଟା ବହି ଚାପି ରଖି ଦିଅନ୍ତି। ସେମିତି କିଛି ଘଣ୍ଟା ରହିଗଲା ପରେ ସେଇ ଫୁଲ ବା ପତ୍ରର ସୁନ୍ଦର ଛାପା ଚିତ୍ରଟିଏ ଖାତା ଦେହରେ ଛାପି ହୋଇଯାଏ ମାନେ ଲାଖି ରହିଯାଏ। ଅବଶ୍ୟ ସେ ଛାପ ବା ଛାପା ଚିତ୍ର କିଛି ଦିନ ପରେ ରହିନପାରେ। ସେଇ ଛାପ ଗୋଟେ ଦାଗ ବା ଚିହ୍ନ ଓ ଦେହର କୌଣସି ଅଙ୍ଗରେ କୌଣସି ନା କୌଣସି କାରଣରୁ ଖଣ୍ଡିଆ ହୋଇ କ୍ଷତ ସୃଷ୍ଟି ହେଲେ କ୍ଷତ ଶୁଖିଗଲା ପରେ ସେଠି ଗୋଟେ ଦାଗ ଚିହ୍ନ ବା ଛାପ ରହିଯାଏ।

ସତସତିକା ଦାଗ ଛାପ ଯେମିତି ଦେହରେ ରହିଯାଏ, ଦେହରେ ସେମିତି ପ୍ରତିଫଳିତ ହୋଇଥାଏ ବୟସର ଛାପ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଗଲେ। ଚାଳିଶି ବର୍ଷ ବୟସରେ ଚାଳିଶା ଧରେ ଓ ଏହା ଗୋଟେ ଦୃଷ୍ଟିଦୋଷ ଓ ଚାଳିଶା ପାଇଁ ଚଷମା ବ୍ୟବହାର କରାଯାଏ। ଆହୁରି ବୟସ ବଢ଼ିଗଲେ ବୟସ୍କଙ୍କ ପାଇଁ ପଢ଼ିବା ସମସ୍ୟା ଦେଖାଯାଏ। ବୟସର ଛାପ ପ୍ରଭାବରେ ବୟସ୍କ ଦୃଷ୍ଟିଦୋଷର ଶିକାର ହୁଅନ୍ତି। ଦେହର ବାହ୍ୟ ଆବରଣ ଚର୍ମରେ ଶୀଥିଳତା ଦେଖାଦେଇ ଲୋଚାକୋଚା ହୁଏ ଓ ଶରୀରର ଔଜ୍ଜ୍ୱଲ୍ୟତା କମି ଆସେ ଦୃଷ୍ଟିଶକ୍ତି କ୍ଷୀଣ ହେଲା ଭଳି। ସହଜରେ ବୟସ୍କବୟସ୍କାମାନେ ଉଠି ବସି ପାରନ୍ତି ନାହିଁ ଓ ବୟସ ଆଧିକ୍ୟତାଜନିତ ବିଭିନ୍ନ ରୋଗ ଦେହରେ ଦେଖାଦିଏ। ଚାଲିକି ଯିବାର ବେଗ ଧୀରେ ଧୀରେ କମି ଆସେ ଓ ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୁଅନ୍ତି ବାର୍ଦ୍ଧକ୍ୟ ଅବସ୍ଥାରେ ଅନେକ। ଖାଦ୍ୟ ଗ୍ରହଣ କରିବା କ୍ଷମତା ବି କମେ। ଖାଦ୍ୟ ଜୀର୍ଣ୍ଣ ହେବାରେ ବି ଅସୁବିଧା ଆରମ୍ଭ ହୁଏ। କେତେକଙ୍କଠି ଚିଡ଼ିଚିଡ଼ାପଣ ଗୁଣ ଅଧିକ ରହେ ଓ କେଶ ଦାଢ଼ି ପାଚି ପୂରା ଧଳା ହୋଇଯାଏ। ଦାନ୍ତ ଝଡ଼ି ଯାଏ ଓ ପାକୁଆ ପାଟିର କଥା ଅସ୍ପଷ୍ଟ ହୁଏ। ଚୋବାଇ ଖାଇବା ଭିଡ଼ ଧରେ ଓ ପୁଣି ବୟସ୍କଙ୍କଠି ଟାଇପ୍-ଟୁ ଡାଇବେଟିସ୍ ହେବାର ସମ୍ଭାବନା ରହେ ଯଦି ପାନ୍‌କ୍ରିୟାଜରୁ ଇନ୍‌ସୁଲିନ୍ ଠିକ୍ ନ ଝରିଲା।

କହିବା, ଶୁଣିବା, ମନେ ରଖିବା (ସ୍ମରଣ) ଶକ୍ତି ବି ହ୍ରାସ ପାଏ। କାହା କାହାର ଆଖିକୋଣରେ ପାଣି ଜମେ ଏବଂ ସେଇ ପାଣି ଲୁହ ଆକାରେ ଝରେ। ଆଖିରୁ ସେମିତି ପାଣି ନିଗିଡ଼େ ବୟସ୍କଙ୍କଠି ଓ ନିଦ୍ରାହୀନତାର ବି ଶିକାର ହୁଅନ୍ତି। ଭଲ ନିଦ ହୁଏ ନାହିଁ ଓ ନିଦ ଭାଙ୍ଗିଯାଏ ରାତିକୁ ବେଗାବେଗି ଓ ଧୀରେ ଧୀରେ ଦୃଷ୍ଟିଶକ୍ତିର ଔଜ୍ଜ୍ୱଲ୍ୟତା ଏତେ କ୍ଷୀଣ ହୋଇଯାଏ ଯେ ଜ୍ଞାତିପରିଜନଙ୍କୁ ବି ଭଲଭାବେ ଚିହ୍ନିପାରନ୍ତିନି। ବୟସର ଛାପ ସମସ୍ତଙ୍କଠି ପଡ଼େ। ଏମିତି ଅନେକ ଆକାରେ ପ୍ରକାରେ ସମସ୍ତ ବୟସ୍କଠି ବୟସର ଛାପ ଦେଖା ଦେବାରେ ଅସ୍ୱାଭାବିକତା ଜମା ରହି ନଥାଏ। ସାଧାରଣତଃ ଜୀବନର ଚାରି ଅବସ୍ଥା ଦେଇ ସଭିଏଁ ଗତିଶୀଳ ରହି ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିଲେ ଶେଷକୁ ଶେଷ ନିଃଶ୍ୱାସ ତ୍ୟାଗ କରନ୍ତି। ଯିଏ ଜନ୍ମ ନିଏ, ତା' ପାଇଁ ମୃତ୍ୟୁ ଅନିବାର୍ଯ୍ୟ ଓ ଏହାକୁ କେହି ଟାଳିପାରିବେ ନାହିଁ। ଗୋଟାଏ ମହାର୍ଘ ଜୀବନର ପରିସମାପ୍ତି ଘଟେ ଧ୍ରୁବସତ୍ୟ ମୃତ୍ୟୁରେ।

ବଉଦରାଜ, ଜି.ବୌଦ୍ଧ
ମୋ. ୯୪୩୭୪୭୮୪୬୬

## ଭେଷଜ ନିୟନ୍ତ୍ରକଙ୍କ ଦ୍ୱାରା ଔଷଧ ଦୋକାନ ଯାଞ୍ଚ

**ଅସ୍ତରଙ୍ଗ,୨୭।୬/ଏନ୍ଏନ୍ଏସ୍:** ଓଡ଼ିଶା ଭେଷେଜ ନିୟନ୍ତ୍ରକ ଅଧିକାରୀ ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସହାୟକ ଭେଷେଜ ନିୟନ୍ତ୍ରକ ଡ଼ଃ ସୁଦର୍ଶନ ବିଶ୍ୱାଳ ଓ ପୁରୀ ଜିଲ୍ଲା ଭେଷେଜ ନିରୀକ୍ଷକ ହିତେଶ କୁମାର ବେହେରା (ରେଞ୍ଜ-୨) କାକଟପୁର, ଅସ୍ତରଙ୍ଗ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ୧୫ରୁ ଉର୍ଦ୍ଧ୍ୱ ଔଷଧ ଦୋକାନରେ ଅଚାନକ ପହଞ୍ଚି ଔଷଧର ମାନ ନିରୀକ୍ଷଣ କରିଥିଲେ। କେତେକ ଔଷଧ ଦୋକାନରୁ ୧୮ରୁ ଉର୍ଦ୍ଧ୍ୱ ସାମ୍ପୁଲ ସଂଗ୍ରହ କରି ପରୀକ୍ଷାଗାରକୁ ପରୀକ୍ଷା ନିମନ୍ତେ ସାଥିରେ ନେଇଥିଲେ। ଡାକ୍ତରଙ୍କ ବିନା ପ୍ରେସକ୍ରିପିସନ୍‌ରେ ରୋଗୀଙ୍କୁ ଔଷଧ ଦେବା ଅପରାଧ ଓ ଫାର୍ମାସିଷ୍ଟ ଲାଇସେନ୍ସ ନଥିଲେ ଔଷଧ ଦୋକାନ ଖୋଲିପାରିବେ ନାହିଁ ଯଦି ବା କେହି ଖୋଲନ୍ତି ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ବୋଲି ଦୋକାନୀମାନଙ୍କୁ ଡ଼ଃ ବିଶ୍ୱାଳ ସତର୍କ କରାଇଥିଲେ। ସମସ୍ତ ଔଷଧ ଦୋକାନୀ ଏହି ଚଢ଼ଉରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର, ଅବୈଧ ଚାଲାଣ ବିରୋଧୀ ଅଭିଯାନ

**ନୟାଗଡ଼,୨୭।୬/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଅଭିଯାନ-୨୦୨୬ ସପ୍ତାହ ପାଳନ ଅବସରରେ ଆଜି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ମଧୁମିତା ରଥ ପତାକା ଦେଖାଇ ଏହି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଅବକାରୀ ଅଧିକ୍ଷକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଠାକୁରାଣୀ ପୀଠରେ 'ଆମ ଗାଁରେ ତହସିଲ୍'

**ବଲଙ୍ଗା,୨୭।୬/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀ ପଠାର ମା ବିଶେଶ୍ୱରି ଠାକୁରାଣୀ ପୀଠରେ ଆମ ଗାଁରେ ତହସିଲ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ୨୮ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଟା ବଣ୍ଟନ କରିବା ସହ ବିଭିନ୍ନ ପ୍ରମାଣ ପତ୍ର ବାଣ୍ଟିଥିଲେ। ସେହିଭଳି ଲୋକମାନଙ୍କର ରହିଥିବା ଅନେକ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ କରାଯାଇଥିଲା। ଲୋକମାନଙ୍କର ସମସ୍ୟାର ସମାଧାନ ସେମାନଙ୍କ ଗାଁ ପାଖରେ କରିବା ଏବଂ ପ୍ରଶାସନକୁ ଅଧିକ ସରଳ ଓ ଜନ ହୈତେଷି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର କେ. ଭେଙ୍କଟେଶ୍ୱର ରାଓ, ନିରଞ୍ଜନ ନାୟକ, ବଲଙ୍ଗା ମଣ୍ଡଳ ବିଜେପି ସଭାପତି ଦେବାଶିଷ ଆଚାର୍ଯ୍ୟ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସ୍ଥାନୀୟ ସରପଞ୍ଚ, ସ୍ଥାନୀୟ ରାଜସ୍ୱ ନିରୀକ୍ଷିକା ସୁଶ୍ରୀ ସଙ୍ଗୀତା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିଭାଗର ଗ୍ରେଡେସନ ତାଲିକାରେ ଓଡ଼ଗାଁକୁ ଅଣଦେଖା

**ଓଡଗାଁ,୨୭।୬/ଏନ୍ଏନ୍ଏସ୍:** ଦୀର୍ଘ ଦିନ ଧରି ଅଟକି ଥିବା ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଜାରି କରାଯାଇଛି। ନୟାଗଡ ଜିଲ୍ଲାରେ ମଧ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ପ୍ରତ୍ୟେକ ବ୍ଲକରୁ ପ୍ରୋଭିଜନାଲ ଗ୍ରେଡେସନ ଲିଷ୍ଟ ଆସିଲାପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସମଗ୍ର ଜିଲ୍ଲାର ଶିକ୍ଷକଙ୍କ ତାଲିକା ବରିଷ୍ଠତା ଆଧାରରେ ପତ୍ର ଅନୁଯାୟୀ ପ୍ରକାଶ ପାଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ତାଲିକାରେ ଜ଼ିଲ୍ଲାର ୭ଟି ବ୍ଲକର ଶିକ୍ଷକଙ୍କ ନାମ ଥିବାବେଳେ ଓଡଗାଁ ବ୍ଲକର କୌଣସି ଶିକ୍ଷକଙ୍କର ନାମ ନାହିଁ। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବା ସତ୍ତ୍ୱେ ଜିଲ୍ଲା ଶିକ୍ଷା ବିଭାଗ ଏଭଳି ଖାମଖିଆଲି ଭାବରେ ତାଲିକା ପ୍ରସ୍ତୁତି ଯୋଗୁଁ ପଦୋନ୍ନତି ଆଶାୟୀ ଓଡଗାଁ ବ୍ଲକର ଶିକ୍ଷକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ଶିକ୍ଷକସଂଘ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପରେ ତ୍ରୁଟି ହୋଇଥିବା ସ୍ୱୀକାର କରି ସୋମବାର ସୁଦ୍ଧା ସଠିକ ତାଲିକା ପ୍ରସ୍ତୁତ କରି ବ୍ଲକମାନଙ୍କୁ ପଠାଯିବ ବୋଲି ସୂଚନା ଦେଇଛନ୍ତି।

## କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ

**ବୟାଳିଶମୌଜା,୨୭।୬/ଏନ୍ଏନ୍ଏସ୍:** କେନ୍ଦ୍ର ମନ୍ତ୍ରୀ ତଥା ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିନ ଅବସରରେ ୪୨ମୌଜା ଅଞ୍ଚଳରେ ଧର୍ମେନ୍ଦ୍ରଙ୍କ ଶୁଭେଚ୍ଛୁ ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ରଞ୍ଜିତ ପଣ୍ଡା, ଭକ୍ତବତ୍ସଳ ବସ୍ତିଆ, ଶ୍ରୀଧର ରାଉତ୍, ପୂର୍ବତନ କର୍ପୋରେଟର କୈଳାଶ ବସ୍ତିଆ, ବରିଷ୍ଠ ମହିଳା ନେତ୍ରୀ ସୁମିତା ଦେବତା, ସିକନ୍ଦର ଅଲ୍ଲୀ ଓ ରବୀନ୍ଦ୍ର ଦେବତା ପ୍ରମୁଖ ଯୋଗଦେଇ ୪୨ମୌଜା ସ୍ଥିତ ଗୋପବନ୍ଧୁ ପ୍ରୌଢ଼ନିବାସ ଏରଞ୍ଚରେ ଅନ୍ତେବାସୀମାନଙ୍କୁ ଓ ଆନନ୍ଦଆଳୟ ଶ୍ରୀକ୍ରିଷ୍ଣା ବିହାରର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏଥିରେ ଅଭୟ ସ୍ୱାଇଁ ଓ ସରୋଜ ସହଯୋଗ କରିଥିଲେ।

## ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ

**ଅସ୍ତରଙ୍ଗ,୨୭।୬/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ତାଳଦା ଗ୍ରାମପଞ୍ଚାୟତରେ ଥିବା ହୋମିଓପାଥିକ ଡାକ୍ତରଖାନା ପରିସରରେ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଛି। ତାଳଦା ନିତାଇଗୌର ଆଶ୍ରମର ମଠାଧୀଶ ତଥା ଯୋଗ ପ୍ରଶିକ୍ଷକ ଅପଛ କୁମାର ମହାନ୍ତି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିୟମିତ ଯୋଗାଭ୍ୟାସ କିପରି ମନୁଷ୍ୟର ଦେହ ଓ ମନକୁ ସୁସ୍ଥ ରଖିବା ସହ ବ୍ୟକ୍ତିର ଆତ୍ମ ସଂଯମ ବୃଦ୍ଧି କରିଥାଏ ତା ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପରେ ହୋମିଓପାଥିକ ଡାକ୍ତରଖାନାର ଡା. ପ୍ରମୋଦିନୀ ପୂର୍ତ୍ତି ଆଜିର ବ୍ୟସ୍ତ ଓ ଚାପପୂର୍ଣ୍ଣ ଜୀବନରେ ପ୍ରତ୍ୟକ ବ୍ୟକ୍ତି ସୁସ୍ଥ ରହିବା ନିହାତି ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୁଶାନ୍ତ ସାହୁ, ସଦାଶିବ ବାରିକ, ସତ୍ୟବ୍ରତ ସାହୁ, ପ୍ରମୋଦ କୁମାର ସେଠୀ, ଦିବାକର ସାହୁ, ମନୋରଞ୍ଜନ ସେନାପତି, ଅକ୍ଷୟ ନାୟକ, ଅଶୋକ କୁମାର ପଢ଼ିହାରୀ, ଶରତ ନାୟକ, ମାନସ ପଢ଼ିହାରୀ, ନାରାୟଣ ନାୟକଙ୍କ ସମେତ ବହୁ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

# ପାନ୍ଥଶାଳା ଭୁଶୁଡ଼ିବା ପୂର୍ବରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ଦାବି

**କଣ୍ଟିଲୋ,୨୭।୬/ଏନ୍ଏନ୍ଏସ୍:** ନିମ୍ନମାନର କାର୍ଯ୍ୟ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଦୀର୍ଘ ୪୧ ବର୍ଷରୁ ଉର୍ଦ୍ଧ ହେବ ଉଦ୍‌ଘାଟନ ତଥା କାର୍ଯ୍ୟକ୍ଷମ ହୋଇ ନ ଥିବା କଣ୍ଟିଲୋ ପାନ୍ଥଶାଳା ଏବେ ଭଗ୍ନ ଅବସ୍ଥାରେ। ଏହି ପାନ୍ଥଶାଳାଟି ଭୁଷୁଡ଼ିବା ପୂର୍ବରୁ ପୂର୍ତ୍ତ ବିଭାଗ କିମ୍ବା ଅନ୍ୟ କୌଣସି ସରକାରୀ ସଂସ୍ଥାକୁ ହସ୍ତାନ୍ତର କରାଗଲେ ଏହାର ରକ୍ଷଣାବେକ୍ଷଣ ସହ ସୁରକ୍ଷିତ ତଥା କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋର ନୀଳମାଧବ ଜିଉ ପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବାବେଳେ ଏକଦା ଏହି ପୀଠ ନୌବାଣିଜ୍ୟର ମଧ ଏକ ପେଣ୍ଠସ୍ଥଳୀ ତଥା କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିଲା। ଏଥି ପାଇଁ ପ୍ରତ୍ୟେହ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିବା ବେଳେ ଯାତ୍ରୀନିବାସଟିଏ ନ ଥିବାରୁ ଲୋକେ ରହିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ୧୯୮୭ମସିହାରେ ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରି ସେ ସମୟରେ କ୍ଷମତାସୀନ କଂଗ୍ରେସ ସରକାର ୧୯୮୭ ଜୁନ ୭ ତାରିଖରେ କଣ୍ଟିଲୋ ପୂର୍ତ୍ତବିଭାଗ ବଙ୍ଗଳା ନିକଟରେ ୨୮.୩୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନ୍ଥଶାଳା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ଶିଳାନ୍ୟାସ ସ୍ଥାନରେ ପାନ୍ଥଶାଳାର



ନିର୍ମାଣ କାର୍ଯ୍ୟ ନ ହୋଇ ୨ କିଲୋମିଟର ଦୂର ପଥରଚକଡା ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ୩.୩୮ ଏକର ପରିମିତ ଏକ ପାହାଡ଼ ଉପରେ ଏହି ପାନ୍ଥଶାଳାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାର ନିର୍ମାଣ କାର୍ଯ୍ୟ ଧୀର ମନ୍ଥର ଗତି ଓ ଅତି ନିମ୍ନମାନର ହୋଇ ଆରମ୍ଭର ୧୦ବର୍ଷ ପରେ ଅର୍ଥାତ୍ ୧୯୯୭ ମସିହାରେ ସମ୍ପନ୍ନ ହୋଇଥିଲା। କିନ୍ତୁ କାର୍ଯ୍ୟ ସଂପନ୍ନ ହେବାର ବର୍ଷେ କି ଦୁଇବର୍ଷ ମଧ୍ୟରେ ନିମ୍ନମାନର କାର୍ଯ୍ୟ ଯୋଗୁ କାନ୍ଥରେ ଫାଟ ସୃଷ୍ଟି ହେବା ସହ ଗୃହର ଛାତ ଉପରେ ଚାଲିଲେ ଛାତ ଦବି ଯାଉଥିଲା। ଗୃହ ମଧ୍ୟକୁ ପ୍ରବେଶ କଲା ବେଳେ ପାନ୍ଥଶାଳାକୁ ଜଗିବା ଦାୟିତ୍ୱରେ ଥିବା ବ୍ୟକ୍ତି ବିପଦ ଶଙ୍କୁଳ ଗୃହ ମଧ୍ୟକୁ ନ ଯିବାକୁ ବାରଣ କରୁଥିବା ଜଣାପଡ଼ିଛି। ନିର୍ମାଣର ୪୧ ବର୍ଷ ମଧ୍ୟରେ ପାନ୍ଥଶାଳାର ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପ୍ରାୟ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଗଲାଣି। ଇତିମଧ୍ୟରେ ପାନ୍ଥଶାଳାରେ ଥିବା ୧୬ ସେଟ କାଠ ପଲଙ୍କ ସହ ଗଦି, ଡ଼ାଇନିଂ ଟେବୁଲ, ଚେୟାର, ଆଲଣା ଆଦି ଉପକରଣକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନ୍ୟତ୍ର ନିଆଯାଇଥିବା ଅଭିଯୋଗ ହେଉଛି। ଏ ସବୁ ଉପକରଣ ଏବେ କେଉଁଠି ଓ କେଉଁ ଅବସ୍ଥାରେ ତାହା ତଦନ୍ତ ସାପେକ୍ଷ। ଏହି ପାନ୍ଥଶାଳାର ରକ୍ଷଣା ବେକ୍ଷଣ ତଥା କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ସମୟରେ ବିଧାନ ସଭାରେ ପ୍ରଶ୍ନ ଉତ୍‌ଥାପନ ହେଉଥିବା ବେଳେ ଏହାର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ନିର୍ମାଣର ଦୀର୍ଘ ବର୍ଷ ପରେ ମଧ ଏହି ପାନ୍ଥଶାଳାକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ଆନ୍ତରିକତା କେତେ ତାହା ସ୍ପଷ୍ଟ ବାରି ହୋଇଯାଉଛି। ସୂଚନାଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଏବଂ ଜଳସଂପଦ ବିଭାଗର ଡିଭିଜନ କାର୍ଯ୍ୟାଳୟ ଖୋଲା ଯାଇଥିବାବେଳେ ରାଜ୍ୟ ସରକାର ଦୀର୍ଘ ବର୍ଷରୁ କଣ୍ଟିଲୋଠାରେ ଏକ ପୂର୍ତ୍ତ ବିଭାଗ ସେକ୍ସନ ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିବାରୁ ପାନ୍ଥଶାଳାର ଦାୟିତ୍ୱ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଗଲେ ଏଠାରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ହେବା ସହ ଭଗ୍ନ ଅବସ୍ଥାରେ ଥିବା ପାନ୍ଥଶାଳାର ପୁନରୁଦ୍ଧାର ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷରେ ଭଗ୍ନ ଅବସ୍ଥାରେ ରହିଥିବା ପାନ୍ଥଶାଳାର ପୁନରୁଦ୍ଧାର ଦିଗରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରୟାସ ଜାରି ରଖିଥିବା ସୂଚନା ଦେଇଛନ୍ତି।

## ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୨୭।୬/ଏନ୍ଏନ୍ଏସ୍:** କଟକ ଖାନନଗର ସ୍ଥିତ ୪୨ ମୌଜାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ' ଆନୁକୂଲ୍ୟରେ ଆଜି ଏକ ମହତ ପ୍ରୟାସ କରାଯାଇଛି। ମିର୍ଜା ସରାଫତ ହୋସେନ ବେଗଙ୍କ ତତ୍ତ୍ୱାବଧାନରେ, ମାତ୍ର ୮ ବର୍ଷର କୁନି ପ୍ରତିଭା ଶକ୍ତି ସମ୍ପର୍ଣ୍ଣାଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ବହୁମୁଖୀ ପ୍ରତିଭାର



ଅଧିକାରୀ: ତୃତୀୟ ଶ୍ରେଣୀରେ ପଢୁଥିବା ଶକ୍ତି ସମ୍ପର୍ଣ୍ଣା ନୃତ୍ୟ, କଳା, କୁଇଜ୍, ଏକକ ଅଭିନୟ, ବକ୍ତୃତା, ସଙ୍ଗୀତ ଓ ଫ୍ୟାନ୍ସି ଡ୍ରେସ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ୩,୦୦୦ରୁ ଅଧିକ ପ୍ରଥମ ପୁରସ୍କାର ହାସଲ କରି ସମସ୍ତଙ୍କୁ ଚକିତ କରିଛନ୍ତି।ପ୍ରତିଷ୍ଠାନର ସଭାପତି ସରୋଜ ନଳିନୀ ପରିଜାଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଘାଟକୁଳ ବଜାର କମିଟି ସମ୍ପାଦକ ତଥା ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ରବୀନ୍ଦ୍ର କୁମାର ଦେବତା ମୁଖ୍ୟ ଅତିଥି ଭାବେ ଏବଂ ଚିତ୍ରଶିଳ୍ପୀ ଉପେନ୍ଦ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୁନି ଝିଅର କୃତିତ୍ୱ ଉପରେ ଆଲୋକପାତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।ଅନୁଷ୍ଠାନର ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ପାଇଁ ଶକ୍ତି ସମ୍ପର୍ଣ୍ଣାଙ୍କ ମାତା ଦୀପା ଦାସ, ପିତା ପ୍ରଦୀପ ରାଉତରାୟ ଏବଂ ଶିକ୍ଷୟିତ୍ରୀ ସାଗରିକା ବେହେରା ଅନୁଷ୍ଠାନର କର୍ମକର୍ତ୍ତା, ସାମ୍ବାଦିକ ଅଫସର ଅଲ୍ଲୀ, ଚନ୍ଦନ ମହାନ୍ତି ଏବଂ ଅନୁଷ୍ଠାନ ଦାୟିତ୍ୱ ରେ ଥିବା ମିର୍ଜା ସରାଫତ ହୋସେନ ବେଗଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

## କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଫୁଲନଖରା,୨୭।୬/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ସରକାରୀ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସୁଧାକର ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷାବିତ ତଥା ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ପ୍ରଦ୍ୟୁମ୍ନ କୁମାର ପତି ମୁଖ୍ୟ ଅତିଥିରୂପେ ଏଥିରେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସୁଧିରକୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ଶ୍ରୀ ରାଉତରାୟଙ୍କ ଚାକିରିକାଳୀନ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହିତ ଉତ୍ତରୀୟ, ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କସ୍ତୁରୀ ବେହେରା ମାନପତ୍ର ପାଠ କରିଥିଲାବେଳେ ଶିକ୍ଷକ ଉତ୍ତମ କୁମାର ରାଉତରାୟ ଭଜନ ଗାନ କରିଥିଲେ। ଶିକ୍ଷକ ସତ୍ୟଜିତ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସ୍ଥିତିପ୍ରଜ୍ଞା ରଣା, ନିରୁପମା ପ୍ରଧାନ, ସୁନୀତା ଦୁଆରୀ, ବୈଜୟନ୍ତୀ ପଣ୍ଡା, ପ୍ରୀତିନନ୍ଦା ସାହୁ, ପ୍ରିୟଙ୍କା ମହାପାତ୍ର, ଲିସା ମହାନ୍ତି, ଶତାବ୍ଦୀ ମାଣିକ, ସସ୍ମିତା ପ୍ରଧାନ, ସୌଭାଗିନୀ ଭୋଇ, ସୁଦର୍ଶନ କେରାଇ, ହରିଶ ପଲାଇ, ବୈକୁଣ୍ଠ ମହାନ୍ତ, ସ୍ନେହାଶିଷ ନାୟକ, ସୋନାଲୀ ନାୟକ, ରାକେଶ ସାସମଲ ପ୍ରମୁଖ ଶିକ୍ଷକ, ଶିକ୍ଷିକା ଉପସ୍ଥିତ ଥିଲେ। ବିଶ୍ୱନାଥ ସାହୁ, ସୂର୍ଯ୍ୟକାନ୍ତ ବାରିକ, ଜ୍ୟୋତିର୍ମୟ ସାହୁ ଓ ସୂର୍ଯ୍ୟକାରନ୍ତ ପରିଡ଼ା ପ୍ରମୁଖ କର୍ମଚାରୀ ପରିଚାଳନା କରିଥିଲେ।

## ପଞ୍ଚାୟତରେ 'ବିକାଶର ଧାରା, ଓଡ଼ିଶା ସାରା'

**ଖଣ୍ଡପଡ଼ା,୨୭।୬/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅଧୀନ ରୟତି ଢୋଲମରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସାରା ବିକାଶ ଧାରା କାର୍ଯ୍ୟକ୍ରମ ସରପଞ୍ଚ ମୁକୁତା ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରୟତି ଢୋଲମରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ପରିଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଗ୍ରାମ ରୋଜଗାର ସେବକ ଅରୁଣ କୁମାର ସାହୁ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସଂର୍ପକରେ



ଆଲୋକପାତ କରିଥିଲେ। ରାଜ୍ୟରେ କ୍ଷମତାସୀନ ବିଜେପି ସରକାରଙ୍କ କାର୍ଯ୍ୟକାଳର ୨ବର୍ଷ ପୂର୍ତ୍ତି ଅବସରରେ ସମ୍ପନ୍ନ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସଂପର୍କରେ ପଞ୍ଚାୟତବାସୀଙ୍କୁ ଅବଗତ କରାଇବାର ମହତ ଉଦ୍ଦେଶ୍ୟ ନେଇ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଏ ଅବସରରେ ରୟତି ଢୋଲମରା ପଞ୍ଚାୟତର ସର୍ବମୋଟ ୪୪୦ ଜଣ ନୂତନ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ବେଳେ ତନ୍ମଧ୍ୟରୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ୪୦ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଜନ ହିତକର ଓ କଲ୍ୟାଣକାରୀ ଯୋଜନା ଗୁଡିକ ସଂର୍ପକରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନରେ ରୟତି ଢୋଲମରା ପଞ୍ଚାୟତର ସମସ୍ତ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।

## ଯୁବସଂସଦ ପକ୍ଷରୁ ରକ୍ତଦାନ ଶିବିର



**ଓଡ଼ଗାଁ,୨୭।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମପଞ୍ଚାୟତ ଅଧୀନ ଦଣ୍ଡୋର ଜୟଶ୍ରୀ ପାଣିଷଣ୍ଢ ଯୁବସଂସଦ ପକ୍ଷରୁ ଦଣ୍ଡୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ବ୍ୟାଙ୍କର ମିଳିତ ଉଦ୍ୟମରେ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ଶିବିରରେ ମୋଟ ୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଜଳାଇପଲ୍ଲୀ ମେଡିକାଲର ଡାକ୍ତର ସତ୍ୟପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲଡ଼ବ୍ୟାଙ୍କର ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମରେ ନୟାଗଡର ବରିଷ୍ଠ ସମାଜସେବୀ ତଥା ପ୍ରକୃତିବନ୍ଧୁ ଶ୍ରୀଧର ପ୍ରଧାନ, ପରିବେଶବିତ୍ ସୁକାନ୍ତ ଚୌଧୁରୀ,ସମାଜସେବୀ ପ୍ରଭାତ ପ୍ରଧାନ, ସାମ୍ବାଦିକ ଗଣେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯୁବସଂସଦ ସଭାପତି ପ୍ରସନ୍ନ କୁମାର ରାଉତ, ସଂପାଦକ ପ୍ରଦୋଷ କୁମାର ରାଉତ, ଉପଦେଷ୍ଟା ରଞ୍ଜନ କୁମାର ରାଉତ,ଆଶୀର୍ବାଦ ବେହେରା, ପ୍ରତ୍ୟୁଷ ରାଉତ, ପ୍ରଣତ ବିଶୋଇ ଓ ଦିପ୍ତି ରାଉତ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଯୁବସଂସଦର ସମସ୍ତସଭ୍ୟ ସହଯୋଗ କରିଥିଲେ। ତେବେ ସମାଜସେବୀ ପ୍ରଭାତ ପ୍ରଧାନ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ନିଜେ ରକ୍ତଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ ବିଶୋଇ ଏବଂ ସମାଜସେବୀ ଶାନ୍ତନୁ ବିଶୋଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ଜଣାପଡ଼ିଛି।

## ସମସ୍ୟା ଘେରରେ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ

**କୁଆଁପାଳ,୨୭।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକରେ ଥିବା ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଯେଉଁ ଗୁଡିକ ବିଗତ ସରକାର ଅମଳରେ ୫-ଟିରେ ରୂପାନ୍ତରିତ କରାଯାଇଥିଲା। ବିଦ୍ୟାଳୟରେ ରଙ୍ଗ ବୋଳିଦେଲେ ଶିକ୍ଷାର ବ୍ୟବସ୍ଥାରେ ପରିବର୍ତ୍ତନ ଘଟେନା। ବିଦ୍ୟାଳୟରେ ଶିକ୍ଷକ ନଥିଲା ବେଳେ ୫-ଟି ରୂପାନ୍ତରିତ କାହାସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ବର୍ତ୍ତମାନ ଉକ୍ତ ବିଦ୍ୟାଳୟ ଗୁଡିକରେ ବିଦ୍ୟୁତ ବିଲ୍ ମାସିକ ୪ରୁ ୫ହଜାର ଟଙ୍କା ଆସୁଛି। ଏହାକୁ ଦେବ କିଏ? ଅପରପକ୍ଷରେ ଅଭିଯୋଗ ହେଉଛି ଯେ କମ୍ପୋଜିଟ୍ ଗ୍ରାଣ୍ଟ ୫-ଟିରେ ରୂପାନ୍ତରିତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ମିଳୁନାହିଁ। କମ୍ପ୍ୟୁଟର ଅଛି ହେଲେ ଏହାର ମରାମତି ହେଉନି। ୫-ଟି ରୂପାନ୍ତରିତରେ ଯୋଗାଇ ଦିଆଯାଇଥିବା କମ୍ପ୍ୟୁଟର ଅନେକ ଉଚ୍ଚ ବିଦ୍ୟାଳୟରେ ଅଚଳ ହୋଇ ପଡିଛି। ନେଟ୍ ଭାଉଚର ପକାଇବା ପାଇଁ ସରକାରଙ୍କ ଅନୁଦାନ ମିଳୁ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଘୋଷଣା କରୁଛନ୍ତି ସରକାରୀ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ଗୁଣାତ୍ମକ ଶିକ୍ଷାକୁ ଏବେ ଗୁଣ ଖାଇଗଲାଣି। ନାହିଁ ନାହିଁରେ ଚାଲିଛି ପାଠପଢ଼ା। ପ୍ରକୃତରେ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଜ୍ଞାନର ବିକାଶ ଘଟୁନାହିଁ, ଯାହାକୁ ନେଇ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ସର୍ବସାଧାରଣରେ ଦାବି ହେଉଛି।

## ଜାଗୁଲାଇ ଦେବୀଙ୍କ ନୂତନ ମନ୍ଦିର ଦଧିନଉତିର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ

**ବୟାଳିଶମୌଜା,୨୭।୬/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଅନ୍ତର୍ଗତ ଟାଇଁକଣାସ୍ଥିତ ମା' ବୁଢ଼ୀ ଜାଗୁଲାଇ ନୂତନ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧାର୍ମିକ ପରମ୍ପରା ଅନୁଯାୟୀ ପଣ୍ଡିତମାନେ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ତଥା ସମାଜସେବୀ ମନୋଜ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ମନ୍ଦିର କମିଟି ପକ୍ଷରୁ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମନ୍ଦିର କମିଟିର ସମସ୍ତ ସଦସ୍ୟ ଏବଂ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଞ୍ଚାୟତରେ ପୋଷଣ ବାଟିକା ପ୍ରଶିକ୍ଷଣ ଶିବିର

**ବେଗୁନିଆ,୨୭।୬/ଏନ୍ଏନ୍ଏସ୍:** ମମତା-ଏଚଆଇମ୍ପି ଦ୍ୱାରା ପରିଚାଳିତ ପ୍ରୋଜେକ୍ଟ ଜାଗୃତି-୪ ଅଧୀନରେ ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକର ବୋଡଳମା ପଞ୍ଚାୟତରେ 'ପୋଷଣ ବାଟିକା' (ନ୍ୟୁଟ୍ରି ଗାର୍ଡେନ୍) ସମ୍ବନ୍ଧୀୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦଳେଇ ଏବଂ ସମିତିସଭ୍ୟ ଭାରତ ଛୋଟରାୟଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ପରିବାରସ୍ତରରେ ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା, କୁପୋଷଣ ଓ ରକ୍ତହୀନତା ଭଳି ସମସ୍ୟାକୁ ହ୍ରାସ କରିବା ଏବଂ ଘର ପ୍ରାଙ୍ଗଣରେ ପୌଷ୍ଟିକ ଖାଦ୍ୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣରେ ପୋଷଣ ବାଟିକା ସ୍ଥାପନ ପଦ୍ଧତି, ବିହନ ଚୟନ, ଜୈବିକ ସାର



ବ୍ୟବହାର, ପାଣି ପରିଚାଳନା, ଋତୁ ଅନୁଯାୟୀ ପନିପରିବା ଚାଷ ଏବଂ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣକୁ ମମତା-ହିମ୍ପର ରିଜିଓନାଲ ମ୍ୟାନେଜର ରୋହିତ ପାଣ୍ଡେଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଯୋଜିକା ସୁଚିସ୍ମିତା ଓଝା, ବ୍ଲକ୍ ସୁପରଭାଇଜର ରାକେଶ ପାଇକରାୟ ଏବଂ ଆଉଟ୍ରିଚ୍ ୱର୍କର ଉପେନ୍ଦ୍ର, ଅଲ୍ପନା, ସୁମିତା ଓ ଶଶାଙ୍କ ଶେଖର ପରିଚାଳନା କରିଥିଲେ। ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର, ଏସ୍‌ଏଚ୍‌ଜି, ବହୁ ସଂଖ୍ୟକ ମହିଳା ଓ ସମୁଦାୟ ସଦସ୍ୟ ଏଥିରେ ଅଂଶଗ୍ରହଣ କରି ପୋଷଣ ବାଟିକା ସ୍ଥାପନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ସରପଞ୍ଚ ପ୍ରମୋଦ କୁମାର ଦଳେଇ ଏପରି ଜନହିତକର କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଜଣାଇଥିଲେ।

## ସ୍ୱର୍ଗଦ୍ୱାରରେ ଟୋକନରେ ବିଳମ୍ବ ହେବାକୁ ନେଇ ହଇଗୋଳ

**ପୁରୀ,୨୭।୬/ଏନ୍ଏନ୍ଏସ୍:** ସ୍ୱର୍ଗଦ୍ୱାରରେ ଘଟିଛି ତୁମୁଳ କାଣ୍ଡ। ସୁରକ୍ଷା କର୍ମୀଙ୍କୁ ମାରିଲେ, ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କଲେ। ଏ ନେଇ ସ୍ୱର୍ଗଦ୍ୱାର କର୍ତ୍ତୃପକ୍ଷ ଥାନାରେ ଏତାଲା ମଧ ଦେଇଛନ୍ତି। ଗଣ୍ଡଗୋଳ କରିଛନ୍ତି ମୃତକଙ୍କ ସମ୍ପର୍କୀୟ। ଗତକାଲି ବିଳମ୍ବିତ ରାତିରେ ଘଟିଥିଲା ଘଟଣା। ଜଣେ ମୃତକଙ୍କ ଶବଦାହ କରିବାକୁ ଆସି ସମ୍ପର୍କୀୟମାନେ ଟୋକନରେ ବିଳମ୍ବ ହେବାକୁ ନେଇ ହଟ୍ଟ ଗୋଳ କରିଥିଲେ। ପରେ ଭିଡିଓ କରିବା ବେଳେ ବାରଣ କରିବାରୁ ସ୍ୱର୍ଗଦ୍ୱାର ସୁରକ୍ଷା କର୍ମୀଙ୍କୁ ମାଡ଼ ମାରିବା ସହ ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ସମୁଦ୍ରକୂଳ ଥାନାରେ ଏତଲା ଦିଆଯିବା ସହ ଛାନଭିନ କରୁଛି ପୋଲିସ୍।

## 'ବିକାଶର ଧାରା, ଓଡ଼ିଶା ସାରା' ଉଦ୍‌ଯାପିତ

**ମାହାଙ୍ଗା,୨୭।୬/ଏନ୍ଏନ୍ଏସ୍:** ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ଏବେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମାହାଙ୍ଗା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମୋହନ ସରକାରଙ୍କ ଦୁଇ ବର୍ଷ ଶାସନ ସମୟରେ ଓଡ଼ିଶାରେ ବହୁବିଧ ବିକାଶମୂଳକ କାର୍ଯ୍ୟ ସାଧନ କରାଯାଇଥିବା ବେଳେ ମାହାଙ୍ଗା ବ୍ଲକରେ ମଧ ବହୁ ଉନ୍ନତିମୂଳକ କାର୍ଯ୍ୟ ସାଧିତ ହୋଇଛି ବୋଲି କହିବା ସହ ବହୁ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ, ରାସନ କାର୍ଡ, ମୋବାଇଲ, ଅନ୍ତେଷ୍ଟିକ୍ରିୟା ସହାୟତା ରାଶି ସହ ମୃତ୍ୟୁକାଳୀନ, ପ୍ରସୂତୀକାଳୀନ, ବିବାହ ଓ ଶିକ୍ଷା ସହାୟତା ରାଶି ଆଦି ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡାକ୍ତର ତନୁସ୍ମିତା ବିନ୍ଧାଣୀ, ସିଡିପିଓ ଗୁରୁବାରୀ ସିଂହ, ସହକାରୀ ଶ୍ରମ ଅଧିକାରିଣୀ ମୌସୁମୀ ପାତ୍ର, ମାହାଙ୍ଗା ଯୋଗାଣ ଅଧିକାରିଣୀ ସ୍ୱର୍ଣ୍ଣଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ଜୟପୁର ମଣ୍ଡଳ ସଭାପତି ଅରୁଣ କୁମାର ସେଠୀ, ମାହାଙ୍ଗା ମଣ୍ଡଳ ସଭାପତି ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ଆତ୍ମା ଅଧ୍ୟକ୍ଷ କିଶୋର କୁମାର ରାଉତ, ସମିତିସଭ୍ୟ ମନୋରଞ୍ଜନ ନାୟକ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଗୌତମ ଶତପଥି, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଶୋକ ପଢିହାରୀ ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା

# କାଳ ସାଜିଛି ଡ୍ରେନ୍, ଘରେ ପଶୁଛି ପାଣି

**ବୈଶିଙ୍ଗା,୨୭।୬/ଏନ୍ଏନ୍ଏସ୍:** ବୈଶିଙ୍ଗା ବଜାର ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଠିକ୍ ଭାବେ ଡ୍ରେନ୍ ନିର୍ମାଣ ହୋଇନାହିଁ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ

- ବାରମ୍ୱାର ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ
- ତୁରନ୍ତ ପ୍ରତିକାର ଦାବି

ହେବାସହ ସାଧାରଣ ଲୋକ ତଥା ସାଇକେଲ୍ ଓ ବାଇକ୍ ଚାଳକଙ୍କୁ ବିପଦରେ ପକାଉଛି। ଅଧିକ ବର୍ଷା ହେଲେ ରାଜପଥ ଉପରେ ପାଣି ପ୍ରବାହିତ ହେଉଛି। ବଜାର ମଧ୍ୟଭାଗରେ ଏକ କିଲୋମିଟର୍ ଲମ୍ୱର ଉଡ଼ନ୍ତା ପୋଲ ନିର୍ମାଣ ହୋଇଥିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ପାଇଁ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇଛି ସତ ମାତ୍ର ଠିକ୍ ମାପଯୋଗରେ ତିଆରି ହୋଇନଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତିନି ଶହ ମିଟର୍ ବ୍ୟବଧାନରେ ଏହି ରାଜପଥକୁ ୨ଟି ସ୍ଥାନରେ ମାଣତ୍ରୀ ଓ ରୁପସା ରାସ୍ତା ସଂଯୋଗ କରୁଥିବାରୁ ଦୁଇଟି ଅଣ୍ଡରପାସ୍ ନିର୍ମାଣ ହେବାର ଯୋଜନା



ରହିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ୩୦୦ ମିଟର୍ ବ୍ୟବଧାନର ମଧ୍ୟ ଭାଗରେ ହିଁ ଗୋଟିଏ ଅଣ୍ଡରପାସ୍ ନିର୍ମାଣ ହୋଇଥିବାରୁ ଟ୍ରାଫିକ୍ ନିୟମର ଉଲ୍ଲଙ୍ଘନ ଘଟାଇ ଯାନବାହନ ଚଳାଚଳ କରିବା ହେତୁ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଆପ୍ରୋଚ୍ ରୋଡ୍ର ଶେଷ ଭାଗରେ ଓଭରବ୍ରିଜ୍ ପାଣି ବୋହି ଆସି ଗୋଟିଏ ସ୍ଥାନରେ ରାସ୍ତାପାର୍ଶ୍ୱକୁ ବୋହିବା ଯୋଗୁ ପ୍ରାୟ ୧୦ ଫୁଟ୍ ଗଭୀରର ଗର୍ତ୍ତ ସୃଷ୍ଟି ହେବାସହ ପିଚୁ ରାସ୍ତାର ତଳ ପାର୍ଶ୍ୱକୁ ଖାଇଗଲାଣି। ବହୁ ଦାବି ପରେ ଜରକା ଛକରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହେଲା। ମାତ୍ର ଏଥିରେ ପାଣି ବାହାରକୁ ଯିବା ବଦଳରେ ପାର୍ଶ୍ୱବର୍ତ୍ତୀ ଘରମାନଙ୍କରେ ରହୁଥିବା ଲୋକଙ୍କ ଘରେ ପଶୁଛି। ଏଥିପାଇଁ ଲୋକେ ପ୍ରମାଦ ଗଣୁଛନ୍ତି। କେତେବେଳେ କେଉଁ ମୁହୂର୍ତ୍ତରେ ତାଙ୍କ ଘର ଗୁଡ଼ିକୁ ତାଡ଼ି ନେଇଯିବ ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ଏଥିପାଇଁ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏଣୁ ତୁରନ୍ତ ଏହାର ପ୍ରତିକାର ନିମନ୍ତେ ଦାବି ହେଉଛି।

# ଆନ୍ଦୋଳନକୁ ଓହ୍ଲାଇବ ଶିକ୍ଷକ ସମନ୍ୱୟ ସମିତି



**ବାରିପଦା,୨୭।୬/ଏନ୍ଏନ୍ଏସ୍:** ବାରିପଦା ମୁର୍ଗାବାଡ଼ିସ୍ଥିତ ଓଷ୍ଟାର ଜିଲ୍ଲା କାର୍ଯ୍ୟାଳୟରେ ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ଚିତ୍ତରଞ୍ଜନ ପଳତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଓଷ୍ଟାର ସମ୍ପାଦକ ତଥା ସମନ୍ୱୟ ସମିତିର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ଚାକିରି କଲେ ମଧ୍ୟ ଯୋଗ୍ୟ ବିଦ୍ୟାଳୟ ଓ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଓ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ପେନସନ୍ ପ୍ରଦାନ, ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଚାକିରିରେ ୬ ବର୍ଷ ମିଶାଇବା, ଚାକିରି କାଳକୁ ୬୦ରୁ ୬୨କୁ ବୃଦ୍ଧି କରିବା, ସମସ୍ତ ପ୍ରକାର ବିଦ୍ୟାଳୟରେ ତୁରନ୍ତ ଖାଲିସ୍ଥାନ ପୂରଣ କରିବାରେ ସରକାର କର୍ଣ୍ଣପାତ କରୁନଥିବାରୁ ଆସନ୍ତା ୨୮ ତାରିଖ ରାଜ୍ୟ ସଂଗଠନର ଆହ୍ୱାନକ୍ରମେ ଭୁବନେଶ୍ୱର ରାଜରାସ୍ତାରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଓଷ୍ଟାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହସମ୍ପାଦକ ବିକାଶ ପଣ୍ଡା, ବାଙ୍ଗିରିପୋଷି ବ୍ଲକ୍ ସଭାପତି ଅର୍ଜୁନ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ବିଶ୍ୱାଳ, ସମୀର କୁମାର ମାଇତି, ବ୍ଲକ୍ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ସୁଦର୍ଶନ ବାରିକ, ବୀରେନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ଗିରି, ବଳରାମ ଦତ୍ତ, ଦେବବ୍ରତ କର, ରବୀନ ଚନ୍ଦ୍ର ବେରା, ରଞ୍ଜନ କୁମାର ବେହେରା, ରତନୀ ମହାନ୍ତ ଓ ତରୁଲତା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ଗିରି ଧନ୍ୟବାଦ ଦେଇଥିଲେ।

# କର୍କଟ ରୋଗୀଙ୍କୁ ୫୦ ହଜାର ସହାୟତା



**ସୋର,୨୭।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ୍ ଅନ୍ତର୍ଗତ ଡାଙ୍ଗମାଳ ପଞ୍ଚାୟତର ନୂଆଗାଁ ବାସିନ୍ଦା ନିରଞ୍ଜନ ଗାହଣ (୩୫) ଦେଢ଼ ବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ପରିବାର କହିଲେ ସ୍ତ୍ରୀ ଜ୍ୟୋସ୍ନା ଗାହଣ (୩୦) ଏବଂ ୫ ଝିଅ। ନିରଞ୍ଜନ ପେସାରେ ଜଣେ ରୋଷେୟିଆ ଥିଲେ। କିନ୍ତୁ ଏବେ ଖାଇବା ପାଇଁ ଦାନା ଟିକେ ମିଳୁନାହିଁ। ଓଳିଏ ଖାଇବାକୁ ପାଉଥିବାବେଳେ ଓଳିଏ ଉପବାସ ରହୁଛନ୍ତି। ନିରଞ୍ଜନଙ୍କ ପାଖରେ ଯାହା ଜମା ରାଶି ଥିଲା ସବୁକିଛି ଚିକିତ୍ସାରେ ସାରି ଦେଇଛନ୍ତି। ଦୁଇ ବର୍ଷ ପୂର୍ବରୁ ଦେହ ଅସୁସ୍ଥ ହେବାରୁ ଥାଇରଡ୍ ଚିକିତ୍ସା କରିଥିଲେ। ହଠାତ୍ ତିନି ମାସ ପୂର୍ବରୁ ଅଧିକ ଦେହ ଅସୁସ୍ଥ ହେବାରୁ କର୍କଟ ରୋଗରେ ଆକ୍ରାନ୍ତ ବୋଲି ଡାକ୍ତରୀ ପରୀକ୍ଷାରେ ଜଣାପଡ଼ିଲା। ଏହିଠାରୁ ପରିବାର ଚଳାଇବା ସହ ଚିକିତ୍ସା ଖର୍ଚ୍ଚ ବହନ କରିବା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ଆଦର୍ଶ ଯୁବ ପରିଷଦ ପକ୍ଷରୁ ନିରଞ୍ଜନଙ୍କୁ ଚିକିତ୍ସା ସହାୟତା ବାବଦରେ ୪୭ ହଜାର ଟଙ୍କାର ଏକ ଚେକ୍ ଓ ୩ ହଜାର ଟଙ୍କା ନଗଦ ପ୍ରଦାନ କରାଯାଇଥିଲା। ସଂଗଠନର ସଦସ୍ୟମାନେ ରୋଗୀଙ୍କ ପରିବାର ସହ ଯୋଗାଯୋଗ କରି ସହାୟତା ରାଶି ହସ୍ତାନ୍ତର କରିଥିଲେ। ଏହି ଅବସରରେ ସଂଗଠନର କର୍ମକର୍ତ୍ତାମାନେ ନିରଞ୍ଜନଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହ ସମାଜର ଅନ୍ୟ ଦାନଶୀଳ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ମଧ୍ୟ ଏଭଳି ଅସହାୟ ରୋଗୀଙ୍କ ସହାୟତା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ।

# ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ

**ବାଲେଶ୍ୱର,୨୭।୬/ଏନ୍ଏନ୍ଏସ୍:** ବହୁଚର୍ଚ୍ଚିତ ବାଲେଶ୍ୱର ଗୁଳିକାଣ୍ଡରେ ମୃତକ ସେକ୍ ହମିଦ୍ଙ୍କ ପରିବାରକୁ ତାଙ୍କ ରେମୁଣା ଘରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଶନିବାର ଭେଟିଛନ୍ତି। ପ୍ରାକ୍ତନ ସିମୁଳିଆ ବିଧାୟକ ତଥା ଜିଲ୍ଲା ସଭାପତି

**ଗୁଳିକାଣ୍ଡରେ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା**

ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧିମଣ୍ଡଳୀ ହମିଦ୍ଙ୍କ ପରିବାରକୁ ସମବେଦନା ଜଣାଇବା ସହ ନ୍ୟାୟ ପାଇଁ ଲଢ଼େଇ କରିବ ବୋଲି କହିଥିଲେ। ପରେ ପ୍ରତିନିଧିମଣ୍ଡଳୀ ଏସ୍ପି ପ୍ରତ୍ୟୁଷ ଦିବାକରଙ୍କୁ ଭେଟି ତୁରନ୍ତ ଦୋଷୀଙ୍କୁ ଗିରଫ ସକାଶେ ଏକ ଦାବିପତ୍ର ଦେଇଥିଲେ ଏହି ସମୟରେ ସାଂସଦ



ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଟାଉନ୍ ସଭାପତି ମନୋଜ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ୍, ଜିଲ୍ଲାପରିଷଦ ସଭ୍ୟ ଅଭିମନ୍ୟୁ ଧିନ୍ଦା, ପ୍ରାକ୍ତନ ଜିଲ୍ଲାପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଓ ରେମୁଣା ଏନ୍ଏସି ଅଧକ୍ଷା ତନୁଜା ଗିରି ପ୍ରମୁଖ ସାମିଲ୍ ଥିଲେ।

# ବାରିପଦା ଡିଏସ୍ପିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ବାଲେଶ୍ୱର,୨୭।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଜାତୀୟ ରାଜପଥର ନୂଆଗାଁରେ ଶନିବାର ବାରିପଦା ଡିଏସ୍ପିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନାନୁସାରେ ଭଦ୍ରକରୁ ମହରମ୍ ଡ୍ୟୁଟି ସାରି ବାରିପଦା ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ଗାଡ଼ି ଡ୍ରାଇଭର୍ ବାଦଲ ପ୍ରଧାନ, ଡିଏସ୍ପି ପାସକେଲ ଏକ୍କା ଓ ଡିଏସ୍ପି ନିରୁପମା ମଲ୍ଲିକ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ଫକୀରମୋହନ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣରୂପେ ଭାଙ୍ଗି ଚୁରମାର୍ ହୋଇଯାଇଛି। ହସ୍ପିଟାଲ୍ରେ ଅତିରିକ୍ତ ଏସ୍ପି ଦୀପକ କୁମାର, ଶିଳ୍ପାଞ୍ଚଳ ଓ




ସଦର ଆଦି ବିଭିନ୍ନ ଥାନାର ଥାନାଧିକାରୀ ଓ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦେବ ବିବାହ ପର୍ବ

**ବାରିପଦା,୨୭।୬/ଏନ୍ଏନ୍ଏସ୍:** ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜିଉ ମନ୍ଦିରରେ ମହାପ୍ରଭୁଙ୍କ ଦେବ ବିବାହ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ମାନବୀୟ ଲୀଳାର ଏହି ଅନନ୍ୟ ପର୍ବକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଶ୍ରୀ ଜଗନ୍ନାଥଙ୍କ ପୂଜାପଣ୍ଡାଙ୍କ ସୂଚନା ମୁତାବକ ପୂର୍ବ ପ୍ରଚଳିତ ପରମ୍ପରା ଅନୁସାରେ ଶୁକ୍ରବାର ମା' ରୁକ୍ମିଣୀ ହରଣ ଏବଂ ପରେ ଗ୍ରାମଦେବତୀ ପୂଜା ଅର୍ଥାତ୍ ଦିଅଁମଙ୍ଗଳା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶନିବାର ପୁରୋହିତଙ୍କ ଦ୍ୱାରା ସଙ୍କଳ୍ପ କରାଯାଇ ମଣ୍ଡଳାଦି ପୂଜା ହେବାସହ ସାଧାରଣ ବିବାହ ଭଳି ପଥ ବରଣଠାରୁ ଆରମ୍ଭ କରି କନ୍ୟାଦାନ ଓ ଖଇପୋଡ଼ା ପର୍ଯ୍ୟନ୍ତ ସମସ୍ତ ବୈଦିକ କର୍ମ ସୁଚାରୁରୂପେ ସମ୍ପାଦିତ ହୋଇଛି। ବିବାହ ସରିବା ପରେ ମା' ଲକ୍ଷ୍ମୀ ଓ ମହାପ୍ରଭୁଙ୍କ ପ୍ରତିନିଧି ମଦନମୋହନ ଅଲଗା ଘଟଘରକୁ ବିଜେ କରି ସେଠାରେ ରାତ୍ରିଯାପନ କରିଛନ୍ତି। ରବିବାର ସନ୍ଧ୍ୟାରେ ବିଧି ମୁତାବକ ଉଭୟ ଦେବଦମ୍ପତି ନଗର ପରିକ୍ରମା କରିବା ପରେ ପୁନର୍ବାର ରତ୍ନସିଂହାସନରେ ବିରାଜମାନ କରିବେ। ଏହି ଗଣପର୍ବରେ ମୟୂରଭଞ୍ଜ



ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ଗଭୀର ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ନୀତିକାନ୍ତି ତିଥୀ ଅନୁଯାୟୀ ହୋଇଛି ବୋଲି କହିଥିଲେ। ଚଳିତ ବର୍ଷ ଅତି ସୁନ୍ଦର ଭାବେ ଏହି ଉତ୍ସବ ଆୟୋଜନ କରାଯାଇଛି ଯାହା ମନରେ ଆନନ୍ଦ ସୃଷ୍ଟି କରୁଛି ବୋଲି ରାଜା କହିଥିଲେ। ସେହିପରି ରାଜପରିବାର ସଦସ୍ୟା ସୁପ୍ରିୟା ମଞ୍ଜରୀ ଭଞ୍ଜଦେଓ ଯୋଗଦେଇ ମହାପ୍ରଭୁଙ୍କ ଏହି ଦିବ୍ୟ ବିବାହ ଉତ୍ସବ ଦେଖିବାକୁ ସେ ପ୍ରତିବର୍ଷ ବେଙ୍ଗଲ୍ରୁ ବାରିପଦା ଚାଲିଆସନ୍ତି ବୋଲି କହିଥିଲେ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ଖଇରା,୨୭।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ ରଟିଣା ପଞ୍ଚାୟତରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବାସନ୍ତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି କୈଳାସ ଚନ୍ଦ୍ର ମାଝୀ, ସମିତିସଭ୍ୟା ଛବିଲତା ମହାପାତ୍ର, ବରିଷ୍ଠ ନାଗରିକ କରୁଣାକର ମହାପାତ୍ର ଓ ଏଡିଓ ରଞ୍ଜିତ ମିଶ୍ର ପ୍ରମୁଖ ଅତିଥିଭାବେ ସରକାରଙ୍କ ୨ ବର୍ଷର ସଫଳତାର କାହାଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା। ରମେଶ ପଣ୍ଡା, ରାଜେନ୍ଦ୍ର ପଣ୍ଡା,ବିଜେପି ଯୁବ ସଂଗଠକ ରାଧାଶ୍ୟାମ ମହାପାତ୍ର, ସୁଦର୍ଶନ ମହାକୁଡ଼ ଓ ବିଷ୍ଣୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହିଳା ଗ୍ରୁପ୍ ପକ୍ଷରୁ ଖାଦ୍ୟ ଷ୍ଟଲ୍ ପ୍ରଦର୍ଶନ କରାଯିବା ସହିତ ଆସୁଥିବା ଲୋକଙ୍କ ପାଇଁ ରକ୍ତ ଓ ମଧୁମେହ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା।

# ନାବାଳିକା ଦୁଷ୍କର୍ମ ମାମଲା, ଜଣେ ଗିରଫ

**ଯୋଡ଼ା,୨୭।୬/ଏନ୍ଏନ୍ଏସ୍:** ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଅଞ୍ଚଳରେ ଜଣେ ୧୩ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜଗନ୍ନାଥ କରୁଆ (୨୯)। ବାଂଶପାଣି ପାଗଳା ହଟିଙ୍ଗର ନାବାଳିକା ଗତ ଜୁନ୍ ୨୬ ସନ୍ଧ୍ୟାରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗରେ କହିଛନ୍ତି ଯେ ତାଙ୍କ ବାପା ଓ ମାଆଙ୍କ ମୃତ୍ୟୁ ପରେ ସେ ମାମୁଘରେ ରହୁଛନ୍ତି। ଗତ ଜୁନ୍ ୨୩ ମଧ୍ୟରାତ୍ରିରେ ବାଂଶପାଣିର ଜଗନ୍ନାଥ କାରୁଆ ତାଙ୍କ ଘରକୁ ଆସି ବଳପୂର୍ବକ ଦୁଷ୍କର୍ମ କରିବା ସହ ଘଟଣା ପ୍ରକାଶ କଲେ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଭିଯୋଗକୁ ଆଧାର କରି ଯୋଡ଼ା ଥାନାରେ ଏକ ମାମଲା ରୁଜ୍ଜୁ କରାଯାଇଛି।

## ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ଘଟଣା

# ୩ଙ୍କୁ ଘରୁ ଉଠାଇନେଲା ପୁଲିସ୍

**ଭଦ୍ରକ,୨୭।୬/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅନ୍ତର୍ଗତ ଓଳଗ ଷାଠିବାଙ୍କୁଡ଼ା ଗାଁରେ ଗତ ୧୭ ତାରିଖରେ ହାପି ମହାକୁଡ଼ (୨୬)ଙ୍କୁ ଘରୁ ଡାକି ନେଇ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେଇ ପରିବାର ଲୋକଙ୍କୁ ଭ୍ରମିତ କରାଯାଇଥିଲା। ଉକ୍ତ ଘଟଣାରେ ଶନିବାର ସକାଳେ ଧୂଷୁରୀ ପୁଲିସ୍ ମୁନା ପଲାଇ, ଛୁଆଁ ପଲାଇ ଓ ସ୍ୱୟମ ପଲାଇଙ୍କୁ ନିଜ ହେପାଜତ୍କୁ ନେଇ ତଦନ୍ତ ଆରମ୍ଭ

**ଗାଁରେ ସ୍ଥିତି ପରଖିଲେ ପୁଲିସ୍ ଉଚ୍ଚପଦାଧିକାରୀ**

କରିଛି। ଏହି ତଦନ୍ତ ସମୟରେ ଧାମନଗର ଏସ୍ଡିପିଓ ଓ ଧୂଷୁରୀ ଥାନାଧିକାରୀ ଜଣ ଜଣ କରି ଜେରା କରିବା ସହ ଦୀର୍ଘ ୩ ଘଣ୍ଟା ଧରି ପଚରାଉଚୁରା ଜାରି ରଖିଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ପୁଲିସ୍ର ଉଚ୍ଚ ପଦାଧିକାରୀ ପହଞ୍ଚି ହାପିର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଗାଁ ଲୋକଙ୍କଠାରୁ ଘଟଣା ବାବଦରେ ପଚାରି ବୁଝିଥିଲେ। ଖବର ଅନୁଯାୟୀ ଗତ ୧୭ ତାରିଖ ମଧ୍ୟାହ୍ନରେ ହାପିକୁ ଫୋନ୍ ଯୋଗେ ଏକ ଜରୁରୀ କଥାବାର୍ତ୍ତା ପାଇଁ ଛୁଆଁ, ମୁନା ଓ ସ୍ୱୟମ୍ ଘରକୁ ଡାକିଥିଲେ। କିଛି ଘଣ୍ଟା ପରେ ମୁନା ବାଡ଼ିରେ ହାପି କୌଣସି କାରଣରୁ ଫାଶି ଦେଇ ଆତ୍ମହତ୍ୟା କରିଥିବା ହାପିର ପରିବାର



ଜାଣିବାକୁ ପାଇଥିଲେ। ମୃତ୍ୟୁର ୪ ଦିନ ପରେ ହାପିକୁ ଚକ୍ରାନ୍ତ କରି ଘରୁ ଡାକି ନେଇ ମୁନା, ଛୁଆଁ ଓ ସ୍ୱୟମ୍ ହତ୍ୟା କରିଥିବା ମୋବାଇଲ୍ ମେସେଜ୍ରୁ ପରିବାର ଲୋକ ଜାଣିବାକୁ ପାଇଥିଲେ। ପରେ ଗାଁ ଲୋକ ଓ ମୁରବିଙ୍କ ସହାୟତା ଲୋଡ଼ିଥିଲେ। ଏପରିକି ଗାଁ ଲୋକଙ୍କ ସହ ହାପିର ଭାଇ ଓ ମାଆ ଆରଡ଼ି ଫାଣ୍ଡିକୁ ଗତ ୨୧ ତାରିଖରେ ଅଭିଯୋଗ କରିବା ପାଇଁ ପହଞ୍ଚିଥିଲେ। ମାତ୍ର ସେଠାରେ ଫାଣ୍ଡି ଅଧିକାରୀ ଆଇନଗତ ଧମକ ଦେବାସହ ଅଭିଯୋଗ ଶୁଣିନଥିଲେ। ପରେ ଗତ ୨୫ରେ ଗାଁର ୨ଶହରୁ ଊର୍ଦ୍ଧ୍ୱ ଲୋକ ହାପି ମୃତ୍ୟୁର ରହସ୍ୟ ଖୋଲିବା, ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଓ ପରିବାର ଲୋକଙ୍କୁ ନ୍ୟାୟ ଦେବାରେ ଆରଡ଼ି ଫାଣ୍ଡି ସମ୍ମୁଖରେ ଆନ୍ଦୋଳନ କରିବା ସହ ଏତଲା ଗ୍ରହଣ କରିବା ପାଇଁ ହଙ୍ଗଗୋଳ କରିଥିଲେ। ଶେଷରେ ପୁଲିସ୍ ଏତଲା ରଖି ଗତ ୨୬ରେ ଗାଁକୁ ଯାଇ ତଦନ୍ତ କରିଥିଲା। ଏହି ତଦନ୍ତରେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଦୀର୍ଘ ୪ ଘଣ୍ଟା ଧରି ଛାନଭିନ୍ କରିଥିଲେ। ଏପରିକି ଘଟଣାସ୍ଥଳରୁ ଆରମ୍ଭ କରି ଶ୍ମଶାନ ଓ ନଦୀରୁ ଶରୀରର ଅଂଶ ପୁଲିସ୍ ଜବତ କରି ପରୀକ୍ଷା ପାଇଁ ପଠାଇଛି। ଏଥିସହ ଶନିବାର ହାପିର ୨ ଭଉଣୀଙ୍କ ଜମାନବନ୍ଦି ପାଇଁ ପୁଲିସ୍ ଥାନାକୁ ନେଇଥିବା ହାପିର ମାଆ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଧାମନଗର ଏସ୍ଡିପିଓଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଏବଂ ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀ ସୂଚନା ଦେବେ ବୋଲି କହିଛନ୍ତି।

# ନିମ୍ନମାନର ରାସ୍ତା ନିର୍ମାଣ, ଗ୍ରାମବାସୀଙ୍କ ବିରୋଧ

**ତେଲକୋଇ,୨୭।୬/ଏନ୍ଏନ୍ଏସ୍:** ତେଲକୋଇ ବ୍ଲକ୍ ଅନ୍ତର୍ଗତ କରମଙ୍ଗୀ ପଞ୍ଚାୟତର କାନ୍ତଲସୁଆଁ ଗ୍ରାମର କାନ୍ତଲସୁଆଁରୁ ଲକ୍ଷ୍ମୀ ମଣ୍ଡପ ପର୍ଯ୍ୟନ୍ତ ତିନି ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର

**ଯନ୍ତ୍ରୀ ଓ ଠିକାଦାର୍ଙ୍କ ଅର୍ଥ ହରିଲୁଟ୍ ମସୁଧା**

ସମ୍ପୃକ୍ତ ଠିକାଦାର ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯନ୍ତ୍ରୀ ଓ ଠିକାଦାର୍ଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ୍ର ମସୁଧା ଚାଲିଛି। ସେହିପରି ଭଲ



ବାଲି ବ୍ୟବହାର ନକରି ପଟୁ ମିଶା ବାଲିରେ କାମ ହେଉଥିବାରୁ ତାକୁ ବିରୋଧ କରିଛନ୍ତି। ଏହାବ୍ୟତୀତ ସିମେଣ୍ଟ ଭାଗ ମଧ୍ୟ ଠିକ୍ ନଥିବା ଜଣାପଡ଼ିଛି। ଏଠାରେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥବାବେଳେ ତଦାରଖ ପାଇଁ ବିଭାଗର କୌଣସି ଅଧିକାରୀ ରହୁନଥିବା ଯୋଗୁ ଠିକାଦାର୍ ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। ଠିକାଦାର୍ଙ୍କ ଏଭଳି ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ରାସ୍ତା କାର୍ଯ୍ୟ ହେଲେ ଏହାର ସ୍ଥାୟୀତ୍ୱକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**AFFIDAVIT**

I MOHAMOD MAHATAB, S/O- MOHAMOD RAFIK Resident At- Nuada, PO- Tarikund, PS/ Dist- Jagatsinghpur, Pin-754102, Odisha Declared By this Affidavit No- 2115 Dtd. 01/06/2026 that now onward I shall be known as MOHAMMED MEHATAB S/O- MOHAMMAD RAFIK.

**AFFIDAVIT**

By virtue of an affidavit sworn before Executive Magistrate Kendrapara, SL No. 3138, dated 22.05.2026. I BASANTA KUMAR DAS, Address, At-Baniamal, PO-Kendrapara, PS- Kendrapara Town, Dist-Kendrapara, Odisha, Pin-754211, declare that I have changed the name of my daughter from PRATYUSA PRIYADARSANI DAS TO PRATYASA PRIYADARSANI DAS. Henceforth she shall known as **PRATYASA PRIYADARSANI DAS** for all Purposes.

**AFFIDAVIT**

By virtue of an affidavit sworn before Notary Public Kendrapara SL No. 1540, dated 27.06.2026. I RANJAN KUAMR SWAIN, Adress At-Kalapada, Post-Kalapada, Ps-Kendrapara Sadar, Dist-Kendrapara, Odisha, Pin-754212, declare that I have changed my name from RANJEET SWAIN to RANJAN KUMAR SWAIN, Henceforth he shall known as **RANJAN KUMAR SWAIN** for all purpose.

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E.Mail – rw_sundargarh@yahoo.co.in

25001/530/2627

E-PROCUREMENT NOTICE
**BID IDENTIFICATION NO. ONLINE-SESNG-08 of 2026-27**

1. Name of the Work :- Road Work
2. Total No. of works :- 26 no Roads
3. Estimated cost :- From Rs.5.08 Lakhs to 25.42 Lakhs
4. Class of contractor :- 'D','C' & 'B'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh. | Online-SESNG-08 of 2026-27 | 30.06.2026 11.00 A.M | 14.07.2026 6.00 PM |

Further details can be seen from the website www.tendersorissa.gov.in

OIPR-25001/25046/1/26-27/0007

Sd/-Superintending Engineer
Rural Works Division, Sundargarh

# ୧୨୦୦ ଲିଟର୍ ଦେଶୀମଦ ନଷ୍ଟ

**ରାୟଗଡ଼ା,୨୭।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାରେ ଦେଶୀ ରନ୍ଧାମଦ ପ୍ରସ୍ତୁତି ଉପରେ ରୋକ୍ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହିକ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ସହାୟତାରେ ଗୁଣପୁର ଅବକାରୀ ବିଭାଗ ବିଭିନ୍ନ ଅଞ୍ଚଳରେ ଅତର୍କିତ ଚଢ଼ଉ କରି ବିପୁଳ ପରିମାଣର ପୋଚ ଓ ଦେଶୀ ରନ୍ଧାମଦ ନଷ୍ଟ କରିଛି । ପଦ୍ମପୁର ଏବଂ ଗୁଣପୁର ଥାନା ଅନ୍ତର୍ଗତ ରାଉତେରେଙ୍ଗା, ସିନାପାଲି ଓ ଲବା ଅଞ୍ଚଳରେ ଚାଲିଥିବା ଦେଶୀ ରନ୍ଧାମଦ ପ୍ରସ୍ତୁତି କାରବାର ହେଉଥିବା ସ୍ଥାନରେ ଚଢ଼ଉ କରି ୮୦୦୦ ଲିଟର୍ ପୋଚ ଓ ୧୨୦୦ ଲିଟର୍ ଦେଶୀମଦ ନଷ୍ଟ କରିଛି । ଉକ୍ତ ଘଟଣାରେ ଅବକାରୀ ବିଭାଗ ଦୁଇ ଜଣଙ୍କୁ ଗିରଫ କରିବା ସହ ୩ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ନେଇ ସୂଚନା ଦେଇଛି ।

## ପ୍ରଥମ ପୃଷ୍ଠାରୁ

### ପ୍ରସ୍ତୁତି ଚୂଡ଼ାନ୍ତ, ସୁରକ୍ଷା ...

ଚାର ବାନ୍ଧିବାକୁ ଗର୍ଭଗୃହକୁ ପ୍ରବେଶ କରିବେ ଏବଂ ଚାର ବନ୍ଧାଯିବା ପରେ ଦଇତାପତିମାନେ ପ୍ରଭୁଙ୍କ ସେନାପଟା ବାନ୍ଧିବା ନୀତି ସଂପନ୍ନ କରିବେ । ରବିବାର ସଅଳ ସଅଳ କରାଯିବ ସେନାପଟା ଲାଗି ନୀତି । ନୀତି ନିର୍ଘଣ୍ଟ ଅନୁଯାୟୀ, ସ୍ନାନଯାତ୍ରା ଦିନ ଭୋର୍ ୫ଟାରୁ ୭ଟା ମଧ୍ୟରେ ପହଣ୍ଡି ଏବଂ ଦିନ ୧୨ଟାରୁ ୨ଟା ମଧ୍ୟରେ ଜଳ ବିଜେ ଓ ସ୍ନାନ ନୀତି ରହିଛି । ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ହାତୀ ବେଶ ଏବଂ ସଂଧ୍ୟା ୭ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ରହିଛି ସାହାଣମେଲା ଦର୍ଶନ । ରାତି ୧୧ରୁ ୨ଟା ମଧ୍ୟରେ ସଂପନ୍ନ ହେବ ଶ୍ରୀମନ୍ଦିରକୁ ପହଣ୍ଡି ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ବରିଷ୍ଠ ଅଧିକାରୀଙ୍କ ସହ ଦେବସ୍ନାନ ନୀତି ପାଇଁ ଗ୍ରହଣ କରାଯାଇଥିବା ସମସ୍ତ ବ୍ୟବସ୍ଥାର ଟିକିନିଖି ସମୀକ୍ଷା କରିଛନ୍ତି । ଶ୍ରୀଜିଉଙ୍କ ପହଣ୍ଡି, ଜଳ ଲାଗି କିଭଳି ନୀତି ନିର୍ଘଣ୍ଟ ଅନୁଯାୟୀ ହେବ, ମହାପ୍ରଭୁଙ୍କ ହାତୀ ବେଶକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କିଭଳି ଭଲ ଭାବରେ ଦେଖିପାରିବେ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ଦର୍ଶନ ପରେ ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ । ଏଥର ମାର୍କେଟ ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ସେପଟେ ସ୍ନାନଯାତ୍ରା ପାଇଁ ପୁରୀରେ ସୁରକ୍ଷା ଓ ଟ୍ରାଫିକ କଟକଣା ନେଇ କରାଯାଇଛି ବ୍ୟାପକ ବ୍ୟବସ୍ଥା । ଭୁବନେଶ୍ୱର, ବ୍ରହ୍ମଗିରି ଓ କୋଣାର୍କ ପଟୁ ଆସୁଥିବା ୨ ଚକିଆ ଗାଡ଼ିଗୁଡ଼ିକୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯାଇଛି । ଗାଡ଼ିଗୁଡ଼ିକୁ ମ୍ୟୁନିସିପାଲଟି ମାର୍କେଟ୍ କଂପ୍ଲେକ୍ସରେ ରଖିବେ । ସେଠାରେ ପାର୍କିଂ ଫୁଲ୍ ହୋଇଯିବା ପରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିବେ । ସେହିପରି ଭୁବନେଶ୍ୱରପଟୁ ଆସୁଥିବା ଚାରି ଚକିଆ ଗାଡ଼ିଗୁଡ଼ିକ ବାଟଗାଁ, ଶ୍ରୀସେତୁ ଦେଇ ନ୍ୟୁ ଜଗନ୍ନାଥ ବଲ୍ଲଭ ପାର୍କିଂରେ ରହିବେ । ସେହି ପାର୍କିଂ ଫୁଲ୍ ହୋଇସାରିବା ପରେ ଗାଡ଼ିଗୁଡ଼ିକ ଜେଲ୍ ରୋଡ୍, ତାପରେ ମେଡିକାଲ୍ ଛକ ଓ ଶରଧାବାଲି ନିକଟ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରିପାରିବେ । ଅନ୍ୟପକ୍ଷରେ ପୁରୀକୁ ଯାଉଥିବା ସମସ୍ତ ବସ୍ ମାଳତୀପାଟପୁରରେ ରହଣୀ ବ୍ୟବସ୍ଥା ହୋଇଛି । ଶରଧାବାଲିରେ ସିଟି ବସ୍ ଓ ତାଳବଣିଆରେ ଟୁରିଷ୍ଟ ବସଗୁଡ଼ିକ ରହିବ । ଶ୍ରୀମନ୍ଦିରକୁ ସଂଯୋଗ ରାସ୍ତାରେ ଯାନବାହନ ଚଳାଚଳ ନିଷିଦ୍ଧ ଘୋଷଣା କରାଯାଇଛି । ସିସିଟିଭି ନଜରରେ ରହିବ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର । ଶ୍ରୀମନ୍ଦିର ପରିସରରେ ଭିତରେ ୫୨ଟି ଓ ଶ୍ରୀମନ୍ଦିର ବାହାରେ ୨୫୦ ସିସିଟିଭି ଲଗାଯାଇଛି ।

### ଶ୍ରୀଜିଉଙ୍କ ଦର୍ଶନ ...

ପକ୍ଷରୁ କୁହାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କହିଛି ଯେ ସୋମବାର ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହେବାକୁ ଥିବାରୁ ପୂର୍ବ ପ୍ରସ୍ତୁତି ନିମନ୍ତେ ଶନିବାର ରାତି ସାଢ଼େ ୧୦ଟାରୁ ଆପାତତଃ ରବିବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

### ଭୀମସେନ ଟୁଡୁ ଚାକିରିରୁ ...

ନଉଠାଇବାରୁ ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଫୋନ୍ ମାଗି ଚନ୍ଦ୍ରିକା ତାଙ୍କ ପାଖକୁ କଲ୍ କରିଥିଲେ । ତଥାପି ଭୀମସେନ ଫୋନ୍ ଉଠାଇ ନଥିଲେ । ତା'ପରେ ଚନ୍ଦ୍ରିକା ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲେ । ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଭୀମସେନ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଫେରାର ହୋଇଯାଇଥିଲେ । ପରେ ମୟୂରଭଞ୍ଜରେ ଥିବା କମିଶନରେଟ ପୁଲିସର ଟିମ୍ ତାଙ୍କୁ ଜୁନ ୧୨ରେ ଗିରଫ କରିଥିଲା । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ୍ ଦାୟୀ ।

### ସମାଧାନ ଖୁବ୍ ଶୀଘ୍ର ...

୨ ରାଜ୍ୟ ମଧ୍ୟରେ ସମାଧାନର ବାଟ ଧୀରେ ଧୀରେ ପ୍ରଶସ୍ତ ହେଉଥିବା ନେଇ ସଂକେତ ମିଳିଛି । ଆଡଭୋକେଟ୍ ଜେନେରାଲ୍ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଟ୍ରିବ୍ୟୁନାଲ୍ ଆସନ୍ତା ଜୁଲାଇ ୧୧ରେ ମହାନଦୀ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବେ । ଜଳବଣ୍ଟନ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଜାତୀୟ ଜଳନୀତିକୁ ଆଧାର କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି । ଆଗାମୀ ପର୍ଯ୍ୟାୟରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

### ମା', ଝିଅଙ୍କୁ ହତ୍ୟା ...

ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ, ଏଏସ୍ଆଇ ସନ୍ତୋଷ ନାୟକ, ପୁଲିସ୍ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି । ଆସନ୍ତାକାଲି ସାଇଣ୍ଟିଫିକ ଟିମ ଆସିଲା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ଇରାନ୍ ଉପରେ ପୁଣି ...

ଆକ୍ରମଣରେ ସହଯୋଗ କରିଥିବା ନାଟୋ ସଦସ୍ୟ ଦେଶଗୁଡ଼ିକୁ ଦାୟୀ କରାଯିବା ଉଚିତ୍ । ଇରାନ୍ ବୈଦେଶିକ ମନ୍ତ୍ରାଳୟ କହିଛି ଯେ ଏହି ଦେଶଗୁଡ଼ିକ ସ୍ପଷ୍ଟ କରିବା ଉଚିତ ଯେ ସେମାନେ ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ କାହିଁକି ସମର୍ଥନ କଲେ । ଏସବୁ ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ବୈଷୟିକ (ଟେକ୍ନିକାଲ୍) ସ୍ତରର ଆଲୋଚନା ଶେଷ ହୋଇଥିବା ସୂଚନା ମିଳିଛି । ଦୁଇ ଦେଶ ଚାରିଟି ମିଳିତ କମିଟି ଗଠନ କରିବା ଏବଂ ୬୦ ଦିନ ମଧ୍ୟରେ ଚୂଡ଼ାନ୍ତ ଚୁକ୍ତିର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ସହମତି ପ୍ରକାଶ କରିଛନ୍ତି । ରୁଷ ମଧ୍ୟ କହିଛି ଯେ ଚୂଡ଼ାନ୍ତ ଚୁକ୍ତି ହେବା ପରେ ଏହା ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଏହାକୁ ସମର୍ଥନ କରିବ ।

### ଏନ୍‌ଏଚ୍‌ଆର୍‌ସିଙ୍କ ହସ୍ତକ୍ଷେପ ...

ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଆଧାର କରି ଏନ୍‌ଏଚ୍‌ଆର୍‌ସି ଏହି ମାମଲାରେ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ, ସମୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ କାରଖାନାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ରୀତା ଜୁଆଙ୍ଗଙ୍କ ସମେତ ୧୨ ଜଣ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ପ୍ରାଣହାନି ଘଟିଛି । ଏହି ଘଟଣା ଶ୍ରମିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି । ଆବେଦନକାରୀ ତାଙ୍କ ଅଭିଯୋଗରେ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ସେହିପରି ଆହତ ଶ୍ରମିକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ଓ ସମ୍ପୃକ୍ତ କମ୍ପାନୀ ମିଳିତ ଭାବେ ବହନ କରିବା ସହ ପ୍ରଭାବିତ ପରିବାରଙ୍କ ପୁନର୍ବାସ, ଜୀବିକା ସହାୟତା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ମଧ୍ୟ ଦାବି ଉଠିଛି । ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ସମ୍ପୃକ୍ତ ସି-ଫୁଡ୍ ପ୍ରୋସେସିଂ ୟୁନିଟରେ ଶ୍ରମିକ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା । ଶ୍ରମିକମାନଙ୍କ ପାଇଁ ଆବଶ୍ୟକ ସୁରକ୍ଷା ଉପକରଣ, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ରାସାୟନିକ ଦୁର୍ଘଟଣା ମୁକାବିଲା ପ୍ରସ୍ତୁତିରେ ଗୁରୁତର ଅବହେଳା ରହିଥିବା ଅଭିଯୋଗ କରାଯାଇଛି । ଏପରିକି ଅପ୍ରାପ୍ତବୟସ୍କଙ୍କୁ କାମରେ ନିୟୋଜିତ କରାଯାଉଥିବା ଗୁରୁତର ଅଭିଯୋଗ ମଧ୍ୟ ଉଠିଛି । ଏହି ସମସ୍ତ ଦିଗରେ ସ୍ୱାଧୀନ ତଦନ୍ତ କରି କମ୍ପାନୀ ପରିଚାଳନା ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନଏଚଆରସିଙ୍କୁ ଅନୁରୋଧ କରାଯାଇଛି । ଏନଏଚଆରସି ତାମିଲନାଡୁର ମୁଖ୍ୟ ସଚିବ ଓ ଡିଜିପିଙ୍କୁ ଏହି ଘଟଣା ସମ୍ପର୍କିତ ବିସ୍ତୃତ ତଥ୍ୟ ସହ ଯୁଗ୍ମ ତଦନ୍ତ କମିଟିର ରିପୋର୍ଟ ମଧ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି । ଏଥିସହ ଦୁର୍ଘଟଣାର ପ୍ରକୃତ କାରଣ, କାରଖାନାରେ ଥିବା ସୁରକ୍ଷା ବ୍ୟବସ୍ଥା, ସୁରକ୍ଷା ମାନକ ପାଳନର ସ୍ଥିତି, ପ୍ରଶାସନିକ ତ୍ରୁଟି ଓ ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ରିପୋର୍ଟ ଦେବାକୁ କୁହାଯାଇଛି ।

# ଅଧାପନ୍ତରିଆ ରାଇଠାଣି ରେଲ୍‌ୱେ ଓଭରବ୍ରିଜ୍

**ବୌଦ୍ଧ,୨୭।୬/ଏନ୍‌ଏନ୍‌ଏସ୍:** ସାଧାରଣ ଲୋକଙ୍କ ସୁବିଧା, ସୁରକ୍ଷା ଓ ଦ୍ରୁତ ଯାତାୟାତକୁ ଲକ୍ଷ୍ୟ କରି ସରକାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଘୋଷଣା କରୁଛନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ପ୍ରକଳ୍ପ ଗୁଡ଼ିକ କାଗଜ କଲମରେ ସଫଳତାର ଦାବି ହେଉଥିବାବେଳେ ତୃଣମୂଳସ୍ତରରେ ପ୍ରଶାସନିକ

- ଜରୁରିକାଳୀନ ସେବା ବାଧାପ୍ରାପ୍ତ
- ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଦାବି

ଅବହେଳା, ବିଭାଗୀୟ ସମନ୍ୱୟର ଅଭାବ ଓ ନିର୍ମାଣ କାର୍ଯ୍ୟରେ ଅତ୍ୟଧିକ ବିଳମ୍ବ ଯୋଗୁ ସାଧାରଣ ଲୋକ ହଇରାଣ ହେଉଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଜିଲ୍ଲା ରାଇଠାଣିରେ ନିର୍ମାଣାଧୀନ ରେଲୱେ ଓଭରବ୍ରିଜ୍ । ଦୀର୍ଘ ବର୍ଷ ତଳେ ଏହି ଓଭରବ୍ରିଜ୍‌ର ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇନାହିଁ । ବରଂ ଦୀର୍ଘଦିନ ଧରି କାମ ବନ୍ଦ ଥିବା ଦେଖିବାକୁ ମିଳୁଛି । ଫଳରେ ପ୍ରତିଦିନ ଏହି ବ୍ୟସ୍ତବହୁଳ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଶହ ଶହ ଗାଡ଼ି



ଓ ହଜାର ହଜାର ଲୋକ ଅନାବଶ୍ୟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ୍ ନିର୍ମାଣ ସରିନଥିବାରୁ ରେଳ ବିଭାଗ ପକ୍ଷରୁ ଏଠାରେ ଏକ ଲେଭେଲ୍ କ୍ରସିଂ ଫାଟକ ବ୍ୟବସ୍ଥା କରାଯାଇଛି । ରେଳ ଆସିବାର ପ୍ରାୟ ୧୦ ମିନିଟ୍ ପୂର୍ବରୁ ଫାଟକ ବନ୍ଦ କରାଯାଉଥିବାରୁ ଉଭୟ ପାର୍ଶ୍ୱରେ ଲମ୍ବା ଧାଡିରେ ଗାଡ଼ି ଅଟକୁଛି । ଏହା ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ାଉଛି । ଖରାଦିନେ ପ୍ରଚଣ୍ଡ ଖରାରେ ଲୋକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ଗତ ଶୁକ୍ରବାର ଏକ ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଏକ ଘରୋଇ ଆମ୍ବୁଲାନ୍ସ ଫାଟକ ବନ୍ଦ ଥିବାରୁ କିଛି ସମୟ ଧରି ଅଟକି ରହିଥିଲା । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏଭଳି ଘଟଣା ପୂର୍ବରୁ ମଧ୍ୟ ବହୁବାର ଘଟିଛି । ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେବା ଫଳରେ ଗୁରୁତର ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି । ଯଦି ଓଭରବ୍ରିଜ୍ କାମ ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇଥାନ୍ତା ତେବେ ଆଜି ଏପରି ସମସ୍ୟା ଉପୁଜିନଥାନ୍ତା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ବର୍ଷ ବର୍ଷ ଧରି ପ୍ରକଳ୍ପ ଅଧାରେ ପଡ଼ି ରହିବା ପଛରେ କିଏ ଦାୟୀ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ତେବେ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ନିର୍ମାଣକାରୀ ସଂସ୍ଥାକୁ ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବାସହ କାମ ସରିବା ପର୍ଯ୍ୟନ୍ତ ଫାଟକ ନିକଟରେ ଟ୍ରାଫିକ୍ ପରିଚାଳନା ଓ ଆମ୍ବୁଲାନ୍ସ ସମେତ ଜରୁରିକାଳୀନ ଗାଡ଼ି ଚଳାଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

## 'ଦୁଇ ବର୍ଷରେ ବଦଳିଛି ସହର ଓ ଗ୍ରାମାଞ୍ଚଳର ଚେହେରା'



**ଝାରସୁଗୁଡ଼ା,୨୭।୬/ଏନ୍‌ଏନ୍‌ଏସ୍:** ଝାରସୁଗୁଡ଼ା ସହର ବଢ଼େଇମୁଣ୍ଡାସ୍ଥିତ ଇଞ୍ଜିନିଅରିଂ ସ୍କୁଲ୍‌ରେ ନିର୍ବାଚନ ମଣ୍ଡଳସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ

**ବୁଦ୍ଧିଜୀବୀ ସମ୍ମିଳନୀ**

ରବିନାରାୟଣ ନାଏକ ଯୋଗଦେଇ ବର୍ତ୍ତମାନ ଡବଲ୍ ଇଞ୍ଜିନ୍ ସରକାରରେ ଝାରସୁଗୁଡ଼ାରେ ଡବଲ୍ ବିକାଶ ହୋଇଛି ଏବଂ ଧୀରେ ଧୀରେ ଝାରସୁଗୁଡ଼ା ଉନ୍ନତିର ଶିଖରରେ ପହଞ୍ଚିବାର ପ୍ରୟାସ ଜାରି ରଖିଛି । ବର୍ତ୍ତମାନ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ଉପରମୁହାଁ ବୋଲି ମତପ୍ରକାଶ କରିଛନ୍ତି । ସମ୍ମାନିତ ଅତିଥିଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଗତ ଦୁଇ ବର୍ଷରେ ବିଜେପି ସରକାର ଦ୍ୱାରା ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଉନ୍ନତିର ଚରମ ସୀମାରେ ପହଞ୍ଚିଛି ବୋଲି ମତପ୍ରକାଶ କରିଥିଲେ । ଏହାସହ ବିଧାୟକ ତ୍ରିପାଠୀ ଜନସାଧାରଣଙ୍କ ସହଯୋଗ ଏବଂ ଜିଲ୍ଲା ପ୍ରଶାସନର ଦୂରଦର୍ଶୀ ପରିଚାଳନା ଯୋଗୁ ବିଗତ ଦୁଇ ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ ଧରେ ଝାରସୁଗୁଡ଼ା ଜିଲ୍ଲା ପ୍ରଗତିର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, କୃଷି ଓ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣି ଜିଲ୍ଲା ଏକ ଆଦର୍ଶ ମଡେଲ୍ ଭାବେ ଉଭା ହୋଇଛି । ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ୩୪୧.୪୦ କୋଟିରୁ ଅଧିକ ପୁଞ୍ଜିନିବେଶ କରାଯାଇଛି । ଏଠାରେ ସ୍ଥାପିତ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କାର୍ଡିଆକ୍ ହସ୍ପିଟାଲ୍ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର ପାଲଟିଛି । ମଙ୍ଗଳବଜାର ସାଟେଲାଇଟ୍ ହସ୍ପିଟାଲ୍ ଚାଲୁ ହେବାସହ ମୁଣ୍ଡାମହୁଲ ଓ କୋଲାବିରାରେ ନୂତନ ସିଏଚ୍‌ସି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ୍ କେୟାର୍ ବ୍ଲକ୍ ନିର୍ମାଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

■ ଗୋଷ୍ଠୀକେନ୍ଦ୍ର ନାମଫଳକରେ ବିଧାୟକଙ୍କ ନାମକୁ ନେଇ ବିବାଦ

## କାଉସିଲର୍‌ଙ୍କୁ ନେଇ ଉଦ୍‌ଘାଟନ କଲେ ଏନ୍‌ଏସି ଅଧ୍ୟକ୍ଷ



**ଭବାନୀପାଟଣା,୨୭।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି ୱାର୍ଡ ନଂ ୨ରେ ନବନିର୍ମିତ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ ନାମଫଳକରେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ନାମକୁ ନେଇ ବିବାଦ ଦେଖାଦେଇଛି । ଏପରିକି ଚୂଡ଼ାନ୍ତ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବିଜେପି କର୍ମୀ ବିରୋଧ କରିବାରୁ ଏନ୍‌ଏସି ପ୍ରଶାସନ ବାତିଲ୍ କରିବାକୁ ବାଧ୍ୟ ହୋଇଛି । ଏନେଇ ବିଜେଡି ଓ ବିଜେପି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଘଟଣାକୁ ନେଇ ଅଧ୍ୟକ୍ଷ ଓ କାଉନସିଲର୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଫଳସ୍ୱରୂପ ଅଧ୍ୟକ୍ଷ ନୃପରାଜ ଯାଦବ ନିଜ ଦଳୀୟ ନେତା, କର୍ମୀ ଓ କାଉନସିଲର୍‌ଙ୍କୁ ନେଇ ବେସରକାରୀ ଭାବେ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ସୂଚନାନୁଯାୟୀ ତତ୍କାଳୀନ ବିଜେଡି ସରକାର ପକ୍ଷରୁ ଆର୍ଥିକ ବର୍ଷ ୨୦୨୨-୨୩ ସ୍ୱତନ୍ତ୍ର ପାଣ୍ଠି ଅନୁଦାନରୁ ୧ କୋଟି ୨୬ ଲକ୍ଷ ୬୪ ହଜାର ଅଟକଳରେ କେସିଙ୍ଗା ୱାର୍ଡ ୨ ବଗାଡ଼ରେ ଏକ ବହୁମୁଖୀ ଗୋଷ୍ଠୀକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ବହୁମୁଖୀ ଗୋଷ୍ଠୀକେନ୍ଦ୍ର ନିର୍ମାଣ ଦିନଠାରୁ ବିବାଦ ଲାଗିଥିବାବେଳେ ନିର୍ମାଣ ଶେଷ ହୋଇ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଉଦ୍‌ଘାଟନ ହୋଇପାରୁନଥିଲା । ଶେଷରେ ଅଧ୍ୟକ୍ଷଙ୍କ ଆଗ୍ରହ ଓ ସ୍ଥାନୀୟ ବିଜେପି ନେତୃମଣ୍ଡଳୀଙ୍କ ଉଦ୍ୟମକ୍ରମେ ଉଦ୍‌ଘାଟନ ପାଇଁ ପ୍ରଥମେ ଚଳିତ ମାସ ୨୨ ତାରିଖ ଏବଂ ପରେ କଳାହାଣ୍ଡି ଲୋକସଭା ସଦସ୍ୟା ମାଳବିକା ଦେବୀଙ୍କ ସମ୍ମତିକ୍ରମେ ୨୭ ତାରିଖରେ ଧାର୍ଯ୍ୟ କରାଯାଇଥିଲା । ସେହିକ୍ରମେ ଏହି ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଓ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ନାମ ଅତିଥିଭାବେ ସମସ୍ତ କାଉନସିଲର୍ ଏବଂ ନିର୍ବାହୀ ଅଧିକାରୀଙ୍କ ସହମତିକ୍ରମେ ଚୂଡ଼ାନ୍ତ କରାଯାଇ ଲୋକସଭା ସଦସ୍ୟାଙ୍କ ସହମତି ତାରିଖ ଅନୁଯାୟୀ ଜୁନ୍ ୨୭ରେ ଧାର୍ଯ୍ୟ କରାଗଲା । ତେବେ ଶନିବାର ନିମନ୍ତ୍ରଣ ପତ୍ର ବଣ୍ଟନ ଓ ଉଦ୍‌ଘାଟନ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ କିଛି ବିଜେପି ସ୍ଥାନୀୟ ନେତା ଏହାକୁ ବିରୋଧ କରିବା ସହ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକ୍ରମେ ଜିଲ୍ଲାପାଳ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ କାରଣ ଜିଲ୍ଲାପାଳ କୌଣସି ଦଳୀୟ କର୍ମୀ ନୁହନ୍ତି । କିନ୍ତୁ ସେ ଜଣେ ବିଜେପି ଦଳୀୟ କର୍ମକର୍ତ୍ତା ଭଳି କାର୍ଯ୍ୟ କରିଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ଯାଦବ ସିଧାସଳଖ ଜିଲ୍ଲାପାଳଙ୍କୁ ଟାର୍ଗେଟ୍ କରିଛନ୍ତି । ତେବେ ଏନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠେଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ । ଏହି କାର୍ଯ୍ୟକ୍ରମରେ ୱାର୍ଡ ୨ କାଉନସିଲର୍ ଭୁପିନ୍ଦର ଘିବେଲା, ୱାର୍ଡ ୩ କାଉନସିଲର୍ ରୋହିତ ଜୈନ, ୱାର୍ଡ କାଉନସିଲର୍ ୭ ପ୍ରକାଶ ବାମଛୋର, ୱାର୍ଡ ୯ କାଉନସିଲର୍ କବିତା ମାଝୀ, ୱାର୍ଡ ୧୦ କାଉନସିଲର୍ ପ୍ରେଣା ନାଏକ, ୱାର୍ଡ ୧୧ କାଉନସିଲର୍ ରମାକାନ୍ତ ଜେନା, ୱାର୍ଡ ୧ କାଉନସିଲର୍ ମଞ୍ଜୁଳା ସାହୁ, ୱାର୍ଡ ୫ କାଉନସିଲର୍ ମଞ୍ଜୁ ମାଝୀ, ବିଜେଡି ଟାଉନ୍ ସଭାପତି ନଳିନ ପଟ୍ଟନାୟକ, ଉତ୍ତର ମହଲା, ରମେଶ ପଟ୍ଟନାୟକ, ଦାମ ବାଗ, ମହିନ୍ଦ୍ର ବଗର୍ତ୍ତି, ମହେନ୍ଦ୍ର ପଟ୍ଟନାୟକ, ସଦା ମାଝୀ ଓ ମୋତି ସାହୁ ପ୍ରମୁଖଙ୍କ ସହ ବହୁ ମହିଳା ଓ ପୁରୁଷ ସାମିଲ୍ ହୋଇଥିଲେ ।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ



**ପାଟଣାଗଡ଼,୨୭।୬/ଏନ୍‌ଏନ୍‌ଏସ୍:** ଯାତ୍ରୀଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ପାଟଣାଗଡ଼ସ୍ଥିତ କୁସମ୍ କାନିରେ ୧୯ କୋଟି ୭୪ ଲକ୍ଷ ଟଙ୍କାର ବ୍ୟୟଅଟକଳରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ଉପମୁଖ୍ୟମନ୍ତ୍ରୀ ତଥା ବିଧାୟକ କନକ ବର୍ଦ୍ଧନ ସିଂହଦେଓ ସ୍ଥାପନ କରିଛନ୍ତି । ପାଟଣାଗଡ଼ରେ ସବୁବେଳେ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିବାବେଳେ ତାହାକୁ ଦୂର କରିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକ୍ରମେ ସ୍ଥାନୀୟ କୁସମ କାନିରେ ଏକ ଅତ୍ୟାଧୁନିକ ଅଟଳ ବସ୍‌ଷ୍ଟାଣ୍ଡ ଦୁଇ ଏକର ଜମିରେ ନିର୍ମାଣ ହେବ । ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ସମେତ ବିଡିଓ, ତହସିଲଦାର୍, ଏସ୍‌ଡିପିଓ ସଦାନନ୍ଦ ପୂଜାରୀ, ପାଟଣାଗଡ଼ ବିଡିଓ ସୁମନ କୁମାର ମିଞ୍ଜ, ତହସିଲଦାର୍ ରୁଦ୍ରମୋହନ ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ବଲାଙ୍ଗୀର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବଲ୍ଲଭ ଧାରୁଆ, ପାର୍ଥିବ ମେହେଟ୍ଟ ।, ମ୍ୟାନେଜିଙ୍ଗ ଡାଇରେକ୍ଟର୍ ଡିଇସି ଧୀରଜ ଜେନା, ପୁଲିସ୍ ହାଉସିଂ ବୋର୍ଡ ଓ ଏନ୍‌ଏସିର ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର ମଞ୍ଚାସୀନ ଥିଲେ । ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ୍ ୧୮ ମାସ ମଧ୍ୟରେ ଶେଷ ହେବ ବୋଲି ମୁଖ୍ୟଅତିଥି କହିଥିଲେ । ଏହାସହ ଆଜିର ଯୁଗରେ ପେଟ୍ରୋଲ୍ ଓ ଡିଜେଲ୍ କମାଇବା ପାଇଁ ସରକାର ଇଭି ଗାଡ଼ିର ବ୍ୟବସ୍ଥା କରିଛନ୍ତି ତେଣୁ ପାଟଣାଗଡ଼କୁ ମଧ୍ୟ ଇଭି ବସ୍ ଆସିବ । ତେଣୁ ଏହି ବସ୍‌ଷ୍ଟାଣ୍ଡରେ ଇଭି ଚାର୍ଜ ପଏଣ୍ଟ ଲଗାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଓ ବିଜେପି କର୍ମୀଙ୍କ ସହ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଧନ୍ୟବାଦ ଦେଇଥିଲେ ।

## ଗୋରୁ ଚୋରାଚାଲାଣ, ୨ ଗିରଫ

**ମାଲକାନଗିରି,୨୭।୬/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲା ଓର୍କେଲ୍ ଥାନା ପୁଲିସ୍ ବେଆଇନ୍ ଗୋରୁ ଚୋରାଚାଲାଣ ସମୟରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କୋଣ୍ଡାଗୁଡ଼ା ଗ୍ରାମର ବିକାଶ ଖିଲ ଓ ଅର୍ଜୁନ ଖିଲ । ଶୁକ୍ରବାର ସନ୍ଧ୍ୟାରେ ସୁରୁଲୁକୋଣ୍ଡା ବ୍ୟାରେଜ୍ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ପୁଲିସ୍ ୧୪ଟି ଗୋରୁ ଉଦ୍ଧାର କରିଛି । ତନ୍ମଧ୍ୟରୁ ୯ଟି ଗାଈ, ୪ଟି ବଳଦ ଓ ଗୋଟିଏ ବାଛୁରୀ ରହିଛି । ଏନେଇ ଓର୍କେଲ୍ ଥାନା ଏଏସ୍ଆଇ ସୁରେଶ ଚନ୍ଦ୍ର ବିସିମାଝୀ ଏତଲା ଦେଇଛନ୍ତି । ଶ୍ରୀ ବିସିମାଝୀଙ୍କ ସହ ଏଚ୍‌ସି ଶଙ୍କର ଚନ୍ଦ୍ର ଦାସ, କନଷ୍ଟେବଲ ମମତା ମଜୁମଦାର ଓ ହୋମଗାର୍ଡ ସୁନାଧର ଖିଲ ପାଟ୍ରୋଲିଂରେ ସାମିଲ୍ ଥିଲେ । ସେହି ସମୟରେ ଗୋରୁଗୁଡ଼ିକୁ ଦୌଡ଼ିରେ ବାନ୍ଧି ନିଆଯାଉଥିବା ଦେଖି ସେମାନଙ୍କୁ ଅଟକାଇଥିଲେ । ପ୍ରାଥମିକ ଜେରା ବେଳେ ଅଜୟ ବାରିକ (ପାୱାର୍ ହାଉସ ଛକ, ବାଲିମେଳା) ଓ ଆନନ୍ଦ ଡାଙ୍ଗିରି (ମେଡିକାଲ ସାହି, ଓର୍କେଲ) ନିଜର ପରିଚୟ ଦେଇଥିଲେ । ସେମାନଙ୍କ ପାଖରେ ଗୋରୁ ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ନଥିଲା ।

## ଟ୍ରେଲର୍ ଦୁର୍ଘଟଣାଗ୍ରସ୍ତ, ୧୩ ଘଣ୍ଟା ଯାତାୟାତ ଠପ୍

**ରାୟଗଡ଼ା,୨୭।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଗୁମ୍ମା ଘାଟିରେ ଏକ ପାଇପ୍ ବୋଝେଇ ଟ୍ରେଲର୍ ଓଲଟି ପଡ଼ିବାରୁ ୩୨୬ ନମ୍ବର ଜାତୀୟ ରାଜପଥରେ ପ୍ରାୟ ୧୩ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଏହାର ପ୍ରଭାବରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ଅଟକି ରହିଥିବାବେଳେ ହଜାର ହଜାର ଯାତ୍ରୀ ରାତିସାରା ଘାଟି ରାସ୍ତା ଓ ଜଙ୍ଗଲ ମଧ୍ୟରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଥିଲେ । ସୂଚନାନୁସାରେ, ରାୟଗଡ଼ାରୁ କୋରାପୁଟ ଅଭିମୁଖେ ଯାଉଥିବା ଏକ ପାଇପ୍ ବୋଝେଇ ଟ୍ରଲର୍ ରାତି ପ୍ରାୟ ୧୨ଟା ୩୦ ମିନିଟ୍‌ରେ ଗୁମ୍ମା ଘାଟିର ପ୍ରଥମ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ରାୟଗଡ଼ା-କୋରାପୁଟ ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଏହି ଘଟଣା ଯୋଗୁ କୋରାପୁଟ, ନବରଙ୍ଗପୁର ଓ



ମାଲକାନଗିରି ଜିଲ୍ଲାକୁ ଯାଉଥିବା ଏବଂ ସେଠାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବହୁ ବସ୍ ରାସ୍ତାରେ ଅଟକି ରହିଥିଲା । ଦୀର୍ଘ ସମୟ ଧରି ଯାତ୍ରୀମାନେ ଘାଟି ରାସ୍ତାରେ ଫସି ରହିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିଛି ସମୟ ପର୍ଯ୍ୟନ୍ତ କେବଳ ଛୋଟ ଯାନ ଓ ବାଇକ୍‌କୁ ସୀମିତ ଭାବେ ଚଳାଚଳ କରିବାକୁ ଅନୁମତି ମିଳିଥିଲା । ଗୁମ୍ମା ଘାଟିର ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ବର୍ଷ ବର୍ଷ ଧରି ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସ୍ଥାନୀୟ ଲୋକ ଓ ଯାତ୍ରୀମାନେ ଅଭିଯୋଗ କରିଛନ୍ତି । ଖବରପାଇ କୁମ୍ଭିକୋଟା ଫାଣ୍ଡି ଓ ରାୟଗଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରଲର୍‌କୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିବାରେ ଲାଗି ପଡ଼ିଥିଲେ । ପ୍ରାୟ ୧୩ ଘଣ୍ଟା ପରେ ଜାତୀୟ ରାଜପଥରେ ଯାତାୟାତ ପୁଣି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି ।

## ରାସ୍ତାପାର୍ଶ୍ୱରେ ଦେଶୀ ମଦଭାଟି, ଲୋକେ ଅଣନିଃଶ୍ୱାସୀ

**ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ଦାବି**

**ରେଢ଼ାଖୋଲ,୨୭।୬/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ କର୍ଯ୍ୟାଳୟ ପାଖ ଏନ୍‌ଏଚ୍ ରାସ୍ତାକଡ଼ରେ ଦେଶୀ ମଦଭାଟି ରହିଛି । ଉକ୍ତ ଭାଟିରେ ମଦ ଗଳା ଯାଉଥିବାରୁ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି । ଏହି ନିକଟରେ ସ୍କୁଲ୍, କଲେଜ, ନାକଟିଦେଉଳ ବଜାର, ବ୍ଲକ୍ ଅଫିସ୍ ଓ ଥାନା ରହିଥିବାରୁ ଯା'ଆସ କଲାବେଳେ ଦୁର୍ଗନ୍ଧ ଯୋଗୁ ଲୋକେ ଅଣନିଶ୍ୱାସୀ ହୋଇଯାଉଛନ୍ତି । ରାସ୍ତାଟି ରେଢ଼ାଖୋଲରୁ ଦେବଗଡ଼ ଓ ଅନୁଗୋଳ ଜିଲ୍ଲାକୁ ସଂଯୋଗ କରୁଥିବାରୁ ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଗାଡ଼ିମୋଟର, ବସ୍ ଓ ଟ୍ରକ୍ ଯା'ଆସ କରୁଛି । ହେଲେ ପରିତାପର ବିଷୟ ଏନ୍‌ଏଚ୍ ରାସ୍ତାଠାରୁ ଦୂରରେ ଥିବା ମଦଭାଟିରେ ମଦ ଗଳା ନଯାଇ ରାସ୍ତାପାର୍ଶ୍ୱରେ ଥିବା ମଦଭାଟିରେ ଲିଜ୍‌ଧାରୀ ମଦ ଗାଳୁଛନ୍ତି । ଟେଣ୍ଡର୍ ମିଳିଥିବା ଲିଜ୍‌ଧାରୀ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ



ପୁଲିସ୍ କି ପ୍ରଶାସନ ଆଗରେ ଲୋକେ ମୁହଁ ଖୋଲୁନାହାନ୍ତି । ଉପରସ୍ତରରେ ଅଭିଯୋଗ କଲେ ଅଧିକାରୀ ଶୁଣୁନାହାନ୍ତି କି ମାନୁନାହାନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ତଦନ୍ତ କରି ଅନ୍ୟ ଦୂରସ୍ଥାନକୁ ଦେଶୀ ମଦଭାଟିକୁ ସ୍ଥାନାନ୍ତରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ବୃକ୍ଷରୋପଣ

**ନୟାହାଟ,୨୭।୬/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ବିଜେପି ପକ୍ଷରୁ ନୟାହାଟ କଲେଜରେ ଶହେରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ମୁଖ୍ୟ ଯୁବନେତା ବାସୁଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନାରୀନେତ୍ରୀ ରାଜଲକ୍ଷ୍ମୀ ଦାସ, ପୂର୍ବତନ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତି, ପବନା ପାତ୍ର, ଅନିଲ ସାହୁ, ମାନସ ପାତ୍ର, ପୂର୍ବତନ ସଭାପତି ମାନସ ସାହୁ, ମହେଶ୍ୱର ମିଶ୍ର, ଶିବ ପ୍ରଧାନ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଯୋଗ ଦେଇଥିଲେ।

# ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥାର ସମୀକ୍ଷା

**ପୁରୀ,୨୭।୬/ଏନ୍ଏନ୍ଏସ୍:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁଚାରୁ ଟ୍ରାଫିକ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ପୋଲିସ ମହାନିରୀକ୍ଷକ(ଆଇଜିପି), ସେଣ୍ଟ୍ରାଲ ରେଞ୍ଜ ଡଃ ସତ୍ୟଜିତ ନାୟକ, ପୁରୀ ଜିଲ୍ଲା ପୋଲିସ ଅଧୀକ୍ଷକ ପ୍ରତୀକ ସିଂହ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ପୁରୀ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ସହାୟତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ଷେତ୍ରସ୍ତରରେ ନିୟୋଜିତ ପୋଲିସ ବାହିନୀର ପ୍ରସ୍ତୁତିର ମଧ୍ୟ ସମୀକ୍ଷା କରାଯାଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସର୍ବୋଚ୍ଚ ସତର୍କତା ଏବଂ ତତ୍ପରତାର ସହିତ କାର୍ଯ୍ୟ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ୩ରୁ ୪ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ପୁରୀ ଆସି ଚତୁର୍ଦ୍ଧା ମୂର୍ତ୍ତିଙ୍କ ପବିତ୍ର ସ୍ନାନଯାତ୍ରା ଦର୍ଶନ କରିବେ



ବୋଲି ଆକଳନ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଦର୍ଶନ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ୨୮ ଜୁନ ରାତି ଠାରୁ ପୋଲିସ ପକ୍ଷରୁ ଚବିଶ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୪ ଜଣ କମାଣ୍ଡାଣ୍ଟ, ଏସ୍‌ପି ପାହ୍ୟାର ଅଧିକାରୀ, ୧୪ଜଣ ଅତିରିକ୍ତ ଏସ୍‌ପି, ଡେପୁଟି କମାଣ୍ଡାଣ୍ଟ, ୩୧ଜଣ ଡିଏସ୍‌ପି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮୩ଜଣ ଇନ୍ସପେକ୍ଟର ସବ୍-ଇନ୍ସପେକ୍ଟର, ୩୪୦ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୭୯ପ୍ଲାଟୁନ ପୋଲିସ ବାହିନୀ ସହ ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍ ନିୟୋଜିତ ହେବେ। ଏଥିସହ କ୍ୱିକ୍ ଆକ୍ସନ ଟିମ୍, ସ୍ନିଫର ଡଗ୍ ସ୍କ୍ୱାଡ୍, ରୁଫ୍ ଟପ୍ ନଜରଦାରି, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ମାଧ୍ୟମରେ ନିରୀକ୍ଷଣ, ଆଣ୍ଟି-ସାବୋଟାଜ୍ ଯାଞ୍ଚ ଏବଂ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସେହିପରି ହେଲ୍ପ ଡେସ୍କ, ପୋଲିସ କଣ୍ଟ୍ରୋଲ ରୁମ୍, ଚିକିତ୍ସା ସହାୟତା କେନ୍ଦ୍ର ଏବଂ ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ରହିବ।

## ବିଷ ପିଇଥିବା ଯୁବକଙ୍କ ଏମ୍ସରେ ମୃତ୍ୟୁ

### ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ଡାକ୍ତରଙ୍କୁ ଆକ୍ରମଣ

**ମୁଣ୍ଡମୁହାଣ,୨୭।୬/ଏନ୍ଏନ୍ଏସ୍:** ଗତ ୩ଦିନ ତଳେ ବିଷପିଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଇନ୍‌ଫୋଭ୍ୟାଲି ଥାନା ଓଗାଳପଡାର ଶିବପ୍ରସାଦ ବେହେରା(୩୬)। ଶିବଙ୍କ ମୃତ୍ୟୁକୁ ନେଇ ଏମ୍ସ ପରିସରରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସାରେ ଅବହେଳା ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟ ମାନେ ଏମ୍ସ ଡାକ୍ତରଙ୍କୁ ମାଡ଼ମାରି ଲହୁଲୁହାଣ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଶିବ ଗତ ୨୪ ତାରିଖ ଅପରାହ୍ନରେ ପାରିବାରିକ କଳହରୁ ଦାନାଦାର ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକ ଶିବଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆଜି ସକାଳେ ଶିବଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ ବିଗିଡ଼ି ଯାଇଥିଲା। ଏମ୍ସ ଡାକ୍ତର ଓ ନର୍ସିଂ କର୍ମଚାରୀ ଚେଷ୍ଟାକରି ବିଫଳ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୩ ଦିନ କାଳ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଆଜି ଡାକ୍ତରମାନେ ଶିବଙ୍କୁ ମୃତ ଘୋଷଣା କରିଥିଲେ। ଶିବ ହଠାତ୍ ମରିଯିବା ଘୋଷଣା ହେବା ପରେ ସମ୍ପର୍କୀୟ ମାନେ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ। ଚିକିତ୍ସା କରୁଥିବା ଡାକ୍ତରଙ୍କ ଅବହେଳା ଯୋଗୁ ଶିବର ମୃତ୍ୟୁ ହେଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଡାକ୍ତର ସେମାନଙ୍କୁ ବୁଝାସୁଝା କଲେ ମଧ୍ୟ ସେମାନେ ଶାନ୍ତ ପଡ଼ିନଥିଲେ। ଡାକ୍ତର ଜଣକ ପ୍ରତିବାଦ କରିବାରୁ ଉତ୍‌କ୍ଷିପ୍ତ ଯୁବକମାନେ ଡାକ୍ତରଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ଏମ୍ସ ଫାଣ୍ଡି ଓ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣ ଯୁବକଙ୍କୁ କାବୁକରି ଖଣ୍ଡଗିରି ଥାନାକୁ ଆଣିଥିଲେ। ଅପରାହ୍ନରେ ଶିବଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଟାଙ୍ଗୀ,୨୭।୬/ଏନ୍ଏନ୍ଏସ୍:** ୪ ଦିନ ଧରି ନିଖୋଜ ଥିବା ବ୍ୟକ୍ତିଙ୍କ ପଚାସଢ଼ା ଅବସ୍ଥାରେ ମୃତଦେହ ଉଦ୍ଧାର କରିଛି ଟାଙ୍ଗୀ ପୁଲିସ। ସୂଚନାରୁ ପ୍ରକାଶ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡା ପଞ୍ଚାୟତ ଡଗରାସାହିର ପ୍ରଦୀପ୍ତ କୁମାର ପଣ୍ଡାଙ୍କ ମୁଣ୍ଡଦୋଷ ଥିବାରୁ ଗତ ମଙ୍ଗଳବାର ରାତି ୩ଟାରୁ କେଉଁ ଆଡ଼େ ଚାଲିଯାଇଥିଲେ। ତେବେ ଏ ନେଇ ପ୍ରଦୀପ୍ତଙ୍କ ଶଳା ଦିପ୍ତିରଞ୍ଜନ ଶତପଥୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଡ୍ରିମ୍ସ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଗତକାଲି କିଛି ଚାଷୀ ବିଲ ଗହୀର ମେଣ୍ଢା ଖାଇ ନଦୀ କୂଳ କୁଣ୍ଢେଇଶୁଣି ନିକଟରେ ଦୁର୍ଗନ୍ଧ ହେବା ସହ ଜଣେ ବ୍ୟକ୍ତିଙ୍କ ପଚାଶଢା ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଜଣାଇଥିଲେ। ସେ ଟାଙ୍ଗୀ ଥାନାରେ ଜଣାଇବା ପରେ ଡ୍ରିମ୍ସ ଫାଣ୍ଡି ଅଧିକାରୀ ମନୋରଞ୍ଜନ ଷଡ଼ଙ୍ଗୀ ବିଲ ଗହୀରକୁ ଯାଇ ଶବଟିକୁ ଦେଖିବା ସହ ନିଖୋଜ ଅଭିଯୋଗ କରିଥିବା ଦିପ୍ତିରଞ୍ଜନଙ୍କୁ ଡକାଇ ଶବ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡ୍ରିମ୍ସ ଫାଣ୍ଡି ଅଧିକାରୀ ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି।

## ଆନ୍ତଃଜିଲ୍ଲା ବାଇକ୍ ଚୋର ଗିରଫ

**ସାକ୍ଷୀଗୋପାଳ,୨୭।୬/ଏନ୍ଏନ୍ଏସ୍:** ସତ୍ୟବାଦୀ ଥାନା ପୋଲିସ ଏକ ମୋଟରସାଇକେଲ୍ ଚୋରି ମାମଲାର ପର୍ଦ୍ଦାଫାଶ କରି ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଗିରଫ କରିବା ସହ ଚୋରି ହୋଇଥିବା ବାଇକ୍‌କୁ ଜବତ କରିବାରେ ସଫଳତା ହାସଲ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ନୀଳକଣ୍ଠ ଜେନା ଓରଫ ବାଟୁଆ ପିତା ଭଜମନ ଜେନା। ସେ ବର୍ତ୍ତମାନ ପୁରୀ ବାସେଳୀସାହି ଥାନା ଅନ୍ତର୍ଗତ ବ୍ରହ୍ମଗିରି ରୋଡ୍, ଗୋଲାସାହିଠାରେ ରହୁଥିଲେ। ସୂଚନା ଅନୁଯାୟୀ ଚଳିତ ମାସ ୨୧ ତାରିଖ ରାତି ପ୍ରାୟ ୧୦ଟା ସମୟରେ ସାକ୍ଷୀଗୋପାଳ ଷ୍ଟେସନ ରୋଡ୍ ବାସିନ୍ଦା ଦେବାଶିଷ ମହାପାତ୍ର ସାକ୍ଷୀଗୋପାଳ ରେଳୱେ ଗେଟ୍ ନିକଟସ୍ଥ ଏକ ହୋଟେଲକୁ ରାତ୍ରି ଭୋଜନ ପାଇଁ ଯାଇଥିଲେ। ସେ ନିଜର 'ଏଚ୍‌ଏଫ୍‌ଡିଲକ୍ସ' ମୋଟରସାଇକେଲ୍‌କୁ ହୋଟେଲ ସମ୍ମୁଖରେ ପାର୍କ କରିଥିଲେ। ମାତ୍ର ଖାଇସାରି ଫେରିବା ପରେ ଗାଡ଼ିଟି ସେଠାରେ ନଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ଗାଡ଼ି ନମିଳିବାରୁ ସେ ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଥାନା ଭାରପ୍ରାପ୍ତ ନିରୀକ୍ଷକ ସୌମ୍ୟରଞ୍ଜନ ମହାଲିକଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ କରାଯାଇ ଅଭିଯୁକ୍ତ ନୀଳକଣ୍ଠ ଜେନାକୁ ଗିରଫ କରାଯିବା ସହ ତା' ନିକଟରୁ ଚୋରି ହୋଇଥିବା ମୋଟରସାଇକେଲ୍ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ଏକ ପେସାଦାର ଅପରାଧୀ। ପୋଲିସର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ସଂଗୀନ ମାମଲା ରହିଛି। ଅଭିଯୁକ୍ତକୁ ଗୁରୁବାର ସକାଳେ ଗିରଫ ଚାଲାଣ କରାଯାଇଛି ଏବଂ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ



**ଓଡ଼ଗାଁ,୨୭।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ନୂଆସାହି ଠାରେ ବିରାଜିତ ଶ୍ରୀଶ୍ରୀ ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ ଶନିବାର ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରେ ନିକଟବର୍ତ୍ତୀ ରାଜବନ୍ଧ ପୋଖରୀରୁ ବୈଦିକ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ହୋମଯଜ୍ଞ କରିବା ପରେ ୨୧ଜଣ ସଧବା ନାରୀମାନେ ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରି ଆସି ମନ୍ଦିର ନିକଟରେ ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ପରେ ସୂର୍ଯ୍ୟପୂଜା, ଗୁରୁପୂଜନ, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ହବନ, ଆଳତି, ସପ୍ତଚଣ୍ଡି ଆହୁତି ଓ ଗୀତାପାଠ କରାଯାଇଥିଲା। ଶନିଶ୍ଚର ଦେବଙ୍କ ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ ଜ୍ୟେଷ୍ଠପୁତ୍ର ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁତ୍ର ପ୍ରଦୀପ, ଦିଲ୍ଲୀପ, କିଶୋର ଓ ପୁତ୍ରବଧୂମାନେ ମିଳିତଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ଦିରର ମୁଖ୍ୟପୂଜକ ଶଙ୍କର ଦାଶଙ୍କ ସମେତ ନୈଷ୍ଠିକ ବ୍ରାହ୍ମଣ ପଣ୍ଡିତ ଗୋଦାବରୀଶ ମିଶ୍ର, ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଲିପୁନ ଦାଶ ଓ ମନ୍ଦିର ପରିଚାଳନା କମିଟିର ସଭାପତି ଅଶୋକ ସାହୁ ଏବଂ ତାଙ୍କ ସହଧର୍ମିଣୀ ଶାନ୍ତିଲତା ସାହୁ ପ୍ରମୁଖ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

## ପାଲା ଗାୟିକାଙ୍କ ବିୟୋଗରେ ଶୋକ



**କୋଣାର୍କ,୨୭।୬/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରଖ୍ୟାତ ତଥା ସୁପରିଚିତ ପାଲା ଗାୟିକା ସ୍ୱର୍ଗତା ଜୟଶ୍ରୀ ବେହେରାଙ୍କ ଗତ ଶୁକ୍ରବାର ସନ୍ଧ୍ୟାରେ ପୁରୀ ଜିଲ୍ଲା କୁରୁଜଙ୍ଗ ପଞ୍ଚାୟତ କୁରୁମ ଗ୍ରାମରେ ନିଜସ୍ୱ ବାସଭବନରେ ପରଲୋକ ଘଟିଛି। ସେ ସ୍ୱର୍ଗତ ଅର୍ଜୁନ ବେହେରାଙ୍କ କନ୍ୟା ଥିଲେ। ଦୀର୍ଘ ବର୍ଷ ଧରି ସେ ସ୍ୱାସ୍ଥ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବିଭିନ୍ନ ସ୍ଥାନରେ ନିୟମିତ ଚିକିତ୍ସା ଚାଲିଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ସୁଧାର ଆସିନଥିଲା। ଶେଷରେ ଆଜି ସନ୍ଧ୍ୟାରେ ସେ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ୧୯୯୨ ମସିହାରୁ ପାଲା କଳାକୁ ନିଜ ଜୀବନର ସାଧନା ଭାବେ ଗ୍ରହଣ କରିଥିବା ଜୟଶ୍ରୀ ବେହେରା ନିଜର ସୁମଧୁର କଣ୍ଠସ୍ୱର, ଭକ୍ତିଭାବପୂର୍ଣ୍ଣ ପରିବେଷଣ ଓ ଉଚ୍ଚକୋଟୀର କଳାଦକ୍ଷତା ବଳରେ ଓଡ଼ିଶାର ପାଲା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଅବଦାନକୁ ସ୍ୱୀକୃତି ଦେଇ ତାଙ୍କୁ 'ଗାୟକ ଶିରୋମଣି' ଉପାଧିରେ ସମ୍ମାନିତ କରାଯାଇଥିଲା। ସେ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାରେ ପାଲା ପରିବେଷଣ କରି ଦର୍ଶକଙ୍କ ଅପାର ଭଲପାଇବା ହାସଲ କରିଥିଲେ। କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ସେ ପାଲା ପରିବେଷଣ କରି ଓଡ଼ିଆ ଲୋକକଳାର ସୁନାମ ବଢ଼ାଇଥିଲେ। ତାଙ୍କ ବିୟୋଗରେ ପାଲା କଳାଜଗତ ଜଣେ ଦକ୍ଷ, ପ୍ରତିଭାବାନ ଓ ନିବେଦିତ କଳାକାରଙ୍କୁ ହରାଇଛି ବୋଲି ମତପ୍ରକାଶ ପାଇଛି।

## ସଚେତନ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମୋତ୍ସବ

**ଚୌଦ୍ୱାର,୨୭।୬/ଏନ୍ଏନ୍ଏସ୍:** ଚୌଦ୍ୱାର ସ୍ଥିତ ହିନ୍ଦ୍ ସେବକ ସଂଘ ପରିସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମୋତ୍ସବ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ମୁଖ୍ୟଅତିଥି, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ, ସାଇପର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ ଭୋଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଛୁଆ ବର୍ଗର ଲୋକମାନେ ଓଡ଼ିଶାରେ କିଭଳି ସାମ୍ବିଧାନିକ ଅଧିକାର ପାଇପାରିବେ ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସଂଗ୍ରାମର ମାନ୍ୟତା ଦେବା ଓ ନୂତନ ଶିକ୍ଷା ନୀତିକୁ ପ୍ରଣୟନ କରିବା ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ଦାସ, ପ୍ରଶାନ୍ତ କୁମାର ହେତା, ପାରିଷଦ ସୁବ୍ରତ ସାମଲ, ଦିବ୍ୟଜ୍ୟୋତି ପାଣି, ବିମଳ ବେଉରା, ଦୀପକ ମଙ୍ଗରାଜ, ପ୍ରକାଶ ବଡ଼ଜେନା, ସଂଜିତ ମହାନ୍ତି, ସଞ୍ଜୟ ମହାରଣା, ଅଜୟ ଦାଶମହାପାତ୍ର, ପ୍ରଭାକର ନାୟକ, ତନ୍ମୟ ସାହୁ, ରାଜକିଶୋର ସାମନ୍ତରାୟ, ଫକନ ପରିଜା, ବୁଲୁ ଦାସ, ଜୟନ୍ତୀ ମିଶ୍ର ଓ ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିର ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ



**ସାଲେପୁର,୨୭।୬/ଏନ୍ଏନ୍ଏସ୍:** ସାଲେପୁର କଂଗ୍ରେସ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ଥରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବ୍ଲକ ଏବଂ ଟାଙ୍ଗୀ ବ୍ଲକର ୪୮ଟି ପଞ୍ଚାୟତ ରୁ ଶତାଧିକ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ସାଲେପୁର ବ୍ଲକ ନାଦୋଳ ପଞ୍ଚାୟତ ଭାତପଡା କଲ୍ୟାଣ ମଣ୍ଡପ ପରିସରରେ କଟକ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବିଜ୍ଞାନ ଭୂୟାଁ ଙ୍କ ସଂଯୋଜନା ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସାଲେପୁର ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଯୋଗଦେଇ ବିଗତ ସରକାର ସହ ୨୪ ବର୍ଷ ଏବଂ ବର୍ତ୍ତମାନର ସରକାର ସହିତ ଲଢ଼େଇ ଜାରି ରଖିଥିବା ବେଳେ ବିଜେଡି ମାତ୍ର ୨ବର୍ଷ ବିରୋଧୀ ଦଳରେ ରହି ନିଶ୍ଚିହ୍ନ ହେବାକୁ ବସିଲାଣି। ବିଜେପି ସରକାର ସମୟରେ ଅରାଜକତା, ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନିୟନ୍ତ୍ରଣର ଅଭାବ ଭଳି ବହୁ ସମସ୍ୟା ଦେଖାଦେଇଛି। ସବୁଠାରୁ ଲଜ୍ଜାକର କଥା ପିଲାମାନଙ୍କୁ ଦିଆଯାଉଥିବା ବହିରେ ଅନେକ ତ୍ରୁଟି ଏହି ସରକାରର ପାରିବା ପଣିଆ ଜଳ ଜଳ ହୋଇ ଦେଖାଯାଉଛି। ତେଣୁ ଆସନ୍ତୁ ଏକାଠି ହୋଇ ଲଢ଼େଇ ଜାରି ରଖିବା ଏବଂ ଆଗାମୀ ଦିନରେ ଆମ୍ଭେ ସରକାର ଗଠନ କରିବା ବୋଲି ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। କଟକ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁରେନ୍ଦ୍ର ମହାରଣା, ସୁଦାମ ବାରିକ, ମହାଜନପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜଗବନ୍ଧୁ ଗୋଛାୟତ, ସଙ୍ଗଠକ ମନୋଜ ଖିଲାର, ଜରିପଡାର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ସ୍ୱାଇଁ, ମାଗୁରାର ପୂର୍ବତନ ସରପଞ୍ଚ ଜିତୁ କାନୁନଗୋ, ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ବୈକୁଣ୍ଠ ନାଥ ସ୍ୱାଇଁ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ଶତାଧିକ କର୍ମୀ ଯୋଗଦେଇ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର ଜେନା, ଜ୍ୟୋତି କର, ଦୀପକ ଜେନା, ସିତୁ କର ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା ବୈଠକ

**ତିଗିରିଆ,୨୭।୬/ଏନ୍ଏନ୍ଏସ୍:** ଆଠଗଡ-ତିଗିରିଆ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିଗିରିଆ ବ୍ଲକରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା ବୈଠକ ସମସ୍ତ ୭୨ ଗୋଟି ବୁଥରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ-ତିଗିରିଆ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲାଦ ନାରାୟଣ ଶର୍ମା ପ୍ରତ୍ୟେକ୍ଷ ତତ୍ୱବଧାନରେ ଚାଲିଥିବା ଏହି ସଂଶୋଧନ କାର୍ଯ୍ୟର ସମୀକ୍ଷା ବୈଠକ ମାନ ସହ ପଞ୍ଜିକରଣ ଅଧିକାରୀ ତଥା ତହସିଲଦାର ଧର୍ମରଂଜନ ପଣ୍ଡା ଓ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ଅଧକ୍ଷତା ଏବଂ ବୁଥ ଅଧିକାରୀମାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜନୈତିକ ଦଳମାନଙ୍କ ପକ୍ଷରୁ ନିଯୁକ୍ତ ହୋଇଥିବା ବୁଥ୍ ଲେବୁଲ ଏଜେଣ୍ଟ ଏବଂ ବୁଥ୍‌ମାନଙ୍କରେ ଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ଯୋଗଦେଇଥିଲେ। ମୁଖ୍ୟତଃ ଏହି ସଂଶୋଧନ କାର୍ଯ୍ୟର ଏକ ସମ୍ପୂର୍ଣ୍ଣ ବିବରଣୀ ରଖାଯିବା ସହିତ କିଭଳି ସମସ୍ତ ଯୋଗ୍ୟ ଭୋଟରମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇ ରହିବେ ତା' ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକୁ ବୁଥ ସୁପରଭାଜର ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ କୁମାର ଗୋଛୀ, ବିଶ୍ୱରଂଜନ ଜେନା, ପ୍ରଭାତ ପଣ୍ଡା, ମହେଶ୍ୱର ସେଠି, ଶଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ ପ୍ରମୁଖ ତଦାରଖ କରିଥିଲେ। ସମସ୍ତ କାର୍ଯ୍ୟକୁ ନିର୍ବାଚନ ଅଧିକାରୀଙ୍କ ଧାର୍ଯ୍ୟ ସମୟ ପୂର୍ବରୁ ପୁରା କରାଯାଉଥିବାରୁ ତହସିଲଦାର ଏବଂ ବିଡିଓ ଏଥିରେ ନିଯୁକ୍ତ ହୋଇଥିବା ସମସ୍ତ ୮୬ଜଣ ବୁଥ ଅଧିକାରୀ ଗ୍ରାମ ପଞ୍ଚାୟତ ଅଧିକାରୀ ବନ୍ଦନା ମଲିକଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହିତ ଏସ୍‌ଆଇଆର୍ ସମାପ୍ତ ହେବା ପର୍ଯ୍ୟନ୍ତ ଏଭଳି ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ରଖିଥିଲେ। ସୂଚନାରୁ ଜଣାଯାଏ ଯେ ଏହି ବ୍ଲକ୍‌ରେ ମୋଟ ୬୦ହଜାର ୪୬୪ଜଣ ଭୋଟର ପୂର୍ବରୁ ରହିଥିଲେ ଏବଂ ସଂଶୋଧନ କାର୍ଯ୍ୟରେ ସମସ୍ତଙ୍କୁ ଡିଜିଟାଇଜେସନ କରାଯାଇଥିଲା। ସେଥିମଧ୍ୟରୁ ୨୯୬୫ଜଣ ବାଦ୍ ପଡ଼ିଥିବାର ଜଣାଯାଏ। ତେବେ ବାଦ୍ ପଡ଼ିଥିବା ଭୋଟରମାନଙ୍କ ମଧ୍ୟରେ ୧୩୧୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୯୨ ଜଣ ସ୍ଥାନାନ୍ତରଣ ହୋଇଥିବା ଜଣାପଡ଼ିଛି।

### ଠିକାଦାରଙ୍କ ସହଯୋଗୀଙ୍କ ଦାଦାଗିରି ଅଭିଯୋଗ

## ସ୍କୁଲ୍ ପ୍ରଧାନଆଚାର୍ଯ୍ୟଙ୍କ ପକ୍ଷରୁ ଥାନାରେ ଲିଖିତ ଫେରାଦ

**ଖୋର୍ଦ୍ଧା,୨୭।୬/ଏନ୍ଏନ୍ଏସ୍:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଠିକାଦାରଙ୍କ ସହଯୋଗୀଙ୍କ ଦାଦାଗିରି, ଅସଭ୍ୟ ବ୍ୟବହାର, ଗାଳିଗୁଲଜ ଓ ଜୀବନ ପ୍ରତି ଧମକ ଦେବା ଅଭିଯୋଗକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ଘଟଣାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧାର ପ୍ରଧାନ ଆଚାର୍ଯ୍ୟ ଗିରିଜା କୁମାର ମହାପାତ୍ର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସୁରକ୍ଷା ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ବି.ଏସ.ଏନ.ଏଲ କାର୍ଯ୍ୟାଳୟ ନିକଟରେ ବିଦ୍ୟାଳୟର ଏକ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡ ରହିଛି। ବହୁଦିନ ଧରି ସେଠାରେ ଅନାବନା ଗଛଲତା ଓ ମାଟି ଜମି ରହିଥିବାରୁ ସ୍ୱଚ୍ଛତା ଦୃଷ୍ଟିରୁ ସେଗୁଡ଼ିକୁ ସଫା କରି ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଭାବେ ରଖାଯାଇଥିଲା।

ସେହି ସମୟରେ ବି.ଏସ.ଏନ.ଏଲ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରେନ ନିର୍ମାଣ କାମ ଚାଲିଥିଲା। ପ୍ରଧାନ ଆଚାର୍ଯ୍ୟଙ୍କ ଅଭିଯୋଗ ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଠିକାଦାରଙ୍କ ସହଯୋଗୀ ଭାବେ ପରିଚିତ ଜଣେ ବ୍ୟକ୍ତି ସେଠାକୁ ଆସି ସାଇକେଲ ଷ୍ଟାଣ୍ଡ ଓ ମାଟି ଗଦାକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ସେ ଧକ୍କା ମାରିବା ସହ ଚିହ୍ନବର୍ତ୍ତି ମିଶାଇଦେବୁ ବୋଲି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଘଟଣା ପରେ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟକୁ ଫେରିଆସିଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ପୁଣି ସ୍କୁଟିରେ ଆସି ବିଦ୍ୟାଳୟ ସମ୍ମୁଖରେ ଗାଳିଗୁଲଜ କରିବା ସହ ପୋଲିସ୍‌କୁ କହିଲେ ମଧ୍ୟ ମୋର କିଛି ହେବନି ବୋଲି ଖୋଲାଖୋଲି ଧମକ ଦେଇଥିବା ଅଭିଯୋଗ କରାଯାଇଛି। ଏହାପରେ ଜେସିବି ମେସିନ୍‌ରେ ମାଟି ଆଣି ସ୍କୁଲ ଫାଟକ ସମ୍ମୁଖରେ ଗଦା କରାଯାଇଥିଲା। ଯାହାଫଳରେ ବିଦ୍ୟାଳୟର ସ୍ୱାଭାବିକ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଥାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ପରେ ଆଦର୍ଶ ଥାନାର ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରି ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଏକ ଜେସିବି ମାଧ୍ୟମରେ ମାଟି ଉଠାଯାଇଥିବା ଜଣାପଡ଼ିଛି। ପ୍ରାୟ ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଏହି ବିଦ୍ୟାଳୟରେ ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡ ବ୍ୟବହାର କରୁଥିବାରୁ ସେମାନଙ୍କ ସୁରକ୍ଷାକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ କରାଯାଇଛି। ଏହି ପରିସ୍ଥିତିରେ ପ୍ରଧାନ ଆଚାର୍ଯ୍ୟ ଆଦର୍ଶ ଥାନା ପୋଲିସ ଅଧିକାରୀଙ୍କୁ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଦ୍ୟାଳୟ, ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଦାବି କରିଛନ୍ତି।

## ଗହୀର ବିଲରୁ ଅସହାୟା ନାବାଳିକା ଉଦ୍ଧାର

**ଡେଲାଙ୍ଗ,୨୭।୬/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନା ଅନ୍ତର୍ଗତ ପିଢ଼ପାଟଣା ଗ୍ରାମ ନିକଟସ୍ଥ ଗହୀର ବିଲରେ ଶୁକ୍ରବାର ସନ୍ଧ୍ୟାରେ ଅସହାୟ ଅବସ୍ଥାରେ ଏଣେ ତେଣେ ବୁଲୁଥିବା ଜନୈକା ୧୩ ବର୍ଷର ନାବାଳିକାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ପିଢ଼ପାଟଣା ଗ୍ରାମର ଗହୀର ବିଲରେ ସଂପୃକ୍ତ ନାବାଳିକାଟି ଅସହାୟ ଅବସ୍ଥାରେ ଏଣେ ତେଣେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ତେବେ କୌଣସି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ନାବାଳିକା ଜଣକ ଅନ୍ତେବାସୀ ଭାବେ ରହିଥିବା ବେଳେ ସେହି ଅନୁଷ୍ଠାନର ଜନୈକ ରିଙ୍କୁ ସାର୍ ତାକୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିବା ନେଇ ନାବାଳିକାଟି ଚାଞ୍ଚଲ୍ୟକର ବୟାନ ଦେଇଥିବା ଭିଡିଓଟି ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏପରିକି ତାର ଶରୀରର ବିଭିନ୍ନ ସ୍ଥାନରେ ମାଡ ତଥା ଆଘାତ ଲାଗିଥିବା ନେଇ ସେ ଉପସ୍ଥିତ ଲୋକଙ୍କୁ ଦେଖାଇବା ସହ ରିଙ୍କୁ ସାର୍ ତାକୁ ମାଡ଼ ମାରି ନିର୍ଯାତନା ଦେଇଛନ୍ତି ବୋଲି ଆରୋପ କରିଛି। ଖବର ପାଇ ଡେଲାଙ୍ଗ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବା ପରେ ପୁରୀ ସିଡବ୍ଲୁସିକୁ ହସ୍ତାନ୍ତର କରିଥିବା ନେଇ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଘଟ ହେବା ପରେ ଡେଲାଙ୍ଗ ବ୍ଲକ୍ ବିଜେଡି ସଭାପତି ବିପନ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବୈରାଗୀ ଜେନା ଏବଂ ଯୁବନେତା ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଡେଲାଙ୍ଗ ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ଥାନାଧିକାରୀ ଶ୍ରୀ ସେଠୀଙ୍କ ସହ ଆଲୋଚନା କରିବା ପରେ ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ପ୍ରତି କଠୋର ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି। ସେହିପରି ପୂର୍ବରୁ ଉକ୍ତ ନାବାଳିକା ଜଣକ ଦୁଷ୍କର୍ମର ଶିକାର ହୋଇଥିବା ବେଳେ ୨୦୨୫ ସେପ୍ଟେମ୍ବର ୮ ତାରିଖରେ ଡେଲାଙ୍ଗ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। କୋର୍ଟରେ ମାମଲା ବିଚାରାଧୀନ ରହିଛି। ତେବେ ସେ ସମୟରେ ନାବାଳିକାକୁ ଶିଶୁକଲ୍ୟାଣ କମିଟିକୁ ହସ୍ତାନ୍ତର କରାଯାଇଥିଲା। ତେବେ ନାବାଳିକାଟି କିପରି ଡେଲାଙ୍ଗକୁ ଆସିଲା ତାହା ସ୍ଥାନୀୟ ଅଞ୍ଚଳରେ ବିସ୍ମୟ ସୃଷ୍ଟି କରିଛି। ତେବେ ନାବାଳିକା ଜଣକ ଗତ ହୋଲି ପର୍ବ ଠାରୁ ରହୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ତାଙ୍କ ବାପା ଘରକୁ ଆଣିଥିଲେ। ହେଲେ ସେବେଠାରୁ ସେ ଘରେ ଥିଲା। ପରିବାର ଲୋକେ କୌଣସି କାରଣକୁ ନେଇ ରାଗିବା ପରେ ପିଲାଟି ଘରୁ ରାଗି ଚାଲି ଆସିଥିବା ନେଇ ତାଙ୍କ ବାପା ଥାନାରେ ସଫେଇ ଦେଇଥିଲେ। ହେଲେ ଭାଇରାଲ ଭିଡିଓରେ ନିର୍ଦ୍ଦିଷ୍ଟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସେଠାରେ କାର୍ଯ୍ୟରତ ଥିବା ରିଙ୍କୁ ସାର୍ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗକୁ ପୋଲିସ ଗୁରୁତର ଭାବେ ଗ୍ରହଣ କରିବା ସହିତ ପରିବାର ସଦସ୍ୟ ଓ କିଏ ସେ ଏହି ରିଙ୍କୁ ସାର ତାଙ୍କୁ ଖୋଜି ତଦନ୍ତ ପରିସର ଭୁକ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବିଜେଡି ନେତାଙ୍କ ସହିତ ସମାଜସେବୀ ନିରୁପମା ପାତ୍ର ଦାବି କରିଛନ୍ତି।

## ପ୍ରେମସିଦ୍ଧ ବାବା ମଧୁସୂଦନଙ୍କ ଆବିର୍ଭାବ ଦିବସ



**ନୟାହାଟ,୨୭।୬/ଏନ୍ଏନ୍ଏସ୍:** ସର୍ବଧର୍ମ ସମନ୍ୱୀୟ ପୀଠ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ପରିସରରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ୧୦୭ତମ ଜନ୍ମ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ପବିତ୍ର ଚମ୍ପକଦ୍ୱାଦଶୀ ତିଥିରେ ପାଳିତ ହୋଇଯାଇଛି। ମଙ୍ଗଳ ଆଳତି ପରେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଦର୍ଶନ ଲାଗି ବହୁ ଭକ୍ତ, ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପରେ ପୁଷ୍ପରେ ନିର୍ମିତ ଝୁଲଣ ମଣ୍ଡପକୁ ଶ୍ରୀ ଗୁରୁଦେବଙ୍କ ପାଦୁକା ଓ ଶ୍ରୀ ବିଗ୍ରହ ହରି ବୋଲ, ହୁଳହୁଳି, ଶଙ୍ଖ ଧ୍ୱନି, ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମ କୀର୍ତ୍ତନରେ ଶହ ଶହ ଭକ୍ତମାନଙ୍କ ଗ୍ରହଣରେ ସେଠାକୁ ନିଆଯାଇ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ପୂଜ୍ୟ ବାବା ବଳିଆ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ଗୁରୁ ଦେବଙ୍କ ଜନ୍ମ ଉତ୍ସବର ପାଞ୍ଚ ଦିନରେ ପଞ୍ଚୁଘାଟି ପୂଜା, ଷଷ୍ଠି ପୂଜା ଓ ଏକୋଇଶ ଦିନରେ ନାମକରଣ ଉତ୍ସବ ପରମ୍ପରା ରୀତିନୀତି ଅନୁଯାୟୀ ପ୍ରତ୍ୟେକ ବର୍ଷ ପରି ପାଳନ କରାଯିବ ବୋଲି ପ୍ରଚାର ପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ମହେଶ ସାହୁ, ନୀଳମଣି ସାହୁ, ପ୍ରୀତି ରଞ୍ଜନ ଦାସ, ସୁରେନ୍ଦ୍ର ପାତ୍ର, ରମେଶ ବିଟି, କୃଷ୍ଣ ଚନ୍ଦ୍ର ଓଝା, ଗୁରୁଦତ୍ତ ମହାପାତ୍ର, ରତିକାନ୍ତ ଲେଙ୍କା, ଲିଙ୍ଗରାଜ ଦଳେଇ, ଶ୍ରୀଚରଣ ସ୍ୱାଇଁ, ପ୍ୟାରୀମୋହନ ସାହୁ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ଶଶିକାନ୍ତ ଖୁଣ୍ଟିଆ ଓ ରମୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଖଣି ବିଭାଗ ପକ୍ଷରୁ ବାଲି ଜବତ

**କଣ୍ଟିଲୋ,୨୭।୬/ଏନ୍ଏନ୍ଏସ୍:** ବିନା କାଗଜପତ୍ରରେ ବେଆଇନ ଭାବେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମହାନଦୀରୁ ଚୋରାରେ ବାଲି ଚାଲାଣ ହେଉଥିବା ବିଷୟ ବହୁବାର ଖବର ପ୍ରସାରିତକୁ ଗୁରୁତ୍ୱ ଦେଇ ନୟାଗଡ଼ ଖଣି ବିଭାଗ ଅଧିକାରୀ, କଣ୍ଟିଲୋ ପୋଲିସ ଓ ରାଜସ୍ୱ ନିରୀକ୍ଷକ ବେଆଇନ ଭାବେ ମହଜୁଦ ରଖିଥିବା ବାଲି ଜବତ କରିଥିବା ଖବର ହସ୍ତଗତ ହୋଇଛି। ସୂଚନାରୁ ପ୍ରକାଶ ଯେ, ସିଧାମୂଳା ଓ ବଳରାମ ପ୍ରସାଦ ମୌଜାଠାରେ ଥିବା ବାଲିଘାଟରୁ ବେଆଇନ ଭାବେ ମହଜୁଦ କରି ରଖିଥିବା ମହାନଦୀ ବାଲିକୁ ଗତ ୨୪ ତାରିଖ ବୁଧବାର ମଧ୍ୟାହ୍ନରେ ଖଣି ବିଭାଗ ଅଧିକାରୀ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଓ କଣ୍ଟିଲୋ ରେଭିନ୍ୟୁ ଇନ୍ସପେକ୍ଟର ପ୍ରଦୀପ ପାତାଲ ସିଂ ମିଳିତ ଭାବରେ ଚଢ଼ାଉକରି ଜବତ କରିଥିଲେ। କିନ୍ତୁ ସଙ୍ଗେ ସଙ୍ଗେ ବେଆଇନ ଭାବେ ମହଜୁଦ ରଖିଥିବା ବ୍ୟକ୍ତିମାନଙ୍କ ସମ୍ପର୍କୀୟଙ୍କୁ ବାବୁ ଜାଣିକି ଶାଗ ମାଛ ଦରରେ ନିଲାମ ଦେଇଥିବା ଜଣାପଡ଼ିଛି। ଲୋକ ଦେଖାଣିଆ ଭାବେ ସର୍ବସାଧାରଣଙ୍କ ଅବଗତି ପାଇଁ ଖଣି ବିଭାଗ ଅଧିକାରୀମାନେ ବାଲିଘାଟରୁ ବାଲି ଉତ୍ତୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ବିଷୟ କହୁଛନ୍ତି। ହେଲେ ସବୁ ଜାଣିକି ହେଉଥିବା ବିଷୟ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିଲେ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବେ ନୀରଜ




**ନୂଆଦିଲ୍ଲୀ, ୨୭।୬/ଏଜେନ୍ସି:** ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋଅର୍ ନୀରଜ ଚୋପ୍ରା ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଜାପାନର ଆଇଚି-ନାଗୋୟାରେ ହେବାକୁ ଥିବା ଏସିଆନ୍ ଗେମ୍ସ (ଏସୀୟ କ୍ରୀଡ଼ା)ରେ ଅଂଶଗ୍ରହଣ କରିବେ। ସେ ନିଜର ଟାଇଟଲ୍ ବଞ୍ଚାଇବା ପାଇଁ ପଡ଼ିଆକୁ ଓହ୍ଲାଇବେ। ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍ଆଇ)ର ଚୟନ କମିଟି ଅଧ୍ୟକ୍ଷ ଆଦିଲ୍ ସୁମାରିୱାଲା ଶନିବାର ଏହା ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ରବିବାର ଦିନ ଭାରତୀୟ ଆଥଲେଟିକ୍ସ ଦଳ ଘୋଷଣା କରାଯିବ। ପ୍ରକାଶ, ୨୮ ବର୍ଷୀୟ ନୀରଜ ଚୋପ୍ରା ପିଠିର ଆଘାତ ସମସ୍ୟାରୁ ସୁସ୍ଥ ହୋଇଛନ୍ତି। ସେ ଦୋହା ଡାଇମଣ୍ଡ ଲିଗ୍‌ରେ ୮୫.୬୯ ମିଟର ଜାଭେଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନ ହାସଲ କରିଥିଲେ। ସୁମାରିୱାଲା କହିଛନ୍ତି, 'ନୀରଜ କମନୱେଲଥ୍ ଗେମ୍ସ ଏବଂ ଏସିଆନ୍ ଗେମ୍ସ ଉଭୟରେ ଭାଗ ନେବେ। ସେ କ୍ୱାଲିଫାଏ କରିସାରିଛନ୍ତି ଏବଂ ବହୁତ ଶୀଘ୍ର ସୁସ୍ଥ ହେଉଛନ୍ତି। ସିଜନ୍‌ର ପ୍ରଥମ ମୁକାବିଲାରେ ହିଁ ୮୫.୬୯ ମିଟର ଫିଙ୍ଗିବା ଏକ ଚମତ୍କାର ପ୍ରଦର୍ଶନ ଅଟେ।'

**ମହିଳା ଟି-୨୦ ବିଶ୍ୱକପ୍**

# ନେଦରଲାଣ୍ଡ୍‌ସକୁ ୩୭ ରନ୍‌ରେ ହରାଇଲା ପାକିସ୍ତାନ

**ଓଲ୍ଡ ଟ୍ରାଫୋର୍ଡ, ୨୭।୬/ଏଜେନ୍ସି:** ପାକିସ୍ତାନ ମହିଳା ଦଳ ଏକ ନିରାଶାଜନକ ଟି-୨୦ ବିଶ୍ୱକପ୍ ଅଭିଯାନକୁ ଏକ ଶାନଦାର ବିଜୟ ସହ ଶେଷ କରିଛି। ଦଳ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଗୋଟିଏ ବି ମ୍ୟାଚ୍ ଜିତି ନଥିବା ନେଦରଲାଣ୍ଡ୍‌କୁ ୩୭ ରନ୍‌ରେ ପରାସ୍ତ କରିଛି। ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ ଓଭର ସୁଦ୍ଧା ୧୨୬ ରନ୍ କରିଥିଲା। ତେବେ ୧୨୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନେଦରଲାଣ୍ଡସ୍ ଦଳ ପ୍ରାରମ୍ଭରେ ଭଲ ସ୍ଥିତିରେ ଥିବା ପରି ମନେହେଉଥିଲେ ମଧ୍ୟ ଶେଷ ଆଡ଼କୁ ମାତ୍ର ୧୩ ରନ୍ ଭିତରେ ନିଜର ଶେଷ ୭ଟି ୱିକେଟ୍ ହରାଇଥିଲା। ଡଚ୍ ଦଳ ଗୋଟିଏ ସମୟରେ ୩ ୱିକେଟ୍ ହରାଇ ୭୬ ରନ୍ କରିଥିବା ବେଳେ ମାତ୍ର ୪ ଓଭର ମଧ୍ୟରେ ୮୯ ରନ୍‌ରେ ଅଲ୍-ଆଉଟ୍ ହୋଇଯାଇଥିଲା। ପାକିସ୍ତାନର ଓପନର୍ ଗୁଲ୍ ଫେରୋଜା ୫୨ଟି ବଲ୍‌ରେ ୬୩ ରନ୍‌ର ଏକ ଆକର୍ଷଣୀୟ ଓ ଅପରାଜିତ ପାଳି ଖେଳିଥିଲେ, ଯେଉଁଥିରେ ୭ଟି ଚୌକା ସାମିଲ ଥିଲା। ଏହି ଚମତ୍କାର ବ୍ୟାଟିଂ ପାଇଁ ତାଙ୍କୁ 'ପ୍ଲେୟାର୍ ଅଫ୍ ଦି ମ୍ୟାଚ୍'ଘୋଷଣା କରାଯାଇଛି। ପାକିସ୍ତାନର ଅଧିନାୟିକା ଫାତିମା ସନା ମାତ୍ର ୨.୫ ଓଭର ବୋଲିଂ କରି ୧୨ ରନ୍ ଦେଇ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରିଥିଲେ। ଫାତିମା ସନା କ୍ରମାଗତ ଦୁଇଟି ବଲ୍‌ରେ ଡେ ଲିଡେ ଏବଂ ସିଲଭର ସିଗର୍ସଙ୍କୁ ଆଉଟ୍ କରି ପାକିସ୍ତାନର ବିଜୟ ପ୍ରାୟ ସୁନିଶ୍ଚିତ କରିଦେଇଥିଲେ। କ୍ୟାରୋଲିନ ଡେ ଲାଞ୍ଜେ ହାଟ୍ରିକ୍ ବଲ୍‌ରୁ ବଞ୍ଚିଯାଇଥିଲେ ମଧ୍ୟ ତାର ଦୁଇଟି ବଲ୍ ପରେ ବୋଲ୍ଡ ହୋଇଯାଇଥିଲେ।

**ଫିଫା ବିଶ୍ୱକପ୍ ୨୦୨୬**

# ଉରୁଗୁଏକୁ ହରାଇ ନକ୍‌ଆଉଟ୍‌ରେ ସ୍ପେନ୍




**ମେକ୍ସିକୋ, ୨୭।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍ ପର୍ଯ୍ୟାୟର ଅନ୍ୟତମ ହାଇଭୋଲ୍‌ଟେଜ୍ ମ୍ୟାଚ୍ ଶନିବାର ଖେଳାଯାଇଛି। ଏହି ମ୍ୟାଚ୍‌ରେ ୨ ଥରର ବିଶ୍ୱ ଚାମ୍ପିଅନ୍ ରହିସାରିଥିବା ଉରୁଗୁଏକୁ ୟୁରୋପିଆନ୍ ଚାମ୍ପିଅନ୍ ସ୍ପେନ୍ ୧-୦ରେ ପରାସ୍ତ କରିଛି। ଫଳରେ ଉରୁଗୁଏ ଭଳି ଶକ୍ତିଶାଳୀ ଦଳ ଚଳିତ ସିଜନ୍‌ର ଫୁଟବଲ୍ ବିଶ୍ୱକପ୍‌ର ଲିଗ୍ ଷ୍ଟେଜ୍‌ରୁ ବାଦ୍ ପଡ଼ିଛି। ଉରୁଗୁଏର ପ୍ରଦର୍ଶନ ଚଳିତ ସିଜନ୍‌ରେ ଆଦୌ ପ୍ରଶଂସନୀୟ ହୋଇନାହିଁ। ଟିମ୍ ଏହି ସିଜନ୍‌ରେ ଗୋଟିଏ ହେଲେ ବି ମ୍ୟାଚ୍ ଜିତିପାରି ନାହିଁ। ଅନ୍ୟପକ୍ଷେ ଶନିବାରର ମ୍ୟାଚ୍‌ରେ ସ୍ପେନ୍ ଏହାକୁ ପରାସ୍ତ କରିବା ସହ ଗ୍ରୁପ୍-ଏର ଶୀର୍ଷରେ ରହି ନକଆଉଟ୍ ରାଉଣ୍ଡରେ ପ୍ରବେଶ କରିଛି। ଏବେ ରାଉଣ୍ଡ ଅଫ୍-୩୨ରେ ସ୍ପେନ୍‌ର ମୁକାବିଲା ଗ୍ରୁପ୍-ଜେ'ର ରନର୍ସଅପ୍ (ଉପବିଜେତା) ଟିମ୍ ଅଷ୍ଟ୍ରିଆ କିମ୍ବା ଆଲଜେରିଆ ସହ ହେବ।

ସ୍ପେନ୍ ପାଇଁ ମ୍ୟାଚ୍‌ର ଏକମାତ୍ର ଗୋଲ୍ ଆଲେକ୍ସ ବାଏନା ୪୨ତମ ମିନିଟ୍‌ରେ କରିଥିଲେ। ତାଙ୍କ ଶଟ୍‌କୁ ଉରୁଗୁଏର ଅଭିଜ୍ଞ ଗୋଲକିପର ଫର୍ଣ୍ଣାଣ୍ଡୋ ମୁସଲେରା ରୋକିପାରି ନଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁସଲେରାଙ୍କର ଏହା ତୃତୀୟ ବଡ଼ ଭୁଲ୍ ଥିଲା। ୪୦ ବର୍ଷୀୟ ଗୋଲକିପର ଜଣକ ହାଫ୍‌ଟାଇମ୍‌ରେ ନିଜ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ଆଣିବା ପାଇଁ ଅନୁରୋଧ କରିଥିଲେ, ଯାହା ପରେ ଦ୍ୱିତୀୟ ହାଫ୍‌ରେ ସର୍ଜିଓ ରୋଚେଟ୍ ଗୋଲପୋଷ୍ଟ ସମ୍ଭାଳିଥିଲେ।

**ଗ୍ରୁପ୍ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଲା ଦୁଇ ଥରର ଚାମ୍ପିଅନ୍**

## ପରବର୍ତ୍ତୀ ରାଉଣ୍ଡ୍‌କୁ ଉନ୍ନୀତ 'କେପ୍ ଭର୍ଡେ'




କେପ୍ ଭର୍ଡେ ଫୁଟବଲ୍ ୱାର୍ଲ୍ଡ କପ୍‌ର ନକଆଉଟ୍‌ରେ ପହଞ୍ଚିଥିବା ଦୁନିଆର ସବୁଠାରୁ ଛୋଟ ଦେଶ ସାଜିଛି। ଏହି ଦେଶ ତିନି ପଏଣ୍ଟ ସହ ନିଜ ଗ୍ରୁପ୍‌ର ଅନ୍ୟତମ ଦଳ ସ୍ପେନ୍ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। 'କେପ୍ ଭର୍ଡେ' ଗ୍ରୁପ୍ ଷ୍ଟେଜ୍‌ରେ କ୍ରମାଗତ ତୃତୀୟ ମ୍ୟାଚ୍ ଡ୍ର' ଖେଳି ଏହି ଅବିଶ୍ୱସନୀୟ ସଫଳତା ପାଇଛି। କେପ୍ ଭର୍ଡେ ପ୍ରଥମେ ପ୍ରତିପକ୍ଷ ସ୍ପେନ୍‌କୁ ୦-୦ ରେ ଅଟକାଇଥିଲା। ସେହିପରି ଉରୁଗୁଏ ବିପକ୍ଷ ମ୍ୟାଚ୍‌କୁ ୨-୨ ରେ ଡ୍ର' କରିବାରେ ସଫଳ ହୋଇଥିଲା। ଏତଦ୍‌ବ୍ୟତୀତ ଶୁକ୍ରବାର (୨୬ ଜୁନ୍, ୨୦୨୬) ରାତିରେ ସାଉଦିଆରବ ବିପକ୍ଷ ମ୍ୟାଚ୍ ୦-୦ ରେ ଡ୍ର' ରହିବା ପରେ ଦଳ ପରବର୍ତ୍ତୀ ରାଉଣ୍ଡ୍‌କୁ ଅର୍ଥାତ୍ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି କ୍ଷୁଦ୍ର ଦେଶ ଗ୍ରୁପ୍ 'ଏଁ' ର ଦ୍ୱିତୀୟ ସ୍ଥାନରେ ରହି ରାଉଣ୍ଡ ଅଫ୍ ୩୨ କୁ ଯୋଗ୍ୟତା ଅର୍ଜନ କରିଛି, ଯେଉଁଠାରେ ସେମାନେ ଆର୍ଜେଣ୍ଟିନାକୁ ଭେଟିବେ।

ଆଫ୍ରିକାର ପଶ୍ଚିମ ଉପକୂଳରେ ଅବସ୍ଥିତ ଏହି କ୍ଷୁଦ୍ର ଦ୍ୱୀପପୁଞ୍ଜ ଦେଶ ପ୍ରଥମ ଥର ପାଇଁ ଫୁଟବଲ୍‌ର ଏହି ମହାକୁମ୍ଭରେ ପଦାର୍ପଣ କରିଥିବା ବେଳେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। କେପ୍ ଭର୍ଡେର କୋଚ୍ ବୁବିଷ୍ଟା କହିଛନ୍ତି, 'ଏହି ପର୍ଯ୍ୟାୟରେ ପହଞ୍ଚିଥିବାରୁ ଆମେ ଗର୍ବିତ; ଆମେ ଦେଖାଇ ଦେଇଛୁ ଯେ ଆମେ ଏକ ଛୋଟ ଦେଶ ହୋଇପାରୁ, କିନ୍ତୁ ଆମେ ଯାହା ହାସଲ କରିବାକୁ ଚାହୁଁ, ସେଥିପାଇଁ ଲଢ଼େଇ କରୁ।"

**ଆଜି** (୨୭ ଜୁନ୍, ୨୦୨୬) ଫିଫା ବିଶ୍ୱକପ୍ ୨୦୨୬ ର ଗ୍ରୁପ୍ ପର୍ଯ୍ୟାୟର ଶେଷ ଭାଗରେ କେତେକ ରୋମାଞ୍ଚକର ମ୍ୟାଚ୍ ଖେଳାଯାଇଛି, ଯେଉଁଥିରେ ଫ୍ରାନ୍ସ, ସ୍ପେନ୍ ଏବଂ ବେଲଜିୟମ୍ ଭଳି ବଡ଼ ଦଳଗୁଡ଼ିକ ବିଜୟ ହାସଲ କରି ନକ୍‌ଆଉଟ୍ (ରାଉଣ୍ଡ ଅଫ୍ ୩୨)ରେ ପ୍ରବେଶ କରିଛନ୍ତି। ଏହା ସହିତ କେପ୍ ଭର୍ଡେ ଏବଂ ଇଜିପ୍ଟ ଇତିହାସ ରଚି ପ୍ରଥମ ଥର ପାଇଁ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି।



ଶନିବାର ଖେଳାଯାଇଥିବା ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ଫ୍ରାନ୍ସ ୪ - ୧ ଗୋଲ୍‌ରେ ନରୱେକୁ ପରାସ୍ତ କରିଛି। ବୋଷ୍ଟନ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଫ୍ରାନ୍ସର ଷ୍ଟାର୍ ଫରୱାର୍ଡ ଓସମାନେ ଡେମ୍ବେଲେ ଚମତ୍କାର ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରେ ମାତ୍ର ୨୬ ମିନିଟ୍ ଭିତରେ ଏକ ଦମଦାର ହାଟ୍ରିକ୍ (୩ଟି ଗୋଲ୍) ହାସଲ କରିଥିଲେ। ଏହି ବିଜୟ ସହ ଫ୍ରାନ୍ସ ନିଜ ଗ୍ରୁପ୍‌ରେ ଶୀର୍ଷରେ ରହି ନକ୍‌ଆଉଟ୍‌ରେ ପହଞ୍ଚିଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ବେଲଜିୟମ୍, ପ୍ରତିପକ୍ଷ ନ୍ୟୁଜିଲାଣ୍ଡ୍‌କୁ ୫-୧ ଗୋଲ୍‌ରେ ପରାସ୍ତ କରିଛି। ଏପ୍ରକାର ବଡ଼ ବ୍ୟବଧାନରେ ନ୍ୟୁଜିଲାଣ୍ଡ୍‌କୁ ହରାଇଥିବାରୁ ବେଲ୍‌ଜିୟମ୍ ଗ୍ରୁପ୍ 'ଏ' ର ଶୀର୍ଷ ସ୍ଥାନ ସହ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛି। ବେଲଜିୟମ୍ ପକ୍ଷରୁ ଲିଆଣ୍ଡ୍ରୋ ଟ୍ରୋସାର୍ଡ ୨ଟି ଗୋଲ୍ ଦେଇଥିବା ବେଳେ ଷ୍ଟାର୍ ଖେଳାଳି କେଭିନ ଡି ବ୍ରୁଏନ୍ ଏବଂ ରୋମେଲୁ ଲୁକାକୁ ମଧ୍ୟ ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଅନ୍ୟପକ୍ଷେ ଇଜିପ୍ଟ ଓ ଇରାନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ଟି ୧-୧ ଗୋଲ୍‌ରେ ଡ୍ର' ରହିଛି। ଏହି ଗୋଟିଏ ପଏଣ୍ଟ ସହ ଇଜିପ୍ଟ ପ୍ରଥମ ଥର ପାଇଁ ବିଶ୍ୱକପ୍‌ର ଗ୍ରୁପ୍ ଷ୍ଟେଜ୍ ଅତିକ୍ରମ କରି ନକ୍‌ଆଉଟ୍‌ରେ ପ୍ରବେଶ କରିଛି, ଯେଉଁଠାରେ ସେମାନଙ୍କର ମୁକାବିଲା ଅଷ୍ଟ୍ରେଲିଆ ସହ ହେବ। ଗ୍ରୁପ୍ ପର୍ଯ୍ୟାୟର ଆଜି ଅନ୍ତିମ ଦିବସ ହୋଇଥିବାରୁ ଆଜି ବିଳମ୍ବିତ ରାତିରେ ପାନାମା ବନାମ ଇଂଲଣ୍ଡ (ଗ୍ରୁପ୍ ଏଲ୍), କ୍ରୋଏସିଆ ବନାମ ଘାନା (ଗ୍ରୁପ୍ ଏଲ୍), କଲମ୍ବିଆ ବନାମ ପର୍ତ୍ତୁଗାଲ (ଗ୍ରୁପ୍ କେ), ଜୋର୍ଡାନ୍ ବନାମ ଆର୍ଜେଣ୍ଟିନା (ଗ୍ରୁପ୍ ଜେ) ଇତ୍ୟାଦି ଦଳଙ୍କ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ।

**ଦେଶ ବିଦେଶ**

**ଆଉ ଏକ ପରୀକ୍ଷା କେଳେଙ୍କାରୀ**

# ମହାରାଷ୍ଟ୍ରରେ ଟିଇଟି ପ୍ରଶ୍ନପତ୍ର ଲିକ୍




**ମୁମ୍ବାଇ, ୨୭।୬/ଏଜେନ୍ସି:** ମହାରାଷ୍ଟ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ର ପ୍ରଶ୍ନପତ୍ର ପ୍ରାୟ ୨୪ ଘଣ୍ଟା ପୂର୍ବରୁ ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ଆସନ୍ତା କାଲି ଅର୍ଥାତ୍ ରବିବାର ଦିନ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଶନିବାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଫଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମହାରାଷ୍ଟ୍ର ଷ୍ଟେଟ୍ ଏକ୍‌ଜାମିନେସନ୍ କାଉନ୍‌ସିଲ୍ (ଏମ୍‌ଏସ୍‌ଇସି) ଏହା ପରେ ପରୀକ୍ଷାକୁ ସ୍ଥଗିତ ରଖିଛି। ପରୀକ୍ଷା ପାଇଁ ଆଉଥରେ ନୂଆ ତାରିଖ ଘୋଷଣା କରାଯିବ ବୋଲି କାଉନ୍‌ସିଲ୍ ଦର୍ଶାଇଛି। ପୁଲିସ୍ ସୂଚନାନୁସାରେ ପ୍ରଶ୍ନପତ୍ର ଲିକ୍ ସମ୍ପର୍କୀତ ଅଭିଯୋଗ ମିଳିବା ପରେ ଥାଣେର ଭିୱଣ୍ଡି ଅଞ୍ଚଳର ଅନେକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଥାଣେ ଅଞ୍ଚଳରୁ କିଛି ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ଜବତ କରାଯାଇଥିଲା, ଯାହାକୁ ପରେ ପରେ ଏମ୍‌ଏସ୍‌ଇସିର ଅଧିକାରୀମାନେ ଯାଞ୍ଚ କରିଥିଲେ। ତେବେ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଅନେକ ଲୋକଙ୍କୁ ଅଟକ ରଖାଯାଇଛି, ଯଦିଓ ସେମାନଙ୍କ ସଂଖ୍ୟା ସ୍ପଷ୍ଟ କରାଯାଇନାହିଁ।

ମହାରାଷ୍ଟ୍ରରେ ଶିକ୍ଷକ ହେବା ପାଇଁ କିମ୍ବା ଯେଉଁମାନେ ପୂର୍ବରୁ ସରକାରୀ ଶିକ୍ଷକ ଅଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଟିଇଟି ବାଧ୍ୟତାମୂଳକ ଅଟେ। ତେବେ ଏମ୍‌ଏସ୍‌ଇସି ରିପୋର୍ଟ ଅନୁସାରେ ଚଳିତ ଥର ଟିଇଟି ପରୀକ୍ଷା ପାଇଁ ମୋଟ୍ ୪.୨୮ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ହେବାର ଥିଲା। ସେହିପରି ବ୍ୟାପକ ବ୍ୟବସ୍ଥା ସହ ୧,୭୨୯ କେନ୍ଦ୍ରରେ ପରୀକ୍ଷା କରିବା ନେଇ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇସାରିଥିଲା। ଏହି ପରୀକ୍ଷାକେନ୍ଦ୍ରଗୁଡ଼ିକରେ ପ୍ରାୟ ୧୮,୦୦୦ ଏଆଇ ଆଧାରିତ ସିସିଟିଭି କ୍ୟାମେରା ଲଗାଯାଇଥିଲା। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ଉପରେ ରାଜ୍ୟ ଏବଂ ଜିଲ୍ଲା କଣ୍ଟ୍ରୋଲ୍ ରୁମ୍‌ରୁ ନଜର ରଖାଯିବାର ବ୍ୟବସ୍ଥା କରାଯାଇଥିଲା। ଏପରିକି ମେଟାଲ୍ ଡିଟେକ୍ଟର ଦ୍ୱାରା ଯାଞ୍ଚ ସାଙ୍ଗକୁ ପରୀକ୍ଷାର୍ଥୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଏବଂ ଫେସ୍ ରିକଗ୍ନିସନ୍ (ଚେହେରା ଚିହ୍ନଟ) ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ସ୍ପଷ୍ଟ ହୋଇଛି। ୨ ସେପ୍ଟେମ୍ବର ୨୦୨୫ରେ ଏକ ମାମଲା ଉପରେ ଶୁଣାଣି କରିବା ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି ଯେ ଶିକ୍ଷକମାନଙ୍କୁ ଟିଇଟି ପାସ୍ କରିବା ବାଧ୍ୟତାମୂଳକ। ଶିକ୍ଷକମାନଙ୍କୁ ଚାକିରିରେ ରହିବା ପାଇଁ କିମ୍ବା ପଦୋନ୍ନତି (ପ୍ରମୋସନ) ପାଇଁ ଟିଇଟି (ଶିକ୍ଷକ ଯୋଗ୍ୟତା ପରୀକ୍ଷା) ପାସ୍ କରିବା ଜରୁରୀ। ଜଷ୍ଟିସ ଦୀପାଙ୍କର ଦତ୍ତ ଏବଂ ଜଷ୍ଟିସ ମନମୋହନଙ୍କ ବେଞ୍ଚ କହିଥିଲେ ଯେ ଯେଉଁ ଶିକ୍ଷକମାନଙ୍କର ଚାକିରି ୫ ବର୍ଷରୁ ଅଧିକ ବାକି ଅଛି, ସେମାନେ ସମସ୍ତେ ଏହି ନିୟମର ପରିସରଭୁକ୍ତ ହେବେ। ଏହିକ୍ରମେ ସୁପ୍ରିମକୋର୍ଟ ଟିଇଟି ପାସ୍ କରିବାର ସମୟ ସୀମା ୩୧ ଅଗଷ୍ଟ ୨୦୨୭ ରୁ ବଢ଼ାଇ ୩୧ ଅଗଷ୍ଟ ୨୦୨୮ କରିଦେଇଛନ୍ତି। ଟିଇଟି ପାସ୍ ନ କରିଥିବା ଲୋକଙ୍କୁ ହୁଏତ ଇସ୍ତଫା ଦେବାକୁ ପଡ଼ିବ ନଚେତ୍ ବାଧ୍ୟତାମୂଳକ ଅବସର ନେବାକୁ ହେବ। କୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ ନିଜର ବିଶେଷ ଅଧିକାର ପ୍ରୟୋଗ କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଦେଶରେ ୧୦ଟି ବଡ଼ ପେପର ଲିକ୍ ମାମଲା ସାମ୍ନାକୁ ଆସିଛି। ଏଥିମଧ୍ୟରେ ରାଜସ୍ଥାନର ରିଟ୍, ୟୁପି ପୁଲିସ୍ କନଷ୍ଟେବଳ ନିଯୁକ୍ତି ପରୀକ୍ଷା ଏବଂ ନିକଟରେ ମେ ୨୦୨୬ରେ ହୋଇଥିବା ନିଟ୍ ୟୁଜି ଭଳି ବଡ଼ ବଡ଼ ପରୀକ୍ଷା ସାମିଲ ରହିଛି।

**ପରୀକ୍ଷାକୁ ସ୍ଥଗିତ ରଖିଲେ ରାଜ୍ୟ ସରକାର, ନୂଆ ତାରିଖ ଘୋଷଣା କରିବ ଏମ୍‌ଏସ୍‌ଇସି**




**ହର୍ମୁଜ୍‌ରେ ଟୋଲ୍ ଟ୍ୟାକ୍ସ ଆଦାୟକୁ ନେଇ ତେଜୁଛି ବିବାଦ**

# ଜିଦ୍‌ରେ ଅଟଳ ଇରାନ୍, ଶୁଳ୍କକୁ ଟ୍ରମ୍ପଙ୍କ ନା



**ତେହରାନ୍,ୱାଶିଂଟନ, ୨୭।୬/ଏଜେନ୍ସି:** ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଆଲୋଚନା ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଯିବାକୁ ନେଇ ଏକ ବଡ଼ ଅନ୍ତର୍ଜାତୀୟ ବିବାଦ ଦେଖାଦେଇଛି। ବାସ୍ତବରେ ଇରାନ ଘୋଷଣା କରିଛି ଯେ ଏହା ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣରେ ରଖିବ ଏବଂ ଏହି ଜଳପଥର ପରିଚାଳନା ଖର୍ଚ୍ଚ ଉଠାଇବା ପାଇଁ ଜାହାଜଗୁଡ଼ିକ ଉପରେ 'ସାମୁଦ୍ରିକ ସେବା ଶୁଳ୍କ' ଲାଗୁ କରିବ। ଇରାନର ଯୁକ୍ତି ଅନୁଯାୟୀ, ଜଳପଥର ସୁରକ୍ଷା ଏବଂ ପରିବେଶର ଯତ୍ନ ନେବା ପାଇଁ ଏହି ଅର୍ଥ ଆଦାୟ କରାଯିବ। କିଛି ରିପୋର୍ଟ ଅନୁଯାୟୀ, ଏହି ରୁଟ୍ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇ ଇରାନ ବାର୍ଷିକ ପ୍ରାୟ ୪୦ ବିଲିୟନ ଡଲାର (ପ୍ରାୟ ୪,୦୦୦ କୋଟି ଡଲାର) ରୋଜଗାର କରିବାକୁ ଲକ୍ଷ୍ୟ ରଖିଛି। କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମର ଦାବି ଅନୁଯାୟୀ, ଇରାନ କେତେକ ବଡ଼ ଜାହାଜ ପାଇଁ ଏହି ଶୁଳ୍କର ପରିମାଣ ପ୍ରାୟ ୨ ମିଲିୟନ ଡଲାର (୨୦ ଲକ୍ଷ ଡଲାର) ପର୍ଯ୍ୟନ୍ତ ରଖିବାକୁ ଯୋଜନା କରୁଛି। ଏପରିକି ଇରାନର ରିଭୋଲ୍ୟୁସନାରୀ ଗାର୍ଡସ (ଆଇଆର୍‌ଜିସି) ଚେତାବନୀ ଦେଇଛି ଯେ ସେମାନଙ୍କ ଅନୁମତି ବିନା କୌଣସି ଜାହାଜ ଏହି ପ୍ରଣାଳୀ ପାର ହୋଇପାରିବେ ନାହିଁ ଏବଂ ନିୟମ ଉଲ୍ଲଂଘନ କଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ଯେ ହର୍ମୁଜ ପ୍ରଣାଳୀରେ କୌଣସି ପ୍ରକାରର ଶୁଳ୍କ କିମ୍ବା ଟୋଲ୍ ଟ୍ୟାକ୍ସ ଆମେରିକା ପାଇଁ ଗ୍ରହଣୀୟ ନୁହେଁ। ଯଦି ଇରାନ ଏଭଳି କୌଣସି ଟ୍ୟାକ୍ସ ଆଦାୟ କରେ, ତେବେ ଆମେରିକା ତୁରନ୍ତ ସମସ୍ତ ପ୍ରକାରର ଶାନ୍ତି ଆଲୋଚନା ବାତିଲ୍ କରିଦେବ। ଆମେରିକା ଏହାକୁ ଏକ ଅନ୍ତର୍ଜାତୀୟ ଜଳପଥ ବୋଲି କହିଛି, ଯେଉଁଠି ସମସ୍ତଙ୍କର ମୁକ୍ତ ଯାତାୟାତର ଅଧିକାର ରହିଛି। ସେହିପରି ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନକୁ ଏହି ଅନ୍ତର୍ଜାତୀୟ ବାଣିଜ୍ୟ ରୁଟ୍‌ରୁ ଅର୍ଥ ଆଦାୟ କରିବାକୁ ଅନୁମତି ଦିଆଯାଏ, ତେବେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମଧ୍ୟ ନିଜ ନିକଟରେ ଥିବା ସମୁଦ୍ର ପଥ ଉପରେ ଟ୍ୟାକ୍ସ ଲଗାଇବା ଆରମ୍ଭ କରିଦେବେ, ଯାହା ବିଶ୍ୱ ବାଣିଜ୍ୟକୁ ବିପଦରେ ପକାଇବ। ସାଉଦି ଆରବ ସମେତ ଅନ୍ୟ ଗଲ୍ଫ ଦେଶଗୁଡ଼ିକ ମଧ୍ୟ ଇରାନର ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି।

ପ୍ରକାଶ, ହର୍ମୁଜ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯେଉଁଠାରୁ ସାରା ବିଶ୍ୱର ପ୍ରାୟ ୨୦% ରୁ ୩୦% ଅଶୋଧିତ ତୈଳ ଏବଂ ଏଲ୍‌ଏନ୍‌ଜି ପରିବହନ ହୋଇଥାଏ। ଇରାନର ଏହି ଟ୍ୟାକ୍ସ ଯୋଜନା ଏବଂ ସେଠାରେ ଉପୁଜିଥିବା ଉତ୍ତେଜନା କାରଣରୁ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି, ଯାହା ଭାରତ ସମେତ ଅନେକ ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଇପାରେ। ତେବେ ଏସବୁ ମଧ୍ୟରେ ଏକ ଆଶ୍ୱସ୍ତିକର ବିଷୟ ହେଉଛି ଯେ, ଓମାନ ଏହି ପ୍ରଣାଳୀ ନିକଟରେ ଜାହାଜ ଚଳାଚଳ ପାଇଁ ଏକ ଅସ୍ଥାୟୀ ବିକଳ୍ପ ରୁଟ୍ ପ୍ରସ୍ତୁତ କରିଛି ଏବଂ ସେଠାରେ କୌଣସି ପ୍ରକାରର ଟୋଲ୍ କିମ୍ବା ଫିସ୍ ନିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛି।

# ୩ ଦିନିଆ ସେସେଲ୍ସ ଗସ୍ତରେ ମୋଦୀ

**କଇଁଛମାନଙ୍କୁ ପତ୍ର ଖୁଆଇବାର ମଜା ଉଠାଇଲେ**



**ଭିକ୍ଟୋରିଆ, ନୂଆଦିଲ୍ଲୀ, ୨୭।୬/ଏଜେନ୍ସି:** ଶନିବାର ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିନି ଦିନିଆ ସେସେଲ୍ସ ଗସ୍ତ ଆରମ୍ଭ ହୋଇଛି। ରିପୋର୍ଟ ଲେଖାହେବା ବେଳକୁ ପ୍ରଧାନମନ୍ତ୍ରୀ ମୋଦୀ ଅପରାହ୍ନ ସୁଦ୍ଧା ହିନ୍ଦ୍ ମହାସାଗରରେ ଅବସ୍ଥିତ ଦେଶ ସେସେଲ୍ସରେ ପହଞ୍ଚି ସାରିଥିବା ସୂଚନା ମିଳିଛି। ରାଜଧାନୀ ଭିକ୍ଟୋରିଆ ସ୍ଥିତ ବିମାନବନ୍ଦରରେ ସେସେଲ୍ସ ରାଷ୍ଟ୍ରପତି ଡ. ପ୍ୟାଟ୍ରିକ୍ ହର୍ମିନି ତାଙ୍କୁ ସ୍ୱାଗତ କରିଥିଲେ ଏବଂ ଦୁଇ ନେତା ସେଠାରୁ ସିଧାସଳଖ ନ୍ୟାସନାଲ୍ ବଟାନିକାଲ୍ ଗାର୍ଡେନ ଯାଇ ସେଠାରେ 'ଏଲଡାବ୍ରା ଜାଏଣ୍ଟ' (ବିଶାଳକାୟ) କଇଁଛମାନଙ୍କୁ ପତ୍ର ଖୁଆଇଥିଲେ। ମୋଦୀ ଜୁନ୍ ୨୯ରେ ସେସେଲ୍ସର ୫୦ତମ ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହିନ୍ଦ ମହାସାଗରରେ ଅବସ୍ଥିତ ଏହି କ୍ଷୁଦ୍ର ଦ୍ୱୀପପୁଞ୍ଜ ଦେଶ ସହିତ ଭାରତର ସମ୍ପର୍କ କେବଳ ରଣନୀତିକ ନୁହେଁ, ବରଂ ୨୫୬ ବର୍ଷ ପୁରୁଣା ମଧ୍ୟ ଅଟେ। ବର୍ଷ ୧୭୭୦ ରେ ଯେତେବେଳେ ଏଠାରେ ପ୍ରଥମ ସ୍ଥାୟୀ ବସତି ସ୍ଥାପନ କରାଯାଇଥିଲା, ସେତେବେଳେ ସେଠାରେ ପହଞ୍ଚିଥିବା ୨୭ଜଣ ଲୋକଙ୍କ ମଧ୍ୟରେ ୫ ଜଣ ଭାରତୀୟ ସାମିଲ ଥିଲେ। ପରବର୍ତ୍ତୀ ସମୟରେ ବିହାର, ତାମିଲନାଡୁ ଏବଂ ଗୁଜରାଟରୁ ମଧ୍ୟ ବହୁ ସଂଖ୍ୟାରେ ଭାରତୀୟ ଏଠାକୁ ଆସି ବସବାସ କଲେ। ଆଜି ସେସେଲ୍ସର ପ୍ରାୟ ୧.୨୦ ଲକ୍ଷ ଜନସଂଖ୍ୟା ମଧ୍ୟରେ ପାଖାପାଖି ପ୍ରତ୍ୟେକ ୮ ଜଣରେ ଜଣେ ନାଗରିକ ଭାରତୀୟ ବଂଶୋଦ୍ଭବ ଅଟନ୍ତି। ତେବେ ମୋଦୀଙ୍କ ଏହି ଗସ୍ତ ଦୁଇ ଦେଶର ଐତିହାସିକ, ସାଂସ୍କୃତିକ ଏବଂ ରଣନୀତିକ ସମ୍ପର୍କକୁ ଏକ ନୂଆ ଶକ୍ତି ପ୍ରଦାନ କରିବ ବୋଲି ମନେକରାଯାଉଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra